ଆନନ୍ଦ ଚନ୍ଦ୍ର ପାତ୍ର

ମୁହଁସଂଜ

ଓ ଅନ୍ୟାନ୍ୟ ଗଳ୍ପ

ଆନଂଦ ଚଂଦ୍ର ପଣ୍ଡ

Digitized by srujanika@gmail.com

ମୁଦ୍ରଣ : ୧୯୮୭
ମୂହଁସଂଜ (କ୍ଷୁଦ୍ରଗଳ୍ପ ସଙ୍କଳନ)

ଗାଳ୍ପିକ :
ଆନଂଦ ଚଂଦ୍ର ପହି

ପ୍ରକାଶିକା :
ଅରୁନ୍ଧତୀ ପହି
ଘର ନଂ–୧୭୯, ଟାଇପ–ଇ
ଇଉନିଟ୍–୮, ଭୁବନେଶ୍ୱର

ଚିତ୍ରଶିଳ୍ପୀ :
ଅଧ୍ୟାପକ ବଳଦେବ ମହାରଥୀ

ମୁଦ୍ରଣ :
ମ୍ୟାଗ୍ନମ୍ ପ୍ରିଣ୍ଟର୍ସ
୨୦, ଜନପଥ, ବାପୁଜୀନଗର
ଭୁବନେଶ୍ୱର

ମୂଲ୍ୟ :
ଅଠର ଟଙ୍କା ପଚାଶ ପଇସା

Edition : 1987
MUHANSANJA(Story Collection)

Story Writer :
Ananda Chandra Pahi

Publisher :
Arundhati Pahi
Qr No 179, Type—E
Unit—8, Bhubaneswar

Cover Design :
Baladev Maharatha

Printing :
Magnum Printers,
20, Janpath Bapujinagar,
Bhubaneswar

Price :
Rupees Eighteen & Paise Fifty

Digitized by srujanika@gmail.com

ବାପା
ଓ
ବୋଉଙ୍କ ସ୍ମୃତିରେ

ଆନଂଦ ଚଂଦ୍ର ପହି

Digitized by srujanika@gmail.com

ନିଜକଥା

ଏ ପୁସ୍ତକରେ ଥିବା ଗଳ୍ପ ଗୁଡ଼ିକ ସମ୍ପର୍କରେ ମୁଁ ଗଳ୍ପ ଲେଖିବାକୁ ଯାଉନାହିଁ । କୌଣସି ଗଳ୍ପର ଚରିତ୍ର ଭିତରେ ମୁଁ ଠିଆ ହୋଇନାହିଁ । ତେଣୁ ମୋ ମୁହଁରୁ କିଛି ଶୁଣାଇଁ ଆପଣଙ୍କୁ ବୋର୍ କରିବା ମୋର ଇଚ୍ଛାନୁହେଁ । ଗଳ୍ପର ଚରିତ୍ରମାନେ ଆପଣଙ୍କ ମୁହାଁ ମୁହିଁ ହେବେ ! ନିଜ କଥା ନିଜେ କହିବେ ।

ସଙ୍କଳିତ ଗଳ୍ପ ଗୁଡ଼ିକ ବିଭିନ୍ନ ମାସିକ ସାହିତ୍ୟ ପତ୍ରିକାରେ ପ୍ରକାଶିତ । ଅବଶ୍ୟ ଗଳ୍ପଗୁଡ଼ିକୁ ପୁସ୍ତକରେ ସ୍ଥାନ ଦେବା ପୂର୍ବରୁ ସେଥିରେ କେତେକ ସଂଶୋଧନ ଓ ପରିବର୍ତ୍ତନ କରିବାକୁ ପଡ଼ିଛି ।

ଏ ଗଳ୍ପଗୁଡ଼ିକ ଲେଖିବାପାଇଁ ମୋତେ ଉତ୍ସାହ ଓ ପରାମର୍ଶ ଦେଇଛନ୍ତି ବିଶିଷ୍ଟ କଥାକାର ଆଡ୍‌ଭୋକେଟ୍ ରମେଶଚନ୍ଦ୍ର ଧଳ, ଲବ୍‌ଧ ପ୍ରତିଷ୍ଠ ଔପନ୍ୟାସିକ ଦେବ୍ରାଜ ଲେଙ୍କା, ଯଶସ୍ୱୀ ନାଟ୍ୟକାର ଓ ଗାଳ୍ପିକ ଗୋପାଳଚନ୍ଦ୍ର ପଟ୍ଟନାୟକ, ସାହିତ୍ୟାନୁରାଗୀ ବ୍ରହ୍ମଚାରୀ ପ୍ରଶାନ୍ତ ମିଶ୍ର, ନାଟ୍ୟକାର ଓ ଗାଳ୍ପିକ ଗୁଣନିଧି ଜେନା, ନାଟ୍ୟକାର ରଘୁନାଥ ରାଉତ, ଗାଳ୍ପିକ ରବି ସାମଲ, ଔପନ୍ୟାସିକ ନରସିଂହ ମିଶ୍ର, ଲଳିତ ନିବନ୍ଧକାର ବୈଷ୍ଣବ ମହାନ୍ତି, ପ୍ରାବନ୍ଧିକ ଡ଼କ୍ଟର ସୁରେନ୍ଦ୍ର ମହାରଣା, କବି ଚୈତନ୍ୟ ମହାନ୍ତି, ସାହିତ୍ୟିକ ସରୋଜ ମିଶ୍ର, ସଜିବନୀର ସମ୍ପାଦକ ଗଣେଶ ପରିଡ଼ା । ଏମାନଙ୍କୁ ମୋର ଆନ୍ତରିକ କୃତଜ୍ଞତା ।

ପୁତ୍ର ଆଶିଷ, ଝିଅ ଅନୁକମ୍ପା ଓ ଆକାଶ ଏବଂ ପତ୍ନୀ ଅରୁନ୍ଧତୀ "ମୁହିଁସଂଜ"ର ପ୍ରକାଶ ପାଇଁ ବିଭିନ୍ନ ଦିଗରୁ ସାହାଯ୍ୟ କରିଥିବାରୁ ସେମାନଙ୍କୁ ଧନ୍ୟବାଦ ଜଣାଉଛି ।

ନିହାଲ ପ୍ରସାଦ
ଢେଙ୍କାନାଳ

ଆନଂଦ ଚଂଦ୍ର ପାହି

Digitized by srujanika@gmail.com

ଗଳ୍ପସୂଚୀ : ପୃଷ୍ଠା ସଂଖ୍ୟା

- ମରଣ ତାତି ୧
- ବିଶ୍ୱାସର ଚଉହଦୀ ୧୫
- ମୁହଁସଞ୍ଜ ୨୩
- ଏକୁଟିଆ ମଣିଷ ଆଡକୁ ଲମ୍ବି ଆସୁଥିବା ହାତମାନେ ୩୬
- ଶୋଷ ୪୮
- ଡ଼ାଏଲ୍‌ଟୋନ୍ ୫୬
- ପାଦତଳ ଭୂଇଁ ୬୭
- ଏ ବରଷା ଥମିବାର ନୁହେଁ ୭୭
- ସମ୍ପର୍କର ତିନିଧାର ୮୫
- ଆସନ ବଦଳ ୯୯

Digitized by srujanika@gmail.com

ମରଣ ଡାଏ

ହେରମ୍ବ !

ଛୋଟ ଛୋଟ ପାପକୁ ଭୁଲି ହୁଏ । ବଡ ପାପ, ମସ୍ତବଡ ପାପ କଲେ ମୁଣ୍ଡ ଘୂରଏ,ପାପର ବିଷରେ । ଛୋଟ ଛୋଟ ପାପମାନେ ଛୋଟରୁ ଛୋଟ ଦିଶନ୍ତି ଆଖିକି । କ୍ରମେ କ୍ରମେ ଅଦୃଶ୍ୟ ହୋଇଯାନ୍ତି । ମିଶିଯାଆନ୍ତି ପବନରେ ।

ପିଲାଦିନେ କଙ୍କି, ପ୍ରଜାପତି, ଗୁଞ୍ଜର ଧରିବା, ଢେଙ୍କିରେ କୁକୁଡାବେକ ମୋଡ଼ିବା, ବନସି କଣ୍ଟାରେ ଜିଆ ଗୁନ୍ଥି ମାଛଧରିବା ଇତ୍ୟାଦି ପାପ ବୋଲି ଜୀବନର ପ୍ରଥମ ଛକରେ ଠିଆହୋଇ ପଛକୁ ଚାହିଁଲାବେଳେ ମୋ ମନକୁ କିଛିଟା ଆନ୍ଦୋଳିତ କରିଥିଲା ।

କିନ୍ତୁ ପଛରୁ ମୁହଁ ଫେରାଇ ଆଗକୁ ମାଡ଼ିଗଲାବେଳେ ତା'ଠୁ ବଡ ପାପ ସବୁ ହାତକୁ ଆସିଗଲେ । ପାପ ବୋଲି ଜାଣିବି ସେସବୁକୁ ମୁଠେଇ ଧରିଛି । କାରଣ ସେ ପାପମାନେ ହାତକୁ, ମନକୁ ମୁଲାଏମ ଲାଗୁଥିଲେ । ଆଖିକୁ ଖୁବ୍ ଆକର୍ଷଣୀୟ ଦିଶୁଥିଲେ । ଆନନ୍ଦରେ ପାଟି ମିଠା ମିଠା ଲାଗୁଥିଲା । ଉତ୍ତେଜନାରେ ହାତ ମୁଠା ମୁଠା ହୋଇ ଯାଉଥିଲା । ଆବେଗରେ ଶ୍ୱାସରୁଦ୍ଧ ହୋଇ ଯାଉଥିଲା । ଭିତରୁ ଇଚ୍ଛାଟା ଦୁର୍ବାର ଗତିରେ ଲମ୍ଫ ମାରୁଥିଲା, ହେଣ୍ଟାଳୁ ଥିଲା ରହି ରହି ।

ମୋ ବୟସ ବଢିବା ସଙ୍ଗେ ସଙ୍ଗେ ମୋ ଭିତର ପାପମାନଙ୍କର ବୟସ ବି ବଢୁଥିଲା । ଏ ପର୍ଯ୍ୟନ୍ତ ମୋ ସାଙ୍ଗ ଛାଡ଼ିନଥିବା ପାପମାନେ ଏକାଠି ପିଣ୍ଡୁଳାଟିଏ ହୋଇ ମୋ କଡେ କଡେ ପେଣ୍ଡୁଟିଏ ପରି ଗଡ଼ି ବୁଲିଛନ୍ତି । ମୋ ଆଖିରେ ସିଏ ଆଉ ପାପ ପେଣ୍ଡୁ ନୁହେଁ । ଖାଲି ପେଣ୍ଡୁ । ଖେଳ ପେଣ୍ଡୁ ।

ଏଇଲେ ପାପମାନେ ମୋ ପାଖକୁ ଆଉ ପାପ ଭାବରେ ଆସୁନାହାନ୍ତି । ସେମାନଙ୍କ ମୁହଁ ସବୁ ମୋ ବନ୍ଧୁମାନଙ୍କ ମୁହଁ ପରି ସୁନ୍ଦର, ପ୍ରିୟ । ପାପର ସଂଜ୍ଞା ମୋର ଆଉ ମୋତେ ମନେପଡୁ ନାହିଁ ।

Digitized by srujanika@gmail.com

ମନ୍ଦିର ତୋଳିବା ପୁଣ୍ୟକାମ ବୋଲି ମୁଁ ପଢିଥିଲି । ଏବେ ବି ମନ୍ଦିର ତୋଳା ଚାଲିଛି । ଏ ମନ୍ଦିର ତୋଳା କ'ଣ ପାଇଁ ଚାଲିଛି ? ଠାକୁରଙ୍କୁ ଖରା, ବର୍ଷା, ଶୀତ କାକରରୁ ରକ୍ଷା କରିବାକୁ ନା ମନ୍ଦିର ବାହାରେ ଠାକୁର ନାହାନ୍ତି ବୋଲି ପ୍ରମାଣ କରିବାକୁ ? ନା ଠାକୁରଙ୍କୁ ମନ୍ଦିର ଭିତରେ କାରାରୁଦ୍ଧ କରି ମନ୍ଦିର ବାହାରେ ବ୍ୟଭିଚାର କରିବାକୁ ?

ପାପ କାହାକୁ କହିବି ଧର୍ମ କାହାକୁ କହିବି ? ମନ୍ଦିର ତୋଳିବା ପାପ କାମ ବୋଲି ମୁଁ କଣ କହି ପାରିବି ?

ପାପକୁ ମୁଁ ଆଉ ମୋଟେ ଭୟ କରୁନାହିଁ କି ଘୃଣା କରୁନାହିଁ । କାରଣ ଏମିତି ପୋଷାକ ନାହିଁ ପାପ ଯେଉଁ ପୋଷାକ ନ ପିନ୍ଧିଛି । ଏବେ ତ ଯିଏ ଯେଉଁ ପୋଷାକ ପିନ୍ଧିଲା ତାକୁ ସେଇୟା ଭାବରେ ଗ୍ରହଣ କରିବାକୁ ହିଁ ହେଉଛି ।

ମୁଁ ଯଦି ପାପକୁ ଭୟ କରିବାକୁ ଆରମ୍ଭ କରିବି ତେବେ ସବୁକୁ, ସମସ୍ତଙ୍କୁ ଭୟକରିବି । କେବଳ ଭୟରେ ମୋ ଜୀବନ କଟିବ । ଜୀବନର ଅନ୍ୟନାମ ଭୟ ହୋଇଯିବ ।

ମୁଁ ଯାହା ଲେଖିବାକୁ ମୋ ଜୀବନର ଏ ଚରମ ମୁହୂର୍ତ୍ତରେ ଚିଠି ଲେଖୁଛି ସେକଥା ଏଯାଏ ନଲେଖି ଏଣୁ ତେଣୁ କ'ଣ ଗୁଡାଏ ଲେଖି ଚାଲିଛି ।

ତୁ ହଠାତ୍ ଚମକି ପଡ଼ିବୁ ମୋର ଫଇସଲା ଶୁଣି । ମୁଁ ସ୍ଥିର କରିସାରିଛି ଆସନ୍ତାକାଲି ଠିକ୍ ସକାଳ ସାତଟା ବେଳେ ମୁଁ ଆତ୍ମହତ୍ୟା କରିବି ଆଠ ନମ୍ବର ଇଉନିଟର ମୋ ସରକାରୀ ବାସଭବନରେ ।

ତୁ ଚିଠି ପାଇବୁ ସନ୍ଧ୍ୟା ୭ ଟାରେ । ଆସି ଦେଖିବୁ ମୋ ଶବ ।

ତୁ ଭାବୁଥିବୁ କୌଣସି ଝିଅର ପ୍ରେମରେ ଭାବପ୍ରବଣ ହୋଇ ଅନେକବାଟ ଆଗେଇ ଗଲାପରେ ଆଉ ଆଗକୁ ବଢି ହେଉ ନାହିଁ କି ପଛକୁ ଫେରି ହେଉ ନାହିଁ କିମ୍ବା ସେ ବାଟରୁ ପାଦ ଉଠେଇ ହେଉ ନାହିଁ । ଏମିତି ଏକ ବହୁ ଛକି ରାସ୍ତାରେ ଠିଆହୋଇ କୌଣସି ନିଷ୍ପତ୍ତି ନ ନେଇ ପାରି ସେଥିରୁ ପଳାୟନର ଏ ପନ୍ଥା ଧରିଛି ।

Digitized by srujanika@gmail.com

ନାଁ ସେ ସବୁ ଝିଅ ଧନ୍ଦା ମୁଁ ଅନେକ ଦିନରୁ ଛାଡ଼ିଦେଇଛି । ଝିଅମାନଙ୍କୁ ନେଇ ତୋପରି କି ମୋର ଅନ୍ୟ ସାଙ୍ଗମାନଙ୍କ ପରି ମୁଁ ଘର ବସେଇ ପାରିବି ନାହିଁ । ସ୍ୱାମୀ, ସ୍ତ୍ରୀ ଦୁଇ ଜଣଙ୍କ ଭିତରୁ ଜଣଙ୍କୁ ମରିବାକୁ ପଡେ । ଜଣେ ଆଉ ଜଣଙ୍କର ଡମି ହୋଇଯାଏ ।

ମୁଁ ମୋଟେ ଡମି ହୋଇ ପାରିବିନାହିଁ । ସେଇଥିପାଇଁ ମୁଁ ମୋଟେ ବ୍ରିଜ୍ ଖେଳେନା କି ବିବାହ କରିନାହିଁ ।

ସେ ଦିନର ଘଟଣା ତୁମେସବୁ କେମିତି ଭୁଲିଗଲ କେଜାଣି ? ସେଇଦିନଠୁ ଆଜିପର୍ଯ୍ୟନ୍ତ ମୁଁ ଅସ୍ଥିର ଜୀବନ କଟାଉଛି । ସେଦିନ ସନ୍ଧ୍ୟାର ବୟସ ଆଜିକି କେତେ ହେଲଣି ? ବୋଧହୁଏ ଚାରିମାସ ।

ଏଇ ଚାରିମାସ ମୋ ମନଟାକୁ କେତେ ପରସ୍ତକରି ଚିରିଛି, ଚେକିଛି, କରତ୍ତିଛି କେବଳ ମୁଁ ଜାଣେ । ଏତେ ଛେଷ୍ଟ, କୁଟା ଭିତରେ ଗୋଟେ ମନର ଆଉ କଣଟେ ରହିବ ଯେ ସିଏ ମଣିଷଟାଏ ଚଳେଇବ ?

ସେଦିନ ସନ୍ଧ୍ୟାରେ ଚା ଦୋକାନରେ ତୁ, ମନୋହର ଶୁଭ୍ରାଂଶୁ ଆଉ ମୁଁ ଥିଲେ । ଗରମ ପକୁଡ଼ି ଛାଣୁଥିଲା ଦୋକାନୀ ନରହରି । ଆମେ ଖାଉଥିଲେ । ଏତିକିବେଳେ ଦୋକାନ ଭିତରକୁ ଯମଦୂତ ପରି ପଶି ଆସିଲା ଗୁଣ୍ଡା ଜଗଦୀଶ । ହାତରେ ଧାରୁଆ ଛୁରି । ଆଖି ଦିଟା ତା'ର ମଟର ଲାଇଟ୍ ପରି ଜଳୁଥିଲା ।

ଆମ ପାଟି ଭିତରେ ପକୁଡ଼ି ଚୋବା ବନ୍ଦ ହୋଇଗଲା । ବେଞ୍ଚ୍ ଛାଡ଼ି ଆମେ ଚାରିଜଣ ଠିଆହୋଇ ପଡ଼ିଲେ ।

ଦୋକାନୀ ନରହରି ହାତରୁ ପକୁଡ଼ିଛଣା ଜାଲିଚଟୁ ଖସିପଡ଼ିଲା । ଠିଆ ଠିଆ ତେଲ କଡେଇରେ ପରିସ୍ରା କରିପକାଇଲା ସିଏ ।

କିଛି କଥାବାର୍ତ୍ତା ନକରି ଛୁରିଟା ନରହରି ଛାତିରେ ପୋତି ଦେଇ କାଢିନେଲା ଜଗଦୀଶ । ରକ୍ତର ସୁଅ ଛୁଟିଲା ଦୋକାନରେ । ନରହରି ଟଳିପଡ଼ି ଚିତ୍କାର କରୁଥିଲା । ଜଗଦୀଶ ଆମ ଚାରିଜଣଙ୍କୁ ବଡ ବଡ ଆଖି କାଢି ଚାହିଁଲା । ବିଜୁଳି ବେଗରେ ମିଶିଗଲା ପିଚୁରାସ୍ତାର ମଣିଷମାନଙ୍କ ମେଳରେ ।

Digitized by srujanika@gmail.com

ଡାକ୍ତରଖାନାରେ ପୋଲିସ୍‌କୁ କେବଳ ନାଆଁ କହିସାରିବା ପରେ ନରହରିର ମୃତ୍ୟୁ ହେଲା ।

ନରହରିର ମୃତ୍ୟୁବେଳକୁ ବୟସ କେତେ ଏମିତି ହେବ ? ପଚିଶିରିଶ କି ଛତିଶ ଚ ? ତାର ବିଧବା ସ୍ତ୍ରୀ, ପାଞ୍ଚବର୍ଷର ପୁଅ ଓ ଆଠ ବର୍ଷର ଝିଅ । ଜମିବାଡ଼ି କିଛି ନାହିଁ । କେବଳ ଚା' ଜଳଖିଆ ଦୋକାନ କରି ଚଳୁଥିଲା ।

ତୁ କେବେ ସେଇ ଚା' ଦୋକାନକୁ ଗଲେ ଦେଖିବୁ ନରହରି ସ୍ଥାନରେ ତା ସ୍ତ୍ରୀ ବସିଛି, ହାତରେ ପକୁଡ଼ି ଛଣା ଚଟୁ ଧରି ।

ଆଖି ଆଗରେ ଗୋଟେ ଲୋକ ମର୍ଡର ହେବାର ଦୃଶ୍ୟ ଆମ ଚାରିଜଣଙ୍କ ଆଠଟି ଆଖି ସେଦିନ ପ୍ରତ୍ୟକ୍ଷ କରିଥିଲା । ମୋପରି ତୁମ ତିନିଜଣଙ୍କ ଆଖି ଗୁଡ଼ିକ ସେଦିନ ବଡ ବଡ ହୋଇଯାଇଥିଲା । କଞ୍ଚାମାଟି ପରି ଛାତି ଭିତର ନୁତୁପୁତୁ ହେଉଥିଲା । ଆମ ଚାରିଜଣଙ୍କ ଦେହରେ ଜୀବନ ନଥିଲା । ଆମେ ଚାରିଟା ମାଟି ମଣିଷ ପାଲଟି ଯାଇଥିଲେ ।

ତୁ ଜାଣିଚୁ ନା ନାହିଁ ଜଗଦୀଶ ନରହରିକୁ କାହିଁକି ମର୍ଡର କଲା ? ତୁ ଜାଣିଥିବୁ ନିଶ୍ଚୟ । ନହେଲେ ତୁ କାହିଁକି ପୋଲିସ୍ ଆଗରେ ସେଦିନ ତାହା ମିଛଗୁଡା କହିଗଲୁ ।

ଏମିତି ଆଉ ଗୋଟେ ମର୍ଡର କରିଥିଲା ଜଗଦୀଶ । ସରକାରୀ ଚାକିରିଆଙ୍କ କଲୋନୀ ଭିତରେ ପଶି, ଦିନ ଦିପହରେ ଶହ ଶହ ପୁରୁଷ, ସ୍ତ୍ରୀ, ପିଲା, ବୁଢାଙ୍କ ଆଖି ସାମ୍ନାରେ । ଘର ଭିତରୁ ଭିଡ଼ିଆଣି ଡେଣ୍ଟା ଭୁଷିଦେଲା ସୁରେଶବାବୁଙ୍କ ଛାତିରେ ।

ସେ ରବିବାରଟା ଅଭିଶପ୍ତ ରବିବାର ପରି ନୀରବ ହୋଇଗଲା । ସମସ୍ତେ ଦିନସାରା କବାଟ ଝରକା ବନ୍ଦ କରି ଘରେ ପଶିଲେ । ପୋଲିସ ଆଗରେ ସାକ୍ଷୀ ଦେବାକୁ କେହି ଜଣେ ବାହାରିଲେ ନାହିଁ । ସମସ୍ତଙ୍କ ପାଟିରେ ସେଇ ଗୋଟିଏ କଥା—"ମୁଁ କିଛି ଦେଖିନାହିଁ । ମୁଁ ସେତେବେଳେ କଲୋନୀରେ ନଥିଲି ।"

କଲୋନୀଠୁ ଅଳ୍ପ ଦୂରରେ ଚା' ଜଳଖିଆ ଦୋକାନ କରିଥିବା ନରହରି ସେଦିନ ସୁରେଶ ବାବୁଙ୍କ ମର୍ଡର ହେବା ନିଜ ଆଖିରେ ଦେଖିଥିଲା ଅନ୍ୟମାନଙ୍କ

Digitized by srujanika@gmail.com

ସହିତ ମିଶି । ଜଗଦୀଶର ଧମକ ଚମକକୁ ଖାତିର ନକରି ପୋଲିସ୍ ଆଗରେ ସାକ୍ଷୀ ଦେଇଥିଲା ନରହରି । କୋର୍ଟରେ ସାକ୍ଷୀ ଦେବା ପୂର୍ବରୁ ଜଗଦୀଶ ନରହରିକୁ ହତ୍ୟା କରିଛି ।

ଜଗଦୀଶ ବିରୁଦ୍ଧରେ ଅନେକ କେଶ୍ କିନ୍ତୁ କୌଣସି ଗୋଟିଏ ହେଲେ ପ୍ରମାଣ ହୋଇପାରୁନାହିଁ । ପ୍ରତ୍ୟକ୍ଷଦର୍ଶୀ ସାକ୍ଷୀ ଅଭାବରୁ ସିଏ ନିର୍ଦୋଷରେ ଖଲାସ ହୋଇ ଚାଲିଛି ।

ଜଗଦୀଶ ଚାଲିଗଲେ ଭୂଇଁ କମ୍ପିଯାଏ । ଆଡେଇ ଯାଆନ୍ତି ତା ଆଗର ମଣିଷମାନେ । ଚାରିକଡର କାକୁସ୍ଥ ମଣିଷ ମାନଙ୍କ ହାତ ମୁଣ୍ଡ ପାଖରେ ଯୋଡ଼ି ହୋଇଯାଏ । ଦାନ୍ତ ଉପରକୁ ଧାଡ଼ିଏ ଲେଖାଁ ହସ ଓହ୍ଲାଇ ଆସନ୍ତି । ଗୋଟେ ଲେଖାଁ ହାତ କାନତଳ ବାଳକୁ ସାଉଁଳୁଥାଏ ବେକ ଉପରେ ।

ସରକାରଙ୍କ ଶାସନ ସହିତ ସମାନ୍ତରାଳ ଗତିରେ ଏ ସହରରେ ଜଗଦୀଶର ଶାସନ ଚାଲିଛି । ନରହରିର ହତ୍ୟାପରେ ସେଇଦିନ ରାତିରେ ମୋ ପାଖକୁ ଜଗଦୀଶର ଆଜ୍ଞା ପତ୍ରିକା ଧରି ତାର ଅନୁଚର ଆସିଲା । ସେ ପତ୍ରରେ ମୋତେ ଧମକ ଦିଆଯାଇଥିଲା,—"ନରହରିର ହତ୍ୟା ବିଷୟରେ ପୋଲିସ୍ କିମ୍ବା କୋର୍ଟରେ ପ୍ରକାଶ କଲେ ନରହରିର ଅବସ୍ଥା ଭୋଗିବାକୁ ହେବ ।"

ମୋତେ ଅଧିକ ଭୟଭୀତ କରାଇବାକୁ ମୋ ବାପା, ବୋଉ, ଭାଇ ସମସ୍ତଙ୍କ ପାଖରେ ଧମକ ପୂର୍ଣ୍ଣ ଚିଠିନେଇ ଜଗଦୀଶର ଲୋକ ପହଞ୍ଚାଇଦେଇ ଆସିଲା । ସକାଳ ହେଲାବେଳକୁ ଆମ ଗାଁ ରୁ ଆମ ପରିବାରଟା ଆସି ମୋ ଆଗରେ ଠିଆ ହୋଇଥିଲା ।

ମୋ ମୃତ୍ୟୁର ପରବର୍ତ୍ତୀ ଦୃଶ୍ୟଟାକୁ ମୁଁ ସେଦିନ ସାମନା କରୁଥିଲି । ଗହୀରିଆ ଦୁଃଖର ଗାର ସବୁ ମୋ ବାପା ଓ ବୋଉର ମୁହଁକୁ ଚିରି ପକେଇଥିଲା ।

ଭୟର ପାହାଡ ସବୁ ମୋ ଉପରେ କୁଢେଇ ମୋତେ ଜଗଦୀଶର କବଳରୁ ରକ୍ଷା କରିବାକୁ ସେମାନେ ଅନେକ ଚେଷ୍ଟାକଲେ । ମୋ ବୋଉ ପ୍ରସ୍ତାବ ବାଢିଲା— ସପରିବାରେ ଦାନ୍ତରେ କୁଟା କାମୁଡ଼ି ଜଗଦୀଶର ପାଦତଳେ ପଡ଼ି ମୋ ଜୀବନକୁ ମୁକୁଳାଇ ଆଣିବାକୁ ।

Digitized by srujanika@gmail.com

ବାପା ପରାମର୍ଶ ଦେଇଥିଲେ— ଏ ସହର ଛାଡ଼ି କିଛିଦିନ ପାଇଁ ଗାଆଁକୁ ପଳାଇବାକୁ ।

କିନ୍ତୁ ବଡଭାଇ ପରାମର୍ଶ ଦେଇଥିଲେ—ପୋଲିସ୍ ଆଗରେ କିମ୍ବା କୋର୍ଟରେ ନରହରି ହତ୍ୟା ମାମଲାରେ ସାକ୍ଷୀ ନଦେଇ ଚୁପ୍ ରହିଲେ କୌଣସି ବିପଦର ଆଶଙ୍କା ନାହିଁ ।

ଋଣ, ନିୟମ, ଶପଥର ତିନିଗାର କାଟିଗଲେ ମୋ ଆଗରେ, ମୋ ବାପା, ବୋଉ, ଭାଇ । ଭୟର ପାଚେରୀଟିଏ ଟେକିଦେଇ ଗଲେ ମୋ ମନକୁ ଘେରାଇ ।

ମୋ ମନକୁ ଯେତିକି ଦୁର୍ବଳ କରାଗଲା, ଯେତେ ଭୟ ମୋ ମୁଣ୍ଡ ଉପରେ ଢଳାଗଲା ସେତିକି ମୋ ମନ ଗର୍ଜନ କଲା ଦେହଭିତରେ ।

ମୋର ଆଖି ଅଛି, ମୁଁ କିଛି ଦେଖିପାରିବି ନାହିଁ । ମୋର କାନ ଅଛି, ମୁଁ କିଛି ଶୁଣିପାରିବି ନାହିଁ । ମୋର ପାଟି ଅଛି, ମୁଁ କିଛି ପ୍ରକାଶ କରିପାରିବି ନାହିଁ । ମୋର ବିବେକ ଅଛି, ତାର ଡେଣା ବନ୍ଧା ଯାଇଛି । ମୋର ମନ ଅଛି, ତା ଚାରିପଟେ ତାର ବାଡ ପଡ଼ିଛି ।

ଏମିତି ବିକଳାଙ୍ଗ ହୋଇ ବଞ୍ଚିବା ଅପେକ୍ଷା ଦେହ ଛାଡ଼ି ଦେବା ଶ୍ରେୟ । ମୋ ଆଖି ଆଗରେ ଜଣେ ଲୋକକୁ ହତ୍ୟା କରାଗଲା ମୁଁ ଦେଖିନାହିଁ ବୋଲି କେମିତି କହିବି ? ନରହରିର ଛଟପଟ ଶରୀରଟା ଏବେବି ମୋ ମନ ଭିତରେ ଛଟପଟ ହେଉଛି ।

ମୁଁ ସ୍ୱାଧୀନ ନୁହଁ ମୋର ଆଖିକାନ ବ୍ୟବହାର କରିବାକୁ, ପାଟି ବ୍ୟବହାର କରିବାକୁ ?

ପୋଲିସ୍ ମୋତେ ନିରାପତ୍ତା ଯୋଗାଇବାର ଅନେକ ଥୋପ ଗିଳେଇଛି । ଜଗଦୀଶ ହାତରୁ ମୋତେ ସୁରକ୍ଷିତ ରଖିବାର ଅନେକ ପ୍ରତିଶ୍ରୁତି ଦେଇଛି, ମୋଠୁ କଥାଟା ଆଦାୟ କରିବାକୁ ।

ମୋତେ ମୋ ଘରେ ହୁଏତ ରାତିରେ ପ୍ରହରୀ ଦେବାର ବ୍ୟବସ୍ଥା କରିପାରେ ପୋଲିସ୍ । କିନ୍ତୁ ରାତିରେ ପ୍ରହରୀ ଦେବାର ମାନେ କିଛି ହୁଏନା । କାରଣ ଦାର୍ଶନିକ

Digitized by srujanika@gmail.com

ଜଗଦୀଶ କାହାରିକୁ ଗହିଁର ଅନ୍ଧକାରରେ ଲୁଚିଛପି ଏଯାଏ ହତ୍ୟା କରିନାହିଁ । ସିଏ ଯାହାକରେ ସବୁ ଦିନଦି ପହରା ଆଲୁଅରେ ।

ପୋଲିସର ସାହାସ ପାଇ ମୁଁ ଯେ ନବହରି ହତ୍ୟା ମାମଲାରେ ପୋଲିସ୍ ପାଖରେ ସାକ୍ଷୀଦେଲି ତା' ନୁହଁ । ମୁଁ ନିଜ ଭିତରେ କଥାଟା ମୁଠେଇ ପାରିଲି ନାହିଁ । ସାତ ତାଳ ପଙ୍କ, ପଙ୍କ ଭିତରେ ଫରୁଆ, ଫରୁଆ ଭିତରେ ଫରୁଆ, ତା ଭିତରେ ଫରୁଆ ଦେଇ ମଧ୍ୟ କଥାଟା ଚପେଇ ହେଲା ନାହିଁ ମୋ ପେଟ ଭିତରେ । କଥାଟା ମୋ ପେଟରେ ଛାଟି ପିଟି ହେଲା, ଗୋଇଠା ପିଟିଲା । ମୋ ତଣ୍ଟିରେ ମୁଣ୍ଡ ଗଳେଇ ପଦାକୁ ଡଙ୍କି ମାରିଲା ।

ଜଗଦୀଶର ଧମକ ସତ୍ତ୍ୱେ ମୁଁ ପୋଲିସ୍ ପାଖରେ ଷ୍ଟେଟମେଣ୍ଟ ଦେବାପରେ ମୋତେ ମୋ ଘରିକଡର ମଣିଷମାନେ ବଧେଇ ଦେବା ପରିବର୍ତ୍ତେ ମୋ ମୁହଁକୁ ମୁଠା ମୁଠା ଜୟ ଫୋପାଡ଼ି ଅଣକାଇଦି କରି ପକାଇଲେ । ମୋର ମୃତ୍ୟୁ ଯେ ନିକଟେଇ ଆସିଲା ସେ ବିଷୟରେ ମୋତେ ସତର୍କ କରାଇ ଦେଲେ ।

ଗାଁରୁ ଆସି ମୋ ବାପା, ବୋଉ ଭାଇ ଜଗିବସିଲେ ମୋ ଘରିକଡେ । ଚିପିଧରିଲେ ମୋ ତଣ୍ଟିକୁ । ବିନା ସେନ୍‌ସରରେ ଗୋଟିଏ ହେଲେ କଥା ମୋ ପାଟି ଫାଟକ ଡ଼ିଆଁଇଁଦେଲେ ନାହିଁ ।

ଜଗଦୀଶର ଲୋକମାନେ ମୋ ଘରିକଡେ ଛୁରାର ପାଚେରୀ ଉଠେଇ ଧମକଦେଲେ କୋର୍ଟରେ ସାକ୍ଷୀ ଦେବା ପୂର୍ବରୁ ତୁମକୁ ଛୁରାଭୁଷି ମାରିଦିଆଯିବ ।

ମୋ ବେକରେ ଜଗଦୀଶର ପଘା ଲାଗିଲା । କୋର୍ଟରେ କେଶ୍ ପଡ଼ିବା ପର୍ଯ୍ୟନ୍ତ ଏଇ ଘରଛାଡ଼ି ବାହାରକୁ ଯାଇ ପାରିବି ନାହିଁ । ଅଫିସକୁ କି ଦୋକାନ ବଜାରକୁ ବି ନୁହଁ ।

ଏ ସର୍ତ୍ତକୁ ମୋ ବାପା, ବୋଉ ମହାପ୍ରସାଦ ପରି ଗ୍ରହଣ କରି ଜଗଦୀଶ ପ୍ରତି କୃତଜ୍ଞତାରେ କୁଚେଇ ହୋଇଗଲେ । ମୋତେ ସାନ୍ତ୍ୱନାଦେଲେ ଯାହାହେଉ ଜୀବନ ଘରିକିରି ଆଉ ଏ ସହର ରହଣି ତିନିଟାଯାକ ଆମେ ଜଗଦୀଶ ହାତରୁ ଛଡେଇ ଆଣିଛୁ । ନେ, ହାତ ଦେଖା । ଏ ଅମୂଲ୍ୟ ପଦାର୍ଥକୁ ମୁଠେଇଧର । ଆଉ ହାତଛଡା କରିବୁ ନାହୁଁ ।

Digitized by srujanika@gmail.com

ମରଣ ତାତି

ଜଗଦୀଶ୍ୱର ଲୋକମାନଙ୍କ ହାତରେ ମୋ ବାସଭବନରେ ମୁଁ ନଜରବନ୍ଦି ହୋଇଗଲି ସେଇଦିନଠୁ । ମୋ ବାପା, ବୋଉ ମୋତେ ଜଗଦୀଶର ଲୋକମାନଙ୍କ ହାତରେ ସମର୍ପି ଦେଇ ଅଶ୍ୱସ୍ତ ହେଲେ ।

ମୁଁ ବର୍ତ୍ତମାନ ଜୀବନ୍ତ ମୃତ୍ୟୁର ସ୍ୱାଦ ଗ୍ରହୁଛି । କେଶ୍ ତାରିଖ ପର୍ଯ୍ୟନ୍ତ ବଞ୍ଚିରହି ଜଗଦୀଶଙ୍କୁ କୋର୍ଟରେ ନିର୍ଦ୍ଦୋଷ ବୋଲି ପ୍ରମାଣ କରିବା ମୋ ଜୀବନର ସବୁଠୁ ବଡ ମିଛ, ଭୟଙ୍କର ପାପପରି ମନେ ହେଉଛି । ଏ ପାପକୁ ମୁଁ ଗିଳିପାରୁଁ ନାହିଁ, ପାକୁଳି କରିପାରୁ ନାହିଁ କି ଓକାଳି ପାରୁନାହିଁ । ମୋର ମୃତ୍ୟୁ ଅନିବାର୍ଯ୍ୟ ।

ଏମିତି ବଞ୍ଚିବା ମାନେ ବି ମରଣ । ଏ ମରଣ ଜୀବନ ଚଟାଣରେ ନିଜ ଆଖି ଆଗରେ ନିଜର ମରଣ । ଏ' ମରଣର ବୟସ ଲମ୍ବିଛି ମୋ ଜୀବନର ଶେଷ ଗାରଯାଏ । ଏମିତିଆ ମରଣର ମରଣ ମୁଁ ଗ୍ରହେଁ । ମୁଁ ଆତ୍ମହତ୍ୟା କରିବି । ଆସନ୍ତାକାଲି ସକାଳ ସାତଟାରେ ମୁଁ ଆତ୍ମହତ୍ୟା କରିବି ।

ଏ ଚିଠିର ଗ୍ରରିକପି ମୁଁ କରିଛି । ତୁମ ତିନିଜଣଙ୍କ ପାଖକୁ ତିନୋଟି ଆଉ ଗୋଟିଏ କପି ମୋ ତକିଆ ତଳେ ରହିବ । ସେ କପିଟି ମୁଁ ବିଗ୍ରରପତିଙ୍କ ଉଦ୍ଦେଶ୍ୟରେ ଛାଡ଼ିଯିବି ।

॥ ଇତି ॥

ତୋର ବନ୍ଧୁ ହର୍ଯ୍ୟକ୍ଷ

ଚିଠିଟି ରୁଦ୍ଧଶ୍ୱାସରେ ପଢ଼ି ଶେଷକଲା ହେରମ୍ବ । ଭୟ ଓ ଦୁଃଖରେ ତା ଦେହ ଶୀତେଇ ଉଠିଲା । ନରହରିଙ୍କ ମୃତ୍ୟୁ ଛବି ସହିତ ହର୍ଯ୍ୟକ୍ଷର ଆତ୍ମ ହତ୍ୟାର ଛବିଟା ଫେଣ୍ଟି ହୋଇଯାଉଥିଲା ତା ଆଖିଆଗରେ ।

ହର୍ଯ୍ୟକ୍ଷଟା ମଣିଷ ଦେହ ଭିତରେ ବାସକରୁଥିବା ଅମଣିଷଟାଏ । ନାକ ସଳଖ ଗ୍ରଲିବ । ଆଗରେ ସମୁଦ୍ର ପଡୁ କି ପର୍ବତ ପଡୁ । ଜୀବନ ଗ୍ରହା କ'ଣ ଏମିତି ସଳଖେ ସଳଖେ ଗ୍ରଲିହୁଏ ?

କେମିତି ଆତ୍ମହତ୍ୟା କରିଥିବ ହର୍ଯ୍ୟକ୍ଷ ? ଗଳାରେ ଦଉଡ଼ି ଲଗାଇ ବେଡ୍‌ରୁମ୍ ଫ୍ୟାନ୍‌ରେ ଝୁଲିପଡ଼ିଥିବ ? ଦେହରେ ପେଟ୍ରୋଲ୍ ଢାଳି ଦିଆସିଲି ମାରିଦେଇଥିବ ?

Digitized by srujanika@gmail.com

କୌଣସି ଉଚ୍ଚଟ ବିଷପାନ କରିଥିବ ? ଇଲେକ୍ଟ୍ରି ତାରକୁ ମୁଠେଇ ଧରିଥିବ ? ଚଳନ୍ତା ରେଳଗାଡ଼ିର ଚକତଳେ ଶୋଇପଡ଼ିଥିବ ?

ଯେମିତିବି ହେଉ ଆତ୍ମହତ୍ୟା ଅତ୍ୟନ୍ତ ଯନ୍ତ୍ରଣାଦାୟକ । ଆତ୍ମହତ୍ୟା କରୁଥିବା ଲୋକଟି ସବୁଠୁ ନିଷ୍ଠୁର । ଯାହାର ନିଜପ୍ରତି, ନିଜ ଶରୀରପ୍ରତି, ନିଜ ଆତ୍ମାପ୍ରତି ଦୟା, ମାୟା, ମମତା ନାହିଁ, ତାର ଆଉ କାହାପ୍ରତି କ'ଣ ବା ରହିବ ?

ହେରମ୍ବ ଘଣ୍ଟାକୁ ଚାହିଁଲା । ରାତି ସାତଟା ପନ୍ଦର ମିନିଟ୍ । ମନୋହର ଓ ଶୁଭ୍ରାଂଶୁ ମଧ୍ୟ ଏମିତି ଚିଠିଟିଏ ମାନ ପାଇଥିବେ ।

ଶଙ୍କିତ ପାଦରେ ସାଇକେଲ ଚଢ଼ିଲା ହେରମ୍ବ । ତାର ମନ ଭିତରେ ଘରି ଘରି ପାଦରେ ଅନେକ କଥାର ଦଉଡ଼ ଚାଲିଥିଲା ।

ହର୍ଯକ୍ଷର ଫାଟକ ପାଖରେ ତିନିପଟୁ ତିନୋଟି ସାଇକେଲର ଆଗଚକ ଏକାଠି ହୋଇଗଲେ । ଛଅଟି ପାଦ ସାଇକେଲରୁ ଓହ୍ଲାଇ ପଡ଼ିଲେ ନିଃଶବ୍ଦରେ । ଭୟରେ ହେରମ୍ବ, ଶୁଭ୍ରାଂଶୁ ଓ ମନୋହର କେହି କାହାରି ମୁହଁକୁ ଚାହିଁପାରୁ ନଥିଲେ । ତିନିହେଁ ଚିଠି ପାଇଥିବା କଥା ତିନିହେଁ ଜାଣନ୍ତି । କେହି କାହାକୁ କିଛି କହିବାର ଆବଶ୍ୟକତା ନଥିଲା । ଫାଟି ଖୋଲିବାକୁ ପ୍ରତ୍ୟେକ ଭୟ କରୁଥିଲେ । ଭୟ ତିନିଜଣଙ୍କୁ କୁଣ୍ଢେଇ ଧରିଥିଲା ପାଦରୁ ମୁଣ୍ଡ ପର୍ଯ୍ୟନ୍ତ ।

ଆଗପଛ ହୋଇ ଚାଲିଥିଲେ ହେରମ୍ବ, ଶୁଭ୍ରାଂଶୁ, ମନୋହର । ପାଦଶବ୍ଦକୁ ଲିଭାଇ ଲିଭାଇ ଚାଲିବାକୁ ସେମାନେ ଜୋତାକୁ ଚଟାଣରେ କେବଳ ଥୋଇ ଥୋଇ ଚାଲୁଥିଲେ ।

ଡ୍ରଇଂ ରୁମ୍‌ରେ ପାଦ ନ ଦେଉଣୁ ତିନିବନ୍ଧୁ ଚିତ୍କାର କରି ଉଠିଲେ । ତିନିହେଁ କୁଣ୍ଠାକୁଣ୍ଠି ହୋଇ ଭୟରେ ଥରିଲେ । ସେମାନଙ୍କ ଆଡ଼କୁ ପଛକରି ହର୍ଯକ୍ଷ ଚେୟାରରେ ବସି ସିଗାରେଟ୍ ଟାଣୁଛି । ସେମିତି ପିଠି କରି ବସି ହର୍ଯକ୍ଷ ସେମାନଙ୍କୁ ଆଦେଶ ଦେବା ସ୍ୱରରେ କହିଲା–ଆସବନ୍ଧୁ ! ତୁମ ପାଇଁ ଆଉ ତିନୋଟି ଚେୟାର ଖାଲି ଅଛି ।

Digitized by srujanika@gmail.com

ଭୂତ ବୋଲି ତିନିବନ୍ଧୁ ଚିତ୍କାର କରି ବୁଲିପଡ଼ିଲେ ପଳାୟନ ପାଇଁ । କିନ୍ତୁ ହର୍ଯାକ୍ଷ ବଡ ପାଟିରେ ସେମାନଙ୍କୁ ବୁଝାଇବାକୁ ଚେଷ୍ଟାକଲା– ନା ବନ୍ଧୁ, ମୁଁ ଭୂତନୁହେଁ, ହର୍ଯାକ୍ଷ । ମୁଁ ଆତ୍ମହତ୍ୟା କରିବାକୁ ଉଦ୍ୟମ କରି ବିଫଳ ହୋଇଛି । ମୋତେ ଚାହଁ । ମୁଁ ଭୂତ ନୁହଁ । ତୁମପରି ମଣିଷ ।

ହେରମ୍ବ, ଶୁଭ୍ରାଂଶୁ ମନୋହର ପରସ୍ପର ଦେହରେ ପିଟିହୋଇ ତଳେ ପଡ଼ିଗଲେ । ଭୟରେ ସେମାନଙ୍କର ହାତ, ପାଦ ସବୁ ଫ୍ରିଜ୍ ହୋଇଗଲା । ଧଇଁସଇଁ ହୋଇ ଉଠିବାକୁ ଚେଷ୍ଟା କରୁ କରୁ ବାରମ୍ବାର ତଳେ ଖସିପଡୁଥିଲେ । ହର୍ଯାକ୍ଷ ସେମାନଙ୍କୁ ତଳୁ ଉଠାଇବାକୁ ତାଙ୍କ ଆଡ଼କୁ ଲାଗିଆସିଲା ବେଳେ ସେମାନେ ଚିତ୍ ଚିତ୍କାର ଉଠିଲେ ।

ଉପାୟ ନପାଇ ହର୍ଯାକ୍ଷ କିଛି ସମୟ ନୀରବ ନିଶ୍ଚଳ ହୋଇ ସେମାନଙ୍କ ଆଗରେ ଠିଆହେଲା । ଧୀରେ ଧୀରେ ସେମାନଙ୍କ ମନରୁ ଭୂତ ଭୟ କମି କମି ଆସିଲା । ସେମାନେ ପ୍ରକୃତିସ୍ଥ ହେଲେ ।

ଚାରି ବନ୍ଧୁ ଟେବୁଲର ଚାରିକଡେ ଚାରୋଟି ଚେୟାରରେ ବସିଲେ । ହର୍ଯାକ୍ଷ ଠାରୁ ତା' ଆତ୍ମହତ୍ୟା ଉଦ୍ୟମର ଏକ ଧାରା ବିବରଣୀ ଶୁଣିଲେ ।

ହର୍ଯାକ୍ଷ ଆତ୍ମହତ୍ୟା କରିବାକୁ ବିଷପାନ କରି ମଧ୍ୟ ତାର ମୃତ୍ୟୁ ହେଲା ନାହିଁ । କେବଳ ଦେହଟା ଟିକେ ଅସ୍ଥିର ଲାଗିଲା । ପେଟ ଭିତରେ କିଛିଟା ଘଣ୍ଟା ଚକଟା ପରେ ପୁଣି ସବୁ ସ୍ଥିର ହୋଇଗଲା । ସବୁ ନର୍ମାଲ ।

ଏବେ ଆଉ କେହି କାମ କରୁନାହାନ୍ତି, କିଛି କାମ କରୁନାହିଁ । ଔଷଧ ଭେଜାଲ, ବିଷ ବି ।

ବିଷ ଶିଶିଟା ଟେବୁଲ ଉପରେ ଠିଆହୋଇ ତଳକୁ ମୁହଁ ପୋତିଥିଲା । ତା' ଚାରିକଡ଼େ ଶୁଭ୍ରାଂଶୁ, ହେରମ୍ବ ଓ ମନୋହରଙ୍କର ଛଅଟା ଆଖି ବୁଲୁଥିଲେ ।

ମନୋହର ପ୍ରଥମେ ପାଟି ଖୋଲିଲା । ତୁ ଏ ଯେଉଁ ପଏଜନ ଖାଇଥିଲୁ ହର୍ଯାକ୍ଷ, ଏଥିରୁ ତତେ କେବଳ ଭଗବାନ ହିଁ ବଞ୍ଚେଇଲେ । ଚାଲ ଆମେ ସେଇ

Digitized by srujanika@gmail.com

ମହାମହିମ କରୁଣାମୟଙ୍କ ଉଦ୍ଦେଶ୍ୟରେ ପ୍ରାର୍ଥନା କରିବା ।

ନା ମନୋହର, ହର୍ଯ୍ୟକ୍ଷକୁ ଚଷ୍ମାଇଛି ଭେଜାଲ ପୁରୁଷ ଯିଏ ଖାଦ୍ୟଠାରୁ ଆରମ୍ଭ କରି ଔଷଧ ଏପରିକି ବିଷକୁ ବି ଭେଜାଲ କରି ପାରିଛି । ଚାଲ ଆମେ ସେଇ ଭେଜାଲ ପୁରୁଷଙ୍କର ସ୍ତୁତିଗାନ କରିବା ।

ହର୍ଯ୍ୟକ୍ଷ ଏ ଦୁହିଁଙ୍କ କଥା କାଟି କହିଲା– ନାଁ, ମୋ ଜୀବନ କେବଳ ଜଣକ ହାତରେ । ଯାକୁ, ତାକୁ ପ୍ରାର୍ଥନା କରିବାରେ କିଛି ମାନେ ହୁଏନା । ମୁଁ ଜଗଦୀଶର ନଜର ବନ୍ଦୀ ।

ମନୋହର କହିଲା– ମୁଁ ତୋ କଥାରେ ଏକମତ ନୁହେଁ । ତୁ ତୋ ନିଜ ପାଇଁ ଗାତ ଖୋଳି ଚାଲିଛୁ । ଆଉ ସେ ଗାତର ଗଭୀରତାରେ ତୋ ଦୃଷ୍ଟି ପଡ଼ିଲେ ତୋ ଦେହ ଶୀତେଇ ଉଠିବ ।

ଆମେ ଚାରିଜଣଯାକ ତ ନରହରିର ନିର୍ମମ ହତ୍ୟା ପାଞ୍ଚ ହାତ ଦୂରରୁ ପ୍ରତ୍ୟକ୍ଷ କରିଥିଲେ । ଆମେ ତିନିଜଣ ଆଗପରି ପ୍ରଫୁଲ୍ଲ ଅଛୁ, ନିରାପଦ ଅଛୁ । ତୋ ପରି ସକାଳୁ ସକାଳ ପର୍ଯ୍ୟନ୍ତ ଖଇଫୁଟା ମରଣ ଡାକି ଆମ ଦେହରେ ନାହିଁ; ଆମେ ଜୀବନର ଫୁଲ ତୋଳୁଛୁ, ମାନାର ଗଢୁଛୁ ।

ତୁ ଭୁଲ କରୁ ହର୍ଯ୍ୟକ୍ଷ । ତୁ ସେଇ ସ୍କୁଲ, କଲେଜ ପଢ଼ା ବେଳର ହର୍ଯ୍ୟକ୍ଷ ହୋଇ ରହିଗଲୁ । ତୋ ଚାରିକଡ଼ୁ ସ୍କୁଲ, କଲେଜର ସୁରକ୍ଷା ପାଚେରୀ ଉଠିଗଲଣି । ତୁ ଏବେ ଶ୍ୱାପଦ ଶଙ୍କୁଳ ଜୀବନ ଜଙ୍ଗଲ ମଝିରେ । ଚାରିକଡ଼େ ସୀମାହୀନ ଜଙ୍ଗଲ ଆଉ ଜଙ୍ଗଲ । ଉପରେ ନିଶ୍ଚିନ୍ତ ଆକାଶ ।

ଶୁଭ୍ରାଂଶୁ କହିଲା, ମଣିଷ ଗୋଟେ ମୁହୂର୍ତ୍ତରେ ଆତ୍ମହତ୍ୟା କରିବାକୁ ସ୍ଥିର କରେ । ସେତେବେଳେ ଏ ପୃଥିବୀଟା ଯାକର ମଣିଷ ତା ଆଖିକୁ ସିଂହ, ଶାର୍ଦ୍ଦୁଳ ପରି ଭୟଙ୍କର ଦିଶନ୍ତି । ଭୟରେ ଏ ପୃଥିବୀରୁ ପାଦ ଉଠାଇଦିଏ ମଣିଷଟି ଉପରକୁ ଯିବାକୁ । ଉପରଟା ତା ଆଖିକୁ ଏକମାତ୍ର ଆଶ୍ରୟସ୍ଥଳ ପରି ମନେହୁଏ । କିନ୍ତୁ ସେ ମୁହୂର୍ତ୍ତଟା ଗଡ଼ିଗଲେ ସବୁ ମଣିଷଙ୍କ ମୁହଁ ତା ଆଖିକି ପୁଣି ସୁନ୍ଦର ଦିଶନ୍ତି । ମମତା ବୋଳି ହୋଇଯାଏ ତା ଦେହ ମୁଣ୍ଡ । ମୃତ୍ୟୁର ମୁହଁ

Digitized by srujanika@gmail.com

ତାକୁ ଭୟଙ୍କର ଦିଶେ । ଯାହାକୁ ହାତପାଆନ୍ତାରେ ପାଏ ତାକୁ କୁଣାଇ ଦକାଏ ପ୍ରାଣ ବିକଳରେ ।

ହର୍ଯ୍ୟକ୍ଷର ସେ ଅଶୁଭ ମୁହୂର୍ତ୍ତଟା ସକାଳ ସାତଟାବେଳୁ ଗ୍ଲିଗଲଣି କାହିଁ କେତେଦୂର । ତା ସହିତ ହର୍ଯ୍ୟକ୍ଷର ଆଉ ଦେଖା ହେବ ନାହିଁ ଏ ଜୀବନରେ ।

ହର୍ଯ୍ୟକ୍ଷର ଆପତ୍ତିକୁ କର୍ଣ୍ଣପାତ ନ କରି ତିନିବନ୍ଧୁ ଗୋଟିଏ ପ୍ରସ୍ତାବ ପାସ୍ କରାଇନେଲେ । ଆତ୍ମହତ୍ୟାର ଇଗଦା ବଦଳିଯାଇଛି । କେଉଁଟରେ ଜାଲ ଭିତରୁ ମାଛଟି ପାଣିକୁ ଡ଼େଇଁ ପଡ଼ିଛି । ହର୍ଯ୍ୟକ୍ଷ ନୂଆ ଜୀବନ ପାଇଛି । ଆଜି ଖୁସି ମନେଇବାକୁ ହେବ ।

ନବଜାତକରେ ଲଡୁଖାଇ ମୁହଁ ମିଠା କରଯାଏ । ଆଜି ହର୍ଯ୍ୟକ୍ଷର ନବଜନ୍ମ । ଲଡୁ ମଗାଇ ଖିଆଯିବା କଥା ।

ପାଖ ଦୋକାନରୁ ଲଡୁ ମଗାହୋଇ ଆସିଲା । ଲଡୁ ଖାଇବାକୁ ଅଜେି ହେଉଥିବା ହର୍ଯ୍ୟକ୍ଷକୁ ବାଧ୍ୟ କରି ଗୋଟେ ଲଡୁ ଖୋଇସାରିବା ପରେ ଏ ତିନି ବନ୍ଧୁ ଆନନ୍ଦରେ ଲଡୁତକ ଖାଇଲେ ।

ହର୍ଯ୍ୟକ୍ଷ କହିଲା– ଭୀରୁ ହର୍ଯ୍ୟକ୍ଷର ମୃତ୍ୟୁ ହୋଇଛି । ତୁମ ସାମନାରେ ଯିଏ ବସିଛି ସେ ହର୍ଯ୍ୟକ୍ଷର ନବ କଳେବର । ଏ ହର୍ଯ୍ୟକ୍ଷ ବିପ୍ଳବ କରିବ । ବିଦ୍ରୋହ କରିବ । ଜଗଦୀଶର ମୁକାବିଲା କରିବ ।

ହେରମ୍ବ କହିଲା– ପୁଣି ସେଇ ପାଗଳାମୀ ? ଫେରିପାଇଥିବା ଦେହ ଆଉ ପ୍ରାଣକୁ ପୁଣି ଭଜେଇଁ ଦେବାକୁ ଏମିତି ବ୍ୟାକୁଳ ହେଉଛୁ କାହିଁକି ? ଥୟ ଧର । ମଣିଷ ପରି ଭୟ କରି ଶିଖ । ଭୟ କଲେ ବଂଞ୍ଚିବାର ରାହା ସୁଗମ ହୁଏ । ଭୟ ମଣିଷ ଜୀବନର ସୁରକ୍ଷା ବଳୟ ।

–ନା, ହେରମ୍ବ ! ମୁଁ ଚାହେଁ ଜଗଦୀଶକୁ ଆଇନ୍ ହାତରେ ଧରାଇ ଦେବାକୁ । ଯେଉଁ ଜୀବନଟାକୁ ମୁଁ ବିଷ ଖାଇ ବିସର୍ଜନ ଦେଇଥିଲି ସେଇ ଜୀବନର ବିନିମୟରେ ମୁଁ ଜଗଦୀଶର ମୁକାବିଲା କରିବି ।

ତିନିବନ୍ଧୁ ଭୟରେ ଚିତ୍କାର କରି ଉଠିଲେ । ଜାଣି ଜାଣି ପୁଣିଥରେ ମରଣକୁ ନିମନ୍ତ୍ରଣ ନ କରିବାକୁ ହର୍ଯ୍ୟକ୍ଷକୁ ବାରଣ କଲେ ।

Digitized by srujanika@gmail.com

ହର୍ଯକ୍ଷ କହିଲ– ତୁମେମାନେ ଟିକେ ସାହାଯ୍ୟ କର । ଆଉ ବେଶି ବିଳମ୍ବ ହେଲେ ଜଗଦୀଶର ଲୋକମାନେ ଆସିଯିବେ । ମୁଁ ଏଇଠି ବିଷ ଖାଇ ମରିଯିବାର ଅଭିନୟ କରୁଛି । ତୁମେ ଗୋଟେ ଗାଡ଼ି ଆଣି ମୋତେ ମଶାଣିକୁ ନେବାର ଅଭିନୟ କରି ଏଠୁ ନେଇଯାଅ । ସମସ୍ତେ ଜାଣନ୍ତୁ, ଜଗଦୀଶ ଆଉ ତାର ଲୋକମାନେ ଜାଣନ୍ତୁ ମୁଁ ମୃତ ବୋଲି ।

ତିନି ବନ୍ଧୁ ହର୍ଯକ୍ଷର ଏ ପ୍ରସ୍ତାବ ଶୁଣି ଭୟ ଆଉ ବିସ୍ମୟର ତିନୋଟି ବଲ୍ ହୋଇ ସେ ବଖରର ଚଟାଣରେ ଏମୁଣ୍ଡ ସେମୁଣ୍ଡ ଗଡ଼ିବାକୁ ଲଗିଲେ । ଆଖି ପାଟି ଆଉ ହାତ ତିନୋଟି ସାହାଯ୍ୟରେ ଏ ପ୍ରସ୍ତାବର ବିରୋଧ କଲେ ।

ଶୁଭ୍ରାଂଶୁ ପ୍ରଶ୍ନ କଲ– ଏମିତି ମରଣର ଅଭିନୟ କରିବାର ମାନେ କ'ଣ ହର୍ଯକ୍ଷ ? ତୁ ଜଗଦୀଶର ଲୋକମାନଙ୍କ ଘେରରେ ଯାଇ କ'ଣ କଚେରୀରେ ସତକଥା କହିବାର ସାହସ ଥିଲେ ସତକଥା କହିପାରିବୁ ନାହିଁ ? ଏଇଟା ନିଘଟ ସତକଥା ଯେ ତୁ ଜଗଦୀଶ ବିରୋଧରେ ସାକ୍ଷୀଦେଇ କଚେରୀରୁ ଫେରିଲେ ସିଏ ତୋତେ ହତ୍ୟା କରିବ ।

ମୁଁ ସେକଥା ଜାଣେ ଶୁଭ୍ରାଂଶୁ । ବଂଚିବାର ମୋହ ମୁଁ ତ୍ୟାଗ କରି ସାରିଛି । କିନ୍ତୁ ତୁମେ ଜାଣିନା, ଜଗଦୀଶ ମୋତେ କଚେରୀକୁ ଯିବାକୁ ଦେବ ନାହିଁ । ମୋ ନାମରେ ଆଉ ଜଣକୁ କଚେରୀରେ ଠିଆ କରାଇ ତା ସପକ୍ଷରେ ସାକ୍ଷୀ ଦେବା କାମଟା କରାଇ ନେବ । ମୋତେ ସେପର୍ଯ୍ୟନ୍ତ ଏଇଠି ତା ଲୋକମାନେ ବନ୍ଦୀକରି ରଖିବେ ।

କିନ୍ତୁ ମୁଁ ଚାହେଁ ମୁଁ କଚେରୀରେ ଠିଆହୋଇ ପୋଲିସ ଆଗରେ କହିଥିବା କଥାକୁ ଦୋହରାଇ ଜଗଦୀଶକୁ ଦୋଷି ସାବ୍ୟସ୍ତ କରିବି । ଦୟାକରି ତୁମେ ମାନେ ମୋତେ ଟିକେ ସାହାଯ୍ୟ କର ।

ଖୁବ ଅନିଚ୍ଛା ଆଉ ଭୟରେ ଭିକି ଭିକି ତିନିବନ୍ଧୁ ଗୋଟେ ଟ୍ରେକରରେ ହର୍ଯକ୍ଷକୁ ଶବକରି ରାସ୍ତାରେ ବୋହିନେଲେ । ହର୍ଯକ୍ଷ ଉପରେ ଗୋଟିଏ ସଫାଧଳା ଚଦର । କିଛି ଫୁଲ । ଟ୍ରେକର ପଛରେ ତଳକୁ ମୁହଁ କରି ଚାଲିଥାନ୍ତି ତିନିବନ୍ଧୁ । ମଝିରେ ମଝିରେ ସେମାନଙ୍କ ପାଟିମାନେ ଶବ୍ଦ କରୁଥାନ୍ତି– ରାମ ନାମ ସତ୍ୟ ହେ, ହରିନାମ ସତ୍ୟହେ ।

Digitized by srujanika@gmail.com

ତିନିବନ୍ଧୁଙ୍କ ପାଦ ଭୟରେ ଟଳୁଥିଲା । କଣ୍ଠ ଥରୁଥିଲା । ତିନୋଟି କବନ୍ଧ ପରି ତିନିବନ୍ଧୁ ଟ୍ରେକରର ଅନୁଗମନ କରୁଥିଲେ ।

ଟ୍ରେକର ଉପରେ ଧଳା ଘୁଦର ତଳେ ହର୍ଯାକ୍ଷ ଆଖିବୁଜି ଦେଖୁଥିଲା କଚେରୀର ଦୃଶ୍ୟ । ସିଏ କାଠ ଗଡାରେ ଠିଆ ହୋଇଛି । ଗୀତା ଛୁଇଁ ଶପଥ କରୁଛି—ଯାହା କହିବି ସତ କହିବି ।

Digitized by srujanika@gmail.com

ବିଶ୍ୱାସର ଚଉହଦୀ

ସାପୁଆ କେଳାର ଗୀତ ସାଙ୍ଗକୁ ଡ଼ିବି ଡ଼ିବି ଡମରୁ ଶବ୍ଦର ମିଶ୍ରଣ ପଲ୍ଲଦିନରୁ ମୋ ମନରେ ସ୍ୱତନ୍ତ୍ର ପାଦ ଚିହ୍ନଛାଡ଼ି ଯାଇଛି । ମୁଁ ଖବର କାଗଜ ପଢ଼ାଛାଡ଼ି ବାଲ୍‌କୋନୀକୁ ଉଠି ଆସିଲି । ମୋ ପଛେ ପଛେ ମୋ ସ୍ତ୍ରୀ ବନଜା, ପୁଅ ସଂଗ୍ରାମ ଓ ଝିଅ ସୁଜାତା ।

ହଳଦି ରଙ୍ଗର ଗୋଖର ସାପ ଫଣା ଟେକି ଖେଳୁଛି । ଡାହାଣ ଗୋଡର ଆଣ୍ଠୁ ହଲାଇ ଗୀତ ବୋଲି; ଡମରୁ ବଜାଇ କେଳାଟି ସାପ ଖେଳାଉଛି । ବେଳେ ବେଳେ ସାପଟି ଫଁ ଫଁ ଗର୍ଜନ କରି କେଳାକୁ ଗେ୍ରଟ ମାରୁଛି ।

ସଂଗ୍ରାମ ଓ ସୁଜାତାଙ୍କର ଅନେକ ପ୍ରଶ୍ନ– ସାପ କାମୁଡ଼ାରେ କେଳାର କିଛି ହେଉନାହିଁ କାହିଁକି ? ସାପର କ'ଣ ବିଷ ନାହିଁ ? ଗୋଖର ସାପର ପର ସବୁଠୁ ବେଶୀ ବିଷ । ଏ ସାପକୁ କେଳା କେମିତି ଧରିଲା ? ସାପର ବିଷ ପାଇଁ କ'ଣ କୌଣସି ଔଷଧ ନାହିଁ ? ସାପ କାମୁଡ଼ାର କେତେ ସମୟ ପରେ ମଣିଷ ମରିଯାଏ ? ସାପ କାମୁଡ଼ିଲେ କେବଳ ମଣିଷକୁ ବିଷଧରେ ନା ଗାଈ, ଗୋରୁ, ଛେଳି, ମେଣ୍ଢା, କୁକୁର, ବିରାଡ଼ିକୁ ବି ବିଷ ଧରେ ? ନେଉଳକୁ କାହିଁକି ବିଷ ଧରେ ନାହିଁ ? ନେଉଳ ସାପକୁ କେମିତି କାମୁଡ଼ି ପକାଏ ?

ଏଥିରୁ ଅନେକ ପ୍ରଶ୍ନର ଉତ୍ତର ମୁଁ ଠିକ୍ ଭାବରେ ଦେଲି କିନ୍ତୁ ଆଉ କେତେଟା ବିଷୟରେ ମୋର ଧାରଣା ମୋଟେ ଦୃଢ଼ ନଥିଲା । ମୋ ମନରେ ମଧ୍ୟ ଏମିତି କେତେକ ପ୍ରଶ୍ନର ଅନୁଆ ମୃତା ଗୋଟେ କତକୁ ଜମା ହୋଇଛି ।

ସାପୁଆ କେଳାଟି ସାବନା ହେଲେବି ସୁନ୍ଦର । ବୟସ ତିରିଶ ପାଖାପାଖି । ଟଙ୍ଗ୍ ଟଙ୍ଗ୍ । ଠିକ୍ ଗୋଖର ସାପ ପରି ।

କେଳୁଣୀ ତାର ଛୋଟ ପୁଅଟିକୁ କୋଳରେ ଧରି ଖିଆ ପିଆଉଛି । କଅଁଳା ବାଛୁରୀ ପରି ପିଲଟି ଗୋଡ଼ଛାଟି, ମୁଣ୍ଡ ଆମାରି ମାଆଠୁ ପିଉଛି । ସାପଖେଳ,

Digitized by srujanika@gmail.com

ସାପୁଆ କେଳାକୁ ଛାଡ଼ି ମୋ ଦୃଷ୍ଟି କେଲୁଣୀ ଉପରେ ଠୁଳ ହୋଇଗଲା ।

କେଲୁଣୀର ରଙ୍ଗ ହଳଦି ଗୁଲୁ ଗୁଲୁ । ଆଖିରେ କଜଳର ଗାର ଦୁଇପଟରେ କାନ ପର୍ଯ୍ୟନ୍ତ ଲମ୍ବିଛି । ମୁଣ୍ଡରେ ମହୁଫେଣା ପରି ବଡ ଖୋସା । ତା ଉପରେ କେଇଟା ବଣୁଆ ଫୁଲ । ଗାଢ ନାଲି ରଙ୍ଗର ଶାଢୀ । ଦେହରେ ନିଅଣ୍ଟିଆ ବ୍ଲାଉଜ । ନାକରେ, କାନରେ ରୂପା ଗହଣା, ପାଦରେ ରୂପା ପାଉଁଜି । ବୟସ ଚବିଶ, ପଚିଶ ଏପଟେ ।

ସୁଜାତା ମୋ ସାର୍ଟକୁ ଟାଣିଦେଇ ପଚାରିଲା– ବାପା, ବାପା ମ ! ପାତାଳ ପୁରରେ କୁଆଡ଼େ ନାଗରାଜା ବାସୁକିର ଘର ନୁହେଁ ? ଏଇ ପୃଥିବୀର ମଣିଷମାନଙ୍କ ପରି ପାତାଳରେ ନାଗମାନେ କୁଆଡେ ରହନ୍ତି ନାହିଁ ?

ମୁଁ ସୁଜାତାକୁ ଚାହିଁଲି । ତା ମୁହଁରେ ଦୃଢତା ଫୁଟି ଉଠୁଥିଲା । ପିଲାଦିନେ ମନରେ ଏମିତି ଅନେକ ଧାରଣା ଦୃଢଥାଏ । ପିଲାଦିନରେ ସବୁ କଥାକୁ ସହଜରେ ବିଶ୍ୱାସ କରିହୁଏ । ପିଲାଦିନର ପୃଥିବୀ ଚାରିପଟେ ବିଶ୍ୱାସର ଦୃଢ଼ ବନ୍ଧଟିଏ ବୁଲିଥାଏ । ବୟସ ବଢିବା ସଙ୍ଗେ ସଙ୍ଗେ ସେ ବନ୍ଧରେ ଫାଟ ଦେଖାଦିଏ । ସେଇ ଫାଟ ଦେଇ ଅନେକ ଅବିଶ୍ୱାସ ଆଉ ସନ୍ଦେହର ପାଣି ପଶିଯାଏ ।

ହଠାତ୍ ସଂଗ୍ରାମ ଚିତ୍କାର କରି ଉଠିଲା– ବାପା ! ଗୋଟେ ସାପ । ମସ୍ତବଡ ଗୋଖର ସାପ !

ମୋ ସମେତ ବନଜା ଓ ସୁଜାତା ଚମକି ଉଠିଲେ । ମୁଁ ସବୁଠୁ ବେଶୀ ଭୟକରେ ସାପକୁ । କାହିଁ, କାହିଁ ବୋଲି ଆମେ ତିନିହେଁ ଚିତ୍କାର କଲୁ ।

ସଂଗ୍ରାମ ଭୟ ଆଉ ଖୁସିରେ ନାଚି, ନାଚି କଲୋନୀର ପାଚେରୀ ପାଖ ହୁଙ୍କା ଆଡକୁ ହାତ ଦେଖାଇଲା । କେଳା ପାଖରେ ଖେଳୁଥିବା ସାପଠାରୁ ଆହୁରି ବଡ ଆହୁରି ହଳଦିଆ ଗୋଖର ସାପ । ବିଚକ୍ଷଣ ଗତିରେ ଫଣାଟେକି ଖେଳୁଥିଲା ।

ସାପଖେଳ ଛାଡ଼ି କେଳା ଧାଇଁଗଲା ହୁଙ୍କା ପାଖକୁ । ଖେଳୁଥିବା ସାପକୁ ଘେରି ରହିଥିବା ଦର୍ଶକମାନେ ଛତ୍ରଭଙ୍ଗ ଦେଲେ । ଆମ ଆଗରେ ବର୍ତ୍ତମାନ ଦୁଇଟି ସାପ । ଗୋଟିଏ ଖେଳୁଛି ପେଡ଼ି ପାଖରେ, ଅନ୍ୟଟି ହୁଙ୍କା ଆଗରେ ।

Digitized by srujanika@gmail.com

ସମସ୍ତଙ୍କ ଆଖି ବିସ୍ମୟରେ ବଡ଼ ବଡ଼ । କେଳୁଣୀ ତା ଝିଆକୁ ତଳେ ବସେଇ ଦେଇ ପୋଷା ସାପଟିକୁ ପେଡ଼ିକୁ ନେଲା ।

ସାପ ପଛରେ କେଳା ଗୋଡ଼େଇଛି । ସାପ ହୁଙ୍କାରେ ପଶିବାକୁ ଗଲାବେଳେ କେଳା ସାପକୁ ଧରିନେଲା । କେଳାର ହାତ ସାପର ମଝିଗରରେ । ଫଁ ଫଁ ଶବ୍ଦକରି ସାପ କେଳାକୁ ଚାରି/ପାଞ୍ଚ ଚୋଟ ପକାଇଲା । ଲଞ୍ଜପଟ ଅଧିକ କେଳା ହାତରେ ଦଉଡ଼ି ପରି ଗୁଡ଼େଇ ହୋଇ ଗଲା । କେଳାର ବାଆଁ ହାତଟା ସାପର ମୁଣ୍ଡକୁ ଚିପି ଧରିଲା ।

ଭୟରେ ମୋ ପୁଅ ଝିଅ ଦୁହେଁ ମୋତେ କୁଣ୍ଢାଇ ଧରିଲେ । ମୋ ଚାରିପଟେ ସେ ଦୁହେଁ ଗୁଡ଼େଇ ହୋଇଗଲେ । ମୁଁ ଥରୁଥିଲି ।

କେଳୁଣୀ ମୁଣିରୁ ଗଦନେଇ କେଳା ପାଟିରେ ଦେଲା । ଧୀରେ ଧୀରେ କେଳା ଅଚେତ ହୋଇଗଲା କିନ୍ତୁ ତା ହାତରେ ସାପଟି ଜାବ ପଡ଼ିଯାଇଛି ।

କେଳୁଣି କେଳା ହାତରୁ ସାପଟିକୁ ମୁକୁଳାଇ ନେଲା । ବିଷ ଦାନ୍ତ ଭଙ୍ଗି ସାପଟିକୁ ପେଡ଼ିରେ ପୁରେଇଲା । କେଳାର ଡାହାଣ ହାତ କୋହୁଣୀ ତଳକୁ କଟଟି ଉପରକୁ ସାପ କାମୁଡ଼ିଛି । ଦଉଡ଼ି ଖଣ୍ଡେ କହୁଣୀ ଉପରକୁ ଯୋର କରି ବାନ୍ଧି ଦେଲା । କ୍ଷତ ସ୍ଥାନରେ ଜହରମହୁରି ଲଗାଇ ଦେଲା । ତା ମୁଣ୍ଡରେ ପାଣି ଢାଳି ମୁଣ୍ଡକୁ ଥାପୁଡ଼ାଇଲା ।

କାହାରି ମୁହଁରୁ କିଛି କଥା ବାହାରୁ ନାହିଁ । ସମସ୍ତେ ଅବାକ୍, ରୁଦ୍ଧଶ୍ୱାସ । ଆଖି ଆଗରେ ସବୁଠାରୁ ବିସ୍ମୟକର, ଆବେଗମୟ ମ୍ୟାଜିକ ଦେଖିବା ପରି ସମସ୍ତେ ବ୍ୟଗ୍ର ହୋଇ ପରିଣତିକୁ ଲକ୍ଷ୍ୟ କରିଛନ୍ତି ।

ବେଳକୁ ବେଳ କେଳା ଚାରିପଟେ ଭିଡ଼ ବଢ଼ି ଚାଲିଛି । କେଳୁଣୀର ପୁଅ ସାପପେଡ଼ି, ତା' ବାପାର ଜଡ଼ିବୁଟି ମୁଣି ଆଉ ଡମରୁ ଧରି ଖେଳିବା ଆରମ୍ଭ କରିଦେଇଚି ।

ଅଚେତ ଅବସ୍ଥାରେ କେଳା ପ୍ରାୟ ପନ୍ଦର, କୋଡ଼ିଏ ମିନିଟ୍ ହେବ ପଡ଼ିଛି । ଦାନ୍ତ ଜାବ ପଡ଼ି ଯାଇଛି । ଦାନ୍ତ ସନ୍ଧାରୁ ଧାର ଧାର ଲାଳ ବୋହି ଭୂଇଁ ତିନ୍ତାଇ

Digitized by srujanika@gmail.com

ଦେଇଛି । ଗୋଡ, ହାତ, ମୁଣ୍ଡ, ଦେହ ସବୁ ନିଷ୍ଫଳ । ସାରା କଲୋନୀରେ ଗୋଟେ ଥମ୍ ଥମ୍ ଭାବ ।

ମୋ ନିଜ ଭିତର ପ୍ରତ୍ୟୟ ଭାଙ୍ଗି ଭାଙ୍ଗି ଆସିଲା । କେଳାର ଚେତା ଫେରିବାର କୌଣସି ଉପକ୍ରମ ନାହିଁ ?

ସଂଗ୍ରାମ, ସୁଜାତା ଓ ବନଜା ମୋ ମୁହଁକୁ ଚାହିଁଲେ । ସେମାନଙ୍କ ମୁହଁ ଗୁଡ଼ିକ ଭୟରେ କାବୁସ୍ତ । ମୋ ଝିଅ ସୁଜାତା ଆଖି ପୋଛୁ ପୋଛୁ ମତେ ପଚାରିଲା– ବାପା ! କେଳା କ'ଣ ମରିଗଲା ? ଏତେ ସମୟ ଅଚେତ ହେଲେ ଆଉ କଣ ମଣିଷ ବଞ୍ଚନ୍ତି ? ସାପ କାମୁଡା ପାଇଁ କ'ଣ କିଛି ଔଷଧ କି ଇଞ୍ଜେକ୍ସନ ନାହିଁ ।

ମୁଁ କିଛି ନକହି ମୋ ସ୍ତ୍ରୀ ବନଜାଙ୍କ ମୁହଁକୁ ଚାହିଁଲି । ତାଙ୍କ ଆଖିରେ ଲୁହ । ବନଜା ମୋତେ ଚାହିଁଲେ । ସେ ଆଖିରେ ଥିଲା ନିବେଦନ । ଆଖି ଆଗରେ ଜଣେ ମଣିଷ ଅସହାୟ ଅବସ୍ଥାରେ ମରିବ । ତା' ଚାରି ପାଖରେ ଏତେ ମଣିଷ ଠିଆହୋଇ ଦୁଃଖରେ ସମବେଦନାରେ ଭିତରେ ଭିତରେ ଭାଙ୍ଗି ଭାଙ୍ଗି ପଡୁଛନ୍ତି କିନ୍ତୁ କାହାରି ପାଟି ଖୋଲୁ ନାହିଁ ।

କେଲୁଣୀ କେଳା ମୁଣ୍ଡରେ ପାଣି ଢାଳିବାରେ ଲାଗିଛି । ତା ମୁହଁରେ ଦୁଃଖ, ହତାଶା କି ଭୟର ପାଦ ଚିହ୍ନଟିଏ ବି ନାହିଁ । ବରଂ ଆତ୍ମବିଶ୍ୱାସର ସୂର୍ଯ୍ୟ ତା ଆଖି ଓ ମୁହଁ ଭିତରୁ ଉଙ୍କି ମାରୁଥିଲେ ।

ସ୍ୱାମୀକୁ ସାପ କାମୁଡ଼ିଥିବା ବେଳେ କେତେ ଜଣ ସ୍ତ୍ରୀ ଏମିତି ଅବିଚଳିତ ରହିପାରିବେ ? ସର୍ବାଧୁନିକ ଡାକ୍ତରଖାନାରେ ସମସ୍ତ ପ୍ରକାର ସୁବିଧା ଥାଇ ଚିକିତ୍ସିତ ହେଉଥିଲେ ବି କୌଣସି ସ୍ତ୍ରୀ ଚିକିତ୍ସା ଉପରେ ସମ୍ପୂର୍ଣ୍ଣ ବିଶ୍ୱାସ ରଖି ଧୈର୍ଯ୍ୟ ଧରି ପାରିବେ ନାହିଁ । ଏପରିକି ବଡ ଡାକ୍ତରଖାନାରେ ଲେଡ଼ିଡାକ୍ତରଙ୍କ ସ୍ୱାମୀଙ୍କୁ ସାପ କାମୁଡ଼ିଲେ ସମସ୍ତ ଚିକିତ୍ସା ବନ୍ଦୋବସ୍ତକରି ମଧ୍ୟ ସେ ବିଚଳିତ ହେବେ । ଅନିଶ୍ଚିତତା ତାଙ୍କ ଆତ୍ମବିଶ୍ୱାସର ମାଟିକୁ ଓଲଟ ପାଲଟ କରିଦେବ ।

ଭୁବନେଶ୍ୱର ଛାତି ଉପରେ ଗୋଟେ ଲୋକ ଛଟ ପଟ ହୋଇ ମରିଯିବ, ଆମେ ଏତେ ଲୋକ ଦେଖିବୁ, ସମବେଦନାରେ ଲୁହ ଗଡାଇବୁ । ମୋ ମନ ଭିତର ଆଲୋଡନ କେଳାର ଗଡ, ଜହରମହୁର ଉପରେ ଥିବା ବିଶ୍ୱାସର

Digitized by srujanika@gmail.com

ଚଉହଦି ଚପିଗଲା । ଅଧ ଘଣ୍ଟାଏ ହେବ ଅଚେତ ଅବସ୍ଥାରେ କେଳା ପଡ଼ିଛି । କେଲୁଣୀର ଯାହା କର୍ତ୍ତବ୍ୟ ସେ କରି ସାରିଲଣି । ସିଏ ଅପେକ୍ଷା କରିଛି କେଳାର ଚେତା ଫେରିବ । ନିଶ୍ଚୟ ଫେରିବ । ଅଧ ଘଣ୍ଟାଏ ଭିତରେ ନହେଲେ ଘଣ୍ଟାଏ ଭିତରେ । କି ଅଖଣ୍ଡ ବିଶ୍ୱାସ !

କେଲୁଣୀର ଆତ୍ମ ବିଶ୍ୱାସ ଉପରୁ ମୋ ମନର ବିଶ୍ୱାସ ପାଣିଚିଆ ଧରି ଆସିଲା । କିନ୍ତୁ କେଲୁଣୀର ମୁହଁ ପୂର୍ବପରି ଅବିଚଳିତ, ଉଜ୍ଜ୍ୱଳ । ତା ସ୍ୱାମୀ ସହିତ ସାପ ଖେଳାଉଥିବାବେଳେ ତା ମୁହଁ ଯେମିତି ନିଧଡକ, ନିସ୍ତରଙ୍ଗ ଥିଲା ଏବେ ବି ସେମିତି ଅଛି ।

ମୋ ସ୍ତ୍ରୀ ବନଜା ଅଧୈର୍ଯ୍ୟ ହେଲେ– ଲୋକଟା ମରିଗଲା ନା କ'ଣ ? ଏତେ ଲୋକ ଠିଆହୋଇ ଦେଖୁଛନ୍ତି କେହିଜଣେ ଡାକ୍ତରଖାନାକୁ ନବା ପାଇଁ ବ୍ୟବସ୍ଥା କରୁ ନାହାଁନ୍ତି । ଏ ଭୁବନେଶ୍ୱରର ମଣିଷଗୁଡା କାଠ କଣ୍ଢେଇ ମଣିଷ । ଏମାନଙ୍କ ଭିତରେ ମଣିଷ ପଣିଆ ନାହିଁ । ଅନ୍ୟର ଦୁଃଖ ଦେଖିଲେ ଏମାନଙ୍କ ଆଖି କାନ୍ଦେ । ମନଟା ହସୁଥାଏ କେତେ ଗହୀରରେ । ଅନ୍ୟର ସୁଖରେ ଦାନ୍ତ ହସେ, ମନଟା ଈର୍ଷାରେ ଜଳେ ।

ମୁଁ ବାଲ୍‌କୋନୀରୁ ତଳକୁ ଓହ୍ଲାଇ ଗଲି । କେଳାକୁ ପାଖରୁ ଚାହିଁଲି । ଚେତା ଫେରିବାର କୌଣସି ଲକ୍ଷଣ ଦେଖାଯାଉ ନାହିଁ । କେଲୁଣୀକୁ କହିଲି– ଆମ ସମସ୍ତଙ୍କ ଆଗରେ ଗୋଟେ ମଣିଷ ଏମିତି ଅସହାୟ ଅବସ୍ଥାରେ ଏତେ ସମୟ ପଡ଼ିଥିବ ଆଉ ଆମେ ତାର ଚେତା ଫେରିବ ଫେରିବ ବୋଲି ଅପେକ୍ଷା କରି ରହିଥିବୁ, ଏଟା ମୋତେ ଭଲ ଲାଗୁନାହିଁ । ତୁମର ଯଦି କିଛି ଆପତ୍ତି ନଥାଏ । ତେବେ ମୁଁ ତାକୁ ଡାକ୍ତରଖାନାରେ ଚିକିତ୍ସା କରାଇବାର ବ୍ୟବସ୍ଥା କରିଦେବି ।

କିନ୍ତୁ କେଲୁଣୀ କେଳାକୁ କୁଣ୍ଢାଇ ଧରି କହିଲା– ନା ବାବୁ ! ଡାକ୍ତରଖାନା ନବା ଦରକାର ନାହିଁ । ସବୁ ଠିକ୍ ହୋଇଯିବ । ଏଇ ଅଳପ ସମୟ ଭିତରେ ସିଏ ଉଠି ବସିବ । ଆଗପରି ଆପଣମାନଙ୍କ ଆଗରେ ସାପ ଖେଳାଇବ ।

ମୁଁ କେଲୁଣୀର କଥାରେ ବାଧା ଦେଲି–ଅନେକ ବେଳୁ ଲୋକଟା ଅଚେତ ହୋଇ ପଡ଼ିଛି । ଅବସ୍ଥାରେ ମୋତେ ଉନ୍ନତି ଦେଖା ଯାଉନାହିଁ । ତମେ ବିଶ୍ୱାସ କର, ଡାକ୍ତରଖାନାରେ ତମ ସ୍ୱାମୀ ନିଶ୍ଚୟ ଭଲ ହୋଇଯିବେ ।

Digitized by srujanika@gmail.com

କେଲୁଣୀ ମୋତେ ବୁଝାଇବାକୁ ଚେଷ୍ଟା କଲା–ଦେଖନ୍ତୁ ଆଜ୍ଞା, ଏଇଟା ଆମର ବେଉସା । ସାପ ଧରିବା ଆଉ ସାପ କାମୁଡ଼ିବା ଆମପାଇଁ ନିତି ଦିନିଆ କଥା । ଆପଣ ମୋଟେ ବ୍ୟସ୍ତ ହୁଅନ୍ତୁ ନାହିଁ ।

କେତେକ ଲୋକ କେଲୁଣୀ ଉପରେ ବିରକ୍ତ ହେଲେ– ସ୍ତ୍ରୀ ନା ରାକ୍ଷାସୁଣୀ ? କେତେ ଟାଣ ଏ କେଲୁଣୀର ମନ !

କେଲୁଣୀ ଉପରେ ସମସ୍ତଙ୍କ ଆଖି ପଡ଼ିଲା । କେଲୁଣୀ ବଡ ପାଟିରେ ସମସ୍ତଙ୍କୁ ହାତଯୋଡ଼ି କହିଲା–ବାବୁମାନେ ! ମାଆମାନେ ! ମୋ ପାଇଁ, ମୋ କେଳାପାଇଁ ତମମାନଙ୍କ ମନରେ ଦରଦ ଅଛି ସେଇ ଢେର । ଏଇ ଗଦ, ଜହର ମହୁରୀ ଉପରେ ଆମ କେଳାଜାତିର ଭରି ପଡିଥାଏ । ମୋ କଥା ପରତେ ଯିବେ କି ନାହିଁ ଆଜିକି ଗ୍ରହି, ପାଞ୍ଚ ବରଷତଳେ ଜଣେ ଗୋରସାହାବ ଆଉ ତା ମେମ ସାହେବ ଆମ ଗାଁଆଁ ପାଖ ବଣକୁ ଶିକାର କରିବାକୁ ଯାଇଥିଲେ । ଆମ ଗାଁ ପାଖରେ ଥିବା ଗୋଟେ କଣ୍ଟେଇକୋଳି ଗଛରୁ କୋଳି ଖାଉ ଖାଉ ସାହାବଙ୍କୁ ସାପ କାମୁଡ଼ିଲା । ମୋ ବାଆ ଦେଖିଲା ସାପଟା ସାହାବଙ୍କୁ କାମୁଡ଼ି ଦେଇ ପଳଉଛି । ସାପଟାକୁ ମୋ ବାଆ ଧଇଲା । ମେମ୍ ଖୁବ୍ ବଡପାଟିରେ ଚିଲେଇଲା । ଆମ ଗାଁର ବହୁତ କେଳା ଆସି ଏକାଠି ହେଲେ । ସାହାବଙ୍କୁ ଗଦ ଖୋଇଦେଲେ ତା ଗୋଡରେ ଧରଣି ବାନ୍ଧିଦେଲେ । ସାପ କାମୁଡା ଜାଗାରୁ ରକ୍ତ ବାହାର କରି ଜହରମହୁରୀ ଲଗେଇ ଦେଲେ । ସାହାବ ଅଚେତ ହୋଇ ପଡ଼ିଥାଏ ।

ମେମ୍ ଠାରିଲା ସାହାବଙ୍କୁ ଡାକ୍ତରଖାନାକୁ ନବାକୁ କିନ୍ତୁ କେଳାମାନେ ମନାକଲେ । ଗଦରେ ସାହାବ ଭଲ ହେଇଯିବ ବୋଲି ତାକୁ ବୁଝେଇଲେ । ମେମ୍ ମୋଟେ ମାନିଲା ନାହିଁ । ସାହାବଙ୍କୁ ଡ଼ାକ୍ତର ଖାନାକୁ ନବାକୁ ଯିଦ କଲା । ଇନାମ ଦବ ବୋଲି ଲୋଭ ଦେଖେଇଲା । ବହୁତ ନେହୁରା ହେଲା । କେଳାମାନଙ୍କ ହାତ ଗୋଡ ଧଇଲା ।

କିନ୍ତୁ କେହି ମାନିଲେ ନାହିଁ ସାହାବଙ୍କୁ ଡାକ୍ତରଖାନାକୁ ନବାପାଇଁ । ଶେଷକୁ ମେମ ରାଗିଯାଇ ବନ୍ଧୁକ ଦେଖେଇଲା । ସାହାବଙ୍କୁ ଡାକ୍ତରଖାନାକୁ ନନେଲେ ସମସ୍ତଙ୍କୁ ଗୁଳିକରି ମାରିଦେବ ବୋଲି ଧମକ ଦେଲା ।

Digitized by srujanika@gmail.com

ଆମ ଝେଙ୍କାମାନେ କହିଲେ– ତୁମେ ଗୁଳିମାର କି ବୋମାଫୁଟା ଆମ ଜଡ଼ିବୁଟି ଗଦ, ଜହରମହୁଗ ଆମକୁ ବଡ । ଏଇଥିରେ ଆମେ କେତେନାଇଁ କେତେ ସାପର ବିଷ ଝାଡୁଛୁ । ଆମ ଦେହରେ ଭ୍ରମ ଯେତେ ଆମେ ସାପ ଧରିଛୁ ସେତେ । ଆମେ ଯଦି ସାପ କାମୁଡା ମଣିଷକୁ ଡାକ୍ତରଖାନା ନବୁ ତେବେ ଆମ ଜଡ଼ି ବୁଟି ଉପରେ ଆଉ କାହାର ପତିଆରା ରହିବ ? ଅମ ବେଉସା ବୁଡ଼ିଯିବ । ଆମେ ସବୁ କରିବୁ, ଦରକାର ହେଲେ ଆମେ ତମପାଇଁ ବେକ ଦବୁ ହେଲେ ଆମ କେଳାଜାତି ପ୍ରତି, ଆମ ବେଉସା ପ୍ରତି ବେଇମାନି କରିପାରିବୁ ନାହିଁ ।

ମେମ ରାଗରେ ଚନ୍ଦ୍ରଗ୍ରହଣ ଗ୍ରେବାଇଲା । କେଳାମାନଙ୍କୁ ଡରେଇବାପାଇଁ ଉପରକୁ ଗୋଟେ ଗୁଳି ଫୁଟେଇ ଦେଲା । ଗୁଳି ଆବାଜରେ ସାହାବର ଚେତା ଫେରିଲା । ସିଏଝାଡ଼ିଝୁଡ଼ି ହୋଇ ଉଠି ବସିଲା ।ମେମ୍ ବନ୍ଧୁକ ଫୋପାଡ଼ିଦେଇ ସାହାବକୁ କୁଣ୍ଢେଇ ଧରି ଦିହ ମୁଣ୍ଡ ଚୁଚୁମିଗଲା । ସାହାବ ମେମ୍ ସାହେବ ସେ ‘ଦିନଟା ସାରା ଆମଗାଁରେ ରହିଲେ । ଦିହେଁ ଭାରି ଖୁସି ହେଲେ । ରାତିରେ ସାହାବ ଆମ ଗାଆଁ ବାଲାକୁ ମଉଛୁକ ଦେଲା ।

କେଲୁଣୀର କଥା ସରିଲାପରେ ସମସ୍ତଙ୍କ ଦୃଷ୍ଟି ପୁଣି ଫେରି ଆସିଲା ଅଚେତ ହୋଇ ପଡ଼ିଥିବା କେଳା ଉପରକୁ । କିଛି କରି ହେଉନାହିଁ କିନ୍ତୁ ଜଣେ ମଣିଷ ଆଖିଆଗରେ ଗଳିଯିବ । ଏ ଦୃଶ୍ୟ ଦେଖି ହେଉନାହିଁ ।

କେଲୁଣୀ କେଳାର ମୁଣ୍ଡକୁ କୋଳରେ ଥୋଇ ଆଉଁସିଲା । ହାତରେ ଆଖିକୁ ମେଲକରି କାନ ପାଖରେ ଡାକିଲା । କାନକୁ ବାରମ୍ବାର ଫୁଙ୍କିଲା । ମୁଣ୍ଡକୁ କୋଳକୁ ଉଠାଇ ନେଇ ଗୋଡ ହାତ, ପିଠି, ଛାତି ଆଉଁସିଲା । ମୁଣ୍ଡରେ ଆଉଥରେ ଭଲ ଭାବରେ ପାଣିତାଳି ଥାପୁଡ଼ାଇଲା । କିନ୍ତୁ କିଛି ଫଳ ହେଲନାହିଁ ।

ନାକ ପାଖରେ ହାତଦେଇ ନିଶ୍ୱାସ ଦେଖିଲା, ଛାତିରେ ହାତ ଦେଇ ସ୍ପନ୍ଦନ ମାପିଲା । ସବୁ କେମିତି ଗୋଳମାଳ ଲାଗିଲା । ନିଃଶ୍ୱାସ ବନ୍ଦ ହୋଇ ଯାଇଛି ।

କେଲୁଣୀର ମୁହଁ କାନ୍ଦ କାନ୍ଦ ଦିଶିଲା । ଲୁହରେ ଆଖି ଢବଢବେଇ ଗଲା । ତା ହାତ ଗୋଡ ଥରିଲା, ପାଟି ଖନି ବାଜିଲା ।

Digitized by srujanika@gmail.com

ମୁଠା ମୁଠା ବିଶ୍ୱାସ ତା' ହାତମୁଠାରୁ ଉଡ଼ିଯାଉଛି । ପର୍ବତ ପରି ମନଟା ତାର ଲୁଣ ମୁଣ୍ଡାପରି ମିଳେଇ ଯାଉଚି ।

ଦର୍ଶକମାନଙ୍କ ଚଉତର ପରିଧି କମି ଆସିଲା । ସମବେଦନାରେ ବତୁରି ଯାଇଥିବା ମଣିଷମାନେ କେଳା ଉପରେ ଓଜାଡ଼ି ପଡ଼ିଲେ । ସେମାନେ କୁହା କୁହି ହେଲେ– କେଳା ଆଉ ବଞ୍ଚିବାର ଆଶା ନାହିଁ । ଘଣ୍ଟାଏ ଦେଢ଼ ଘଣ୍ଟା ହେଲା ଅଚେତ ହୋଇ ପଡ଼ିଚି । ଦିହସାରା ବିଷ ଚରି ଗଲଣି ।

କେଲୁଣୀ ଆଖିରୁ ଧାର ଧାର ଲୁହ ଗାଲ ଡେଇଁ ତା ପାଟିରେ ପଶିଲା । ଦୁଇ ହାତରେ ଲୁହ ପୋଛି ପୋଛି ବାରମ୍ବାର କେଳାର ନିଃଶ୍ୱାସ ଦେଖୁଥାଏ । ଆଉ ନିଃଶ୍ୱାସ ମିଳୁନାହିଁ ।

କେଲୁଣୀ ଆଖିଆଗରେ ପରସ୍ତ ପରସ୍ତ ଅନ୍ଧାର ଜମାଟ ବାନ୍ଧିଲା । ହଠାତ୍ କେଳା ଉପରେ ଟଳି ପଡ଼ିଲା କେଲୁଣୀ ।

କେଲୁଣୀର ଚେତା ନାହିଁ । କେଳାକୁ ଛାଡ଼ି ସମସ୍ତେ କେଲୁଣୀକୁ ବେଢ଼ିଗଲେ । ମୋ ହାତକୁ କିଏ ପାଣି ଢାଳେ ବଢ଼େଇ ଦେଲା । ମୁଁ ତା ମୁଣ୍ଡରେ ପାଣି ଢ଼ାଳିଲି ।

ଭିଡ଼ ଠେଲି କେଳା ପଶିଆସିଲା । ସମସ୍ତେ ଆଶ୍ଚର୍ଯ୍ୟ ହେଲେ । କେଳାର ଚେତା ଫେରିଲା କେମିତି ?

କେଳା କେଲୁଣୀକୁ କୁଣ୍ଢେଇ ଧରି ତା ଦିହସାରା ହାତ ବୁଲେଇ ଆଣିଲା । କାନରେ ମୁହ ଲଗାଇ ଫୁର୍କିଲା । କିନ୍ତୁ କେଲୁଣୀର ନିଃଶ୍ୱାସ ଫେରିଲା ନାହିଁ । ଦିହଟା ବରଫପରି ଶୀତଳ । ଭେ ଭେ ରଡ଼ି ଛାଡ଼ିଲା କେଳା ।

କାନ୍ଦିବା ଭିତରେ କେଲୁଣୀର ମୃତ୍ୟୁ ପାଇଁ କେଳା ନିଜକୁ ଦାୟୀ କରୁଥିଲା । ଅନେକ ବେଳୁ ଚେତା ଫେରିଥିଲେ ମଧ୍ୟ ନିଜ ସ୍ତ୍ରୀର ଧୈର୍ଯ୍ୟ ଆଉ ଭଲପାଇବାର ଗଭୀରତା ମାପିବା ପାଇଁ କେଳା ଛଳନା କରି ଅଚେତ ହୋଇ ଘଣ୍ଟା ଘଣ୍ଟା ପଡ଼ି ରହିବା ଆଉ ଜାଣି ଜାଣି ନିଃଶ୍ୱାସ ବନ୍ଦ କରିବା ଫଳରେ କେଲୁଣୀର ବିଶ୍ୱାସ ପାଣିଫାଟି ଗଲା । ଅତି ଦୁଃଖରେ ସିଏ କାଠ ପାଲଟି ଗଲା । ଛାତିକୁ ଘପୁଡ଼ାମାରି ଡକେ ଗଡ଼ି ଗଡ଼ି କାନ୍ଦୁଥିଲା କେଳା ।

କେଳାର ପୁଅଟି ତା' ମାଆ କୋଳରେ ପଶି ଖିର ପିଇବାକୁ ତା' ଲୁଗା ଟାଣୁଥିଲା ।

●

Digitized by srujanika@gmail.com

ମୁହଁସଂଜ

ସେତେବେଳେ ସଧ୍ୟା ଛଅଟା । ଖରଦିନର ସଂଧ୍ୟା । ଖୋଲା ଦେହରେ ଘର ଆଗ ଫୁଲବଗିଚାରେ ପବନ ଖାଉଥିଲେ ବୃନ୍ଦାବନ ବାବୁ ।

ମୁଁ ତାଙ୍କୁ ନିଜର ପରିଚୟ ଦେଲି । ମୁଁ ଏଇ ଭୁବନେଶ୍ୱରରେ କାମ କରେ । ତାଙ୍କ ମାମୁଁ ଧରଣୀ ଦାଶ ଦେଇଥିବା ଚିଠିଟି ବୃନ୍ଦାବନ ବାବୁଙ୍କୁ ଦେଲି ।

ଚିଠିଟି ମୋଠୁ ନେଇ ଠିଆ ଠିଆ ପଢ଼ିଲେ ବୃନ୍ଦାବନ ବାବୁ ।

ଧରଣୀ ଦାଶଙ୍କୁ ମୁଁ ମଧ୍ୟ ମାମୁଁ ଡ଼ାକେ । କୋଉ ସମ୍ପର୍କରୁ ସିଏ ମୋର ମାମୁଁ ମୁଁ ଏ ଯାଏ ଜାଣି ନାହିଁ । ଆମ ଗାଆଁରେ ଯେତେ ଲୋକ ଅଛନ୍ତି ସମସ୍ତେ ମୋର କିଛି ନା କିଛି ସମ୍ପର୍କ ଦଉଡ଼ିରେ ବନ୍ଧା । ସେ ସମ୍ପର୍କଲଟାର ମୂଳ ଚାଡ଼ି ବୀଜଟି ଆବିଷ୍କାର କରିବା ସମ୍ଭବ ନୁହେଁ ।

ଧରଣୀ ମାମୁଁଙ୍କ ବାପା ଗଦାଧର ଦାଶ ଆମ ଗାଆଁର ପୁରୋହିତ ଥିଲେ । କର୍ମ କର୍ମାଣିରେ ଅତ୍ୟନ୍ତ ନିପୁଣ । ଆମ ଅଞ୍ଚଳଟା ଯାକର ବିବାହ, ବ୍ରତ, ଶ୍ରାଦ୍ଧ, ଭଗବତ ପାଠ, ହରିବଂଶ, ଠାକୁର ପୂଜା, ମେଳା ସବୁଥିରେ ସିଏ ଥିଲେ ଦକ୍ଷ । କିନ୍ତୁ ଧରଣୀ ମାମୁଁ ସ୍ତବ, ଶ୍ଳୋକ, ସ୍ତୋତ୍ର, ବିବାହ, ବ୍ରତ ଇତ୍ୟାଦି କୌଣସି କର୍ମ ଜାଣନ୍ତି ନାହିଁ । ଆମ୍ବ ତୋଟା, ପାଣିବୁଡ଼ା, ମାଛଧର ଆଉ ତାଆସ ଖେଳରେ ତାଙ୍କର ପିଲାଦିନ କଟିଗଲା ।

ଗଦାଧର ଦାଶ ତାଙ୍କ ମୃତ୍ୟୁ ବେଳକୁ ଚାରି ଏକର ଢିପଜମି ଛାଡ଼ି ଯାଇଥିଲେ; ଯାହା ସିଏ ଦାନସୂତ୍ରରେ ଏଠୁ ସେଠୁ ପାଇଥିଲେ । କେଉଁଠି କିଆରୀଏ ତ କେଉଁଠି ଅଧା କିଆରୀଏ । ତାକୁ ଚାଷ କରିବା ସମ୍ଭବ ନୁହେଁ । ଗୋଟେ ହଳ ପଠାଇଲେ ସିଏ ଏଠି କିଆରିଏ ସେଠି କିଆରିଏ ଏମିତି ଏ ବିଲ, ସେ ବିଲ, ଏ ଚକ, ସେ ଚକ ହୋଇ ତା'ର ସମୟ କଟିବ । ଦାନ-ଦିଆ ଜମି ବିକିଲେ କେହି କିଣିବେ ନାହିଁ । କେବଳ ନାମକୁ ମାତ୍ର ଚାରି ଏକର ଜମିରେ ସ୍ୱମାରି କିନ୍ତୁ ପ୍ରକୃତ ପକ୍ଷେ କିଛି କାମକୁ ନୁହେଁ ।

Digitized by srujanika@gmail.com

ଯେଉଁମାନେ ସେ ଜମିସବୁ ଦାନ ଦେଇଥିଲେ ସେମାନେ ନିଜ ନିଜ ଜମି ସହିତ ଏ ଦାନ ଜମିକୁ ଚାଷ କରନ୍ତି । ଫସଲ ଅମଳ ବେଳେ ଘର ଘରକି ଯାଇ ତାଙ୍କଠୁ ଫସଲ ଆଣିବାକୁ ହୁଏ । ଧରଣୀ ମାମୁଁଙ୍କ ପାଇଁ ଇଏ ଦାନ ନୁହେଁ, ଭିକ୍ଷା ପରି ଲାଗେ ।

ବାପା ଚାଲିଗଲା ପରେ ଧରଣୀମାମୁଁ ବଡ ଅସୁବିଧାରେ ପଡ଼ିଲେ ତିନୋଟି ଝିଅ, ଦୁଇଟି ପୁଅ ଆଉ ସ୍ତ୍ରୀଙ୍କୁ ମିଶାଇ ସାତ ଜଣିଆ ପରିବାର । କୋଉଠି କେମିତି ମନ୍ତ୍ରହୀନ ଠାକୁର ପୂଜା, ବିବାହ ବ୍ରତ କି ଅଷ୍ଟପ୍ରହରୀ ବେଳେ ରୋଷେଇ କରି ଆଉ ପଇଡା ବିକି କରି ଯାହା ସିଏ ରୋଜଗାର କରନ୍ତି ତାଙ୍କ ପରିବାର ଚଳାଇବା ପାଇଁ ତାହା ନିଅଣ୍ଟ ହୁଏ ।

ଧରଣୀ ମାମୁଁ ଉଚ୍ଚକୂଳରେ ସମ୍ଭୂତ ନିର୍ବୋଧ ଟିଏ । ସବୁ କଥାରେ ଛାମୁ ଦାନ୍ତ ଦେଖାଇ ହସି ପକାନ୍ତି । ରାଗ, ଛଳ ମୋଟେ ନାହିଁ । ବ୍ରାହ୍ମଣ ଭୋଜନ ପାଇଁ ଆଠ, ଦଶ କିଲୋମିଟର ପାଦରେ ଚାଲିକି ଯିବାର ମୁଁ ଜାଣିଛି ।

ବୃନ୍ଦାବନ ବାବୁ ଚିଠିଟି ପଢୁଥିଲେ । ଚିଠିଟି ପଢା ଶେଷ କରି ମୋତେ ପୁଛିଲେ– ମୋ ପିଲାଦିନ ଆପଣଙ୍କ ଗାଁରେ କଟିଛି । ଅଜା ଥିଲାବେଳେ ମାମୁଁଘରେ ରହି ମାଟ୍ରିକ୍ ପର୍ଯ୍ୟନ୍ତ ମୁଁ ଆପଣଙ୍କ ଗାଁ ହାଇସ୍କୁଲରେ ପଢିଛି । ହାଇସ୍କୁଲ ଆଗରେ ଯେଉଁ ତୂନଘଣ୍ଟା ଥିଲା ସେଟା ଏବେ ଅଛିନା ? ମୁଁ ଅନେକ ଦିନ ହେବ ମାମୁଁ ଘରକୁ ଯାଇ ନାହିଁ ।

ମୁଁ ମନା କଲି– ନା ସେ ଘଣ୍ଟା ଉଠିଯାଇ ସେ ସ୍ଥାନରେ କଲେଜଘର ତିଆରି ହୋଇଛି ।

ବୃନ୍ଦାବନ ବାବୁ ତାଙ୍କ କପାଳରେ ଗୋଟେ ଖଣ୍ଡିଆ ଦାଗ ଦେଖାଇଲେ । ସେଇ ଦାଗଟା ସ୍ଥାନରେ ଘଣ୍ଟାର ଚକବାଜି ବଡ଼ କ୍ଷତଟାଏ ହୋଇଥିଲା । ତେଣୁ ସେ ଘଣ୍ଟାକୁ ଆଜିଯାଏ ଭୁଲିପାରି ନାହାନ୍ତି ।

ସେ ପୁଣି ପଚାରିଲେ– ଆପଣଙ୍କ ଗାଆଁର ଅବିନାଶ କ'ଣ କରୁଛି ବର୍ତ୍ତମାନ ? ସିଏ ଆମ ଶ୍ରେଣୀରେ ପ୍ରଥମ ହେଉଥିଲା ।

Digitized by srujanika@gmail.com

: ଅବିନାଶବାବୁ ବର୍ତ୍ତମାନ କାନପୁର ଆଇ.ଆଇ.ଟି. ରେ ପ୍ରଫେସର ।

ବୃନ୍ଦାବନ ବାବୁ କହିଲେ– ଆପଣ ମଝିରେ ମଝିରେ ଆସିବେ । ଆପଣଙ୍କ ଗାଆଁ ସହିତ ମୋର ପିଲାଦିନର ପରିଚୟ । ମୋ ଜୀବନ ମାନଚିତ୍ରରେ ଆପଣଙ୍କ ଗାଆଁଟି ସ୍ୱତନ୍ତ୍ର ଆସନ ବାନ୍ଧିଛିରେ । ଆପଣଙ୍କ ଗାଆଁ ମନେ ପଡ଼ିଲେ ମୁଁ ତନ୍ମୟ ହୋଇଯାଏ । ଆପଣଙ୍କ ଗାଆଁ ତଳର ପାହାଡ଼, ଆମ୍ବତୋଟା, କୋଳିବୁଦା, ପୋଖରୀ, ପାଦଚଲା ବିଲ ରାସ୍ତା ଏବେ ବି ମୋ ମନରେ କେତୋଟି ତୈଳଚିତ୍ର ପରି ଅଭୁଲା ରହିଛି ।

ଧରଣୀମାମୁଁ, ତାଙ୍କ ପରିବାର, ତାଙ୍କର ବର୍ତ୍ତମାନର ଚଳଣି ଆଉ ତାଙ୍କ ପିଲାଙ୍କ ପାଠ ପଢ଼ା ବିଷୟରେ ଟିକି ନିଖି ପଚାରି ବୁଝିଲାପରେ ବୃନ୍ଦାବନବାବୁ ମୋତେ- କହିଲେ, ଆପଣ ଆଜ ଯେତେବେଳେ ଗାଁକୁ ଯିବେ ତା ପୂର୍ବରୁ ଦୟାକରି ମୋତେ ଦେଖା କରିବେ ।

ସେଦିନ ବୃନ୍ଦାବନ ବାବୁଙ୍କ ପାଖରୁ ଫେରି ମୋ ବସାରେ ପହଞ୍ଚିଲା ବେଳକୁ ରାତି ହୋଇଯାଇ ଥିଲା । ରାତିରେ ଶୋଇଲାବେଳେ ଧରଣୀମାମୁଁଙ୍କ ମୁହଁଟି ମୋ ବନ୍ଦ ଆଖିର ସ୍କ୍ରିନ ପଟେ ନେସି ହେଉଥିଲା, ଘସି ହେଉଥିଲା । ଧୋତି ପିନ୍ଧା କଳା, ପତଳା ମଣିଷଟିଏ ଆଖି ଆଗକୁ ଆସିଯାଉଥିଲା, ଫେରିଯାଉଥିଲା ।

ଧରଣୀମାମୁଁ ତାଙ୍କ ଭଣଜା ବିଷୟରେ ଯେତିକି ଧାରଣା ମୋତେ ଦେଇଥିଲେ ସେତକ ଆଜିର ସାକ୍ଷାତକାର ପରେ ମନ ଭିତରେ ତଉଲୁଥିଲି । ସଫଳ ମଣିଷ ଜଣେ । ହସ, ହସ ମୁହଁ, ଦରଦୀ ହୃଦୟ । ମନ କିଣା କଥାବାର୍ତ୍ତା ।

ବିଲାତ ଫେରନ୍ତା ଭଣଜା ପାଇଁ ଧରଣୀମାମୁଁଙ୍କ ମନରେ ଭରି ଗର୍ବ । ବୃନ୍ଦାବନବାବୁଙ୍କ ପ୍ରଶସ୍ତି ଗାଇଲାବେଳେ ଧରଣୀମାମୁଁଙ୍କ ମୁହଁର ମାନଚିତ୍ର ବଦଳି ଯାଏ । ସତେ ଯେମିତି ନିଜ ବିଲାତ ଫେରନ୍ତା ପୁଅର ପ୍ରଶସ୍ତି ଗାଉଛନ୍ତି ।

ବୃନ୍ଦାବନ ବାବୁଙ୍କ ପ୍ରଥମ ଚାକିରି କୋରାପୁଟରେ । ଏତେ ଦୂରତା ଯୋଗୁ କେବଳ ଖଣ୍ଡେ ଚିଠି ପଠେଇଥିଲେ ଧରଣୀମାମୁଁ । ତାର ଉତ୍ତରରେ ଭଣଜା ତାଙ୍କୁ ନିମନ୍ତ୍ରଣ କରିଥିଲେ କୋରାପୁଟକୁ କିନ୍ତୁ ଏତେ ଦୂରକୁ ରାସ୍ତାଖର୍ଚ୍ଚ ଯୋଗାଡ଼ କରିବା ତାଙ୍କ ପକ୍ଷରେ ସମ୍ଭବ ନଥିଲା । ଭଣଜା ପାଖକୁ ରାସ୍ତାଖର୍ଚ୍ଚ

Digitized by srujanika@gmail.com

ପାଇଁ ଲେଖିବା ଅସୁନ୍ଦର ହେବ । କୋରାପୁଟରୁ ବୃନ୍ଦାବନବାବୁଙ୍କର ବଦଳି ହେଲା ବାରିପଦା, ବାରିପଦାରୁ ସମ୍ବଲପୁର । ଚାକିରିର ଦଶବର୍ଷ ପରେ ଏବେ ବୃନ୍ଦାବନବାବୁ ଭୁବନେଶ୍ୱରକୁ ବଦଳି ହୋଇ ଆସିଛନ୍ତି ।

ଆମ ଗାଆଁରୁ ଭୁବନେଶ୍ୱର ଘଣ୍ଟାଖଣ୍ଡ । ଯିବା ଆସିବା କୋଡ଼ିଏ ଟଙ୍କା । ତଥାପି ଧରଣୀ ମାମୁଁଙ୍କ ହାତ ପାଉନାହିଁ ।

ଧରଣୀମାମୁଁ ମତେ ଦିନେ କହୁଥିଲେ– ଆମ ଘରେ ପ୍ରତିଦିନ ଝଗଡା । ମୋ ସ୍ତ୍ରୀ ଲଗେଇଛି ଟଙ୍କା ଦଶଟା କେଉଁଠୁ ଧାର ଆଣି ବୃନ୍ଦାବନ ପାଖକୁ ଯିବାକୁ । ସିଏ କହୁଛି ଆସିବା ପାଇଁ ବୃନ୍ଦାବନ ଦେବେ । ତାଙ୍କୁ ଆମ ଅସୁବିଧା କଥା କହିକି ଟଙ୍କା ଦି, ତିନି ହଜାର ଆଣି ଦୋକାନ ଖଣ୍ଡେ ଦେଲେ ଆମ ଗୁଜୁରଣ ମେଣ୍ଟି ଯାଆନ୍ତା । ତମେ ତ ମୋଟେ ଯିବ ନେଇଁ । ତାଙ୍କର କ'ଣ ଟଙ୍କା ପଚି ଯାଉଚି ତମ ଘରେ ଆଣି ଯାଚିକି ଦେଇ ଯିବେ ?

ଧରଣୀମାମୁଁ ମୋ କାନ ପାଖକୁ ମୁହଁ ଆଣି ଅତି ଗୋପନୀୟ ଭବରେ କହିଥିଲେ– ତୋ ମାଇଁ କଣ ବୁଝୁଛି ? ମୁଁ କେମିତି ଭୁବନେଶ୍ୱର ଯିବି କହିଲୁ ? ମୋ ଭଣଜାରତ ପୁଣି ଗୋଟେ ମାନ ସମ୍ମାନ ଅଛି ? ପ୍ରତିଦିନ ତା ଘରକୁ କେତେ ବଡ ଲୋକ ଆସୁଛନ୍ତି, ତା ଘରେ ଚାରି ଚାରିଟା ଚପରାସି ଖଟୁଛନ୍ତି, ତା'ର ନିଜର ମଟର ଅଛି । ସିଏ ଯୋଉ ଘରେ ଭଡାରେ ଅଛି ସେ ଘରର ଭଡା କୁଆଡେ ମାସକୁ ହଜାରେ ଟଙ୍କା । ମୁଁ ଖାଲି ଦିହଟାରେ କେମିତି ଯିବି କହିଲୁ ? ପଦାକୁ ବାହାରିବା ପାଇଁମୋର କ'ଣ ଖଣ୍ଡେ କାମିଜ ଅଛି ? ଫଙ୍ଗୁଳା ଦିହରେ ଭୁବନେଶ୍ୱର ଗଲେ । ମୋ ଭଣଜା ମୁହଁ ତଳକୁ ହେବ ନାହିଁ ?

ମୋତେ ଏ ଚିଠିଟି ଦେଇବେଳେ ଧରଣୀମାମୁଁ ବାରମ୍ବାର କହିଥିଲେ- ଯେତେ କଷ୍ଟ ପଡୁପଛେ ଖୋଜି ଖୋଜି ମୋ ଭଣଜା ହାତରେ ଚିଠିଟା ଦେବୁ । ସିଏ ତୋ ହାତରେ କାମିଜ କନା ଦବ । ତୁ ଆଣିଲେ ମୁଁ କାମିଜ ତିଆରି କରିବି, ତୋ ସାଙ୍ଗରେ ମୋ ଭଣଜା ଘରକୁ ଯିବି; ଭଣଜାଠୁ ଟଙ୍କା ଆଣି ଦୋକାନ କରିବି ।

Digitized by srujanika@gmail.com

ଚିଠିଟି ଦେବାର ପ୍ରାୟ ପନ୍ଦରଦିନ ପରେ ମୁଁ ବୃନ୍ଦାବନବାବୁଙ୍କୁ ଦେଖା କରିବାକୁ ଗଲି । ଏଥର ବୃନ୍ଦାବନବାବୁ ମୋତେ ତାଙ୍କ ବୈଠକ ଘରକୁ ଡାକି ନେଲେ । ବୈଠକ ଘରର ସାଜସଜା ଖୁବ୍ ଆଧୁନିକ ରୁଚିର । ଟିକ୍ ଉଡ୍‌ର ସୋଫାସେଟ୍, ରଙ୍ଗିନ ଟିଭି, ଗଡ୍‌ରେଜ ଆଲମିରା, ଗ୍ଲାସ ଆଲ୍‌ମିରା ଥାକରେ ବହୁ ମୂଲ୍ୟ ପୁସ୍ତକ, କାନ୍ଥସାଗ ଖଡ଼ିପଥରରେ ବିଭିନ୍ନ ଭଙ୍ଗିର ମୂର୍ତ୍ତି । ଗୋଟେ କଡକୁ ଆକ୍ୱାରିୟମ । ତା ଭିତରେ ନାନା ରଙ୍ଗର ମାଛ । ତଳେ ପଡ଼ିଛି ସୌଖୀନ ଭେଲ୍‌ଭେଟ ଗାଲିଚ୍ଚ ।

କିଛି ସମୟ ଅନ୍ତରଙ୍ଗ କଥାବାର୍ତ୍ତା ପରେ ମୁଁ ବୃନ୍ଦାବନ ବାବୁଙ୍କୁ ଜଣେଇଲି ମୋର ଗାଁକୁ ଯିବା କଥା– ମୁଁ ଆସନ୍ତା ଶନିବାର ଦିନ ଗାଆଁକୁ ଯିବି । ଆପଣ କହିଥିଲେ ଗାଆଁକୁ ଯିବା ପୂର୍ବରୁ ଆପଣଙ୍କୁ ଜଣାଇବା ପାଇଁ ।

ମିସେସ୍ କର ସର୍ବତ ଆଣି ଟିପୟ ଉପରେ ଥୋଇଲେ । ବୃନ୍ଦାବନବାବୁ ତାଙ୍କ ସହିତ ମୋର ପରିଚୟ କରଇଦେଲେ ।

ମିସେସ୍ କରଙ୍କ ଚେହେରା ଅତି ସୁନ୍ଦର । ରୂପ, ବେଶ, ପରିପାଟୀ, କେଶ ବିନ୍ୟାସ, ଗ୍ଭଲି, କଥାବାର୍ତ୍ତା ସବୁ ମିଠା, ମିଠା, ଆଭିଜାତ୍ୟସମ୍ପନ୍ନ ।

ବୃନ୍ଦାବନବାବୁ କହିଲେ-କିଛି ଭାବିବେ ନାହିଁ, ମୁଁ ଆପଣଙ୍କ ବସା ଦେଖୁ ନାହିଁ । ଆପଣ ଗାଆଁକୁ ଯିବାଦିନ ଦୟାକରି ଆମ ଘରବାଟେ ଯିବେ । ମୁଁ ଗୋଟେ ଜିନିଷ ଦେବି ଧରଣୀ ମାମୁଁଙ୍କୁ ନେଇ ଦେବେ ।

ମୁଁ କହିଲି-ଆପଣ ପୁଣି ଆମ ବସାକୁ ଯିବେ ? ମୁଁ ଗୋଟେ ମେସ୍‌ରେ ରହୁଛି । ମୁଁ ତ ଏଇବାଟେ ଟ୍ରେନରେ ଗାଆଁକୁ ଯିବି । ଶନିବାର ଦିନ ସନ୍ଧ୍ୟା ପାଞ୍ଚଟାରୁ ସାଢେ ପାଞ୍ଚଟା ଭିତରେ ଆପଣଙ୍କ ଘରେ ପହଞ୍ଚିବି । ଯାହା ରଖିଥିବେ ନେଇ ଯିବି ।

ଶନିବାର ଦିନ ମୁଁ କହିଥିବା ସମୟରେ ସାମାନ୍ୟ ବିଳମ୍ବରେ ବୃନ୍ଦାବନ ବାବୁଙ୍କ ଘରେ ପହଞ୍ଚିଲି । କଲିଂବେଲ୍ ବଜାଇଲି । ମିସେସ କର ଆସି ମୋତେ ବୈଠକ ଘରେ ବସିବାକୁ କହି ଘରଭିତରକୁ ଗଲେ । ଖବର କାଗଜ ଗୁଡ଼ା ହୋଇଥିବା ଗୋଟିଏ ପ୍ୟାକେଟ ମୋ ହାତକୁ ବଢାଇ ଦେଉ ଦେଉ କହିଲେ–

Digitized by srujanika@gmail.com

ସିଏ ଏ ପର୍ଯ୍ୟନ୍ତ ଅଫିସରୁ ଆସି ନାହାନ୍ତି । ମୋତେ କହିଥିଲେ ଏ ପ୍ୟାକେଟ୍‌ଟା ଆପଣଙ୍କୁ ଦେଇ ଦେବାକୁ । ଆପଣ ଏଇଟା ମାମୁଁଙ୍କୁ ଦେଇଦେବେ ।

ମୁଁ ହାତ ଘଣ୍ଟାକୁ ଗ୍ରହିଁଲି । ମୋ ଟ୍ରେନ୍ ଆସିବା ସମୟ ପାଖେଇ ଆସିଲାଣି । ମୁଁ ତାଙ୍କ ଘରଠୁ ମାର୍କେଟ ବାଟଦେଇ ରେଳ ଷ୍ଟେସନକୁ ଆସିଲି । କୋଉଖଇ ଦୋକାନରେ କୋଉଖଇ କିଣିଲାବେଳେ ରେଳଗାଡ଼ି ଷ୍ଟେସନରେ ପହଞ୍ଚିବାର ହ୍ୱିସିଲ୍ ବାଜିଲା । ମୁଁ ତରବର ହୋଇ ଷ୍ଟେସନରେ ପହଞ୍ଚି ଦେଖିଲି ଟ୍ରେନ୍ ଛାଡ଼ିବା ଉପରେ । ଧାଇଁଯାଇ ଟ୍ରେନ୍‌ରେ ଚଢ଼ିଲି ।

ଟ୍ରେନ ଗ୍ରଲିଛି ଦ୍ରୁତ ଗତିରେ । ମୋ ଜିନିଷ ପତ୍ର ଦୁଆର ମୁହଁରେ କୌଣସି ମତେ ପରସ୍ପର ଦେହରେ ଭରଦେଇ ହଲି ଦୋହଲି ଗ୍ରଲିଥିଲେ ମୋ ସହିତ । ଗାଡ଼ି ଭିତରେ ନଜର ପକେଇଲି । ବସିବାକୁ ସ୍ଥାନ ନାହିଁ । ଜିନିଷପତ୍ରକୁ ଟେକିନେଇ ଗୋଟେ ବେଞ୍ଚ ତଳେ ରଖି ତା ପାଖରେ ଠିଆହୋଇ ଆଖି ପକେଇଲି କାହା ପାଖରେ ଆଡ଼ଜଷ୍ଟ ହୋଇ ବସିଯିବି ।

ମଞ୍ଚେଶ୍ୱର ଷ୍ଟେସନରେ ଆମ କମ୍ପାର୍ଟ୍‌ମେଣ୍ଟରୁ ଦୁଇ ତିନିଜଣ ଓହ୍ଲାଇଗଲେ । ଗୋଟେ ସିଟରେ ବସିବାର ସୁଯୋଗ ପାଇଲି । ବେଞ୍ଚତଳୁ ମୋ ଜିନିଷ ଉଠାଇ ମୋ ପାଖକୁ ନେଲି । ତରବରରେ ଆସିଥିବାରୁ ଜିନିଷ ସବୁ ଗୋଟି ଗୋଟି କି ମିଳାଇ ଦେଖି ନଥିଲି । ସବୁ ଜିନିଷ ଆସିଲା କି ନାହିଁ ମିଳାଇ ନେଲି ।

ସବୁ ଠିକ୍ ଅଛି । କିନ୍ତୁ ବୃନ୍ଦାବନବାବୁ ଦେଇଥିବା ପ୍ୟାକେଟ୍‌ଟା କୁଆଡେ ଗଲା ବେଞ୍ଚ ତଳଟା ଭଲଭବରେ ଦେଖିଲି । ନା, ସେ ସ୍ଥାନଟା ଫାଙ୍କା । ଦୁଆଁର ମୁହଁକୁ ଉଠିଗଲି । ସେଠିତ କିଛି ନାହିଁ । ଦୁଆର ମୁହଁରୁ କ'ଣ ଗାଡ଼ି ସ୍ପିଡ୍ ନେଲାବେଳେ ହଲ ଚଲ ହୋଇ ତଳେ ପଡ଼ିଗଲା ? ନା ବାଟରେ କେଉଁଠି ପଡ଼ିଗଲା ? ବାଟରେ କେଉଁଠି ଛାଡ଼ି ଆସି ନାହିଁତ ?

ମନରେ ଏମିତି ଅନେକ ଆଶଙ୍କା ଦେଖାଦେଲା । ବାଟରେ କେଉଁଠି କିଛି ପଡ଼ିଯିବାର ସମ୍ଭାବନା ମୋତେ ନଥିଲା, କାରଣ ମୁଁ ଜିନିଷ ବ୍ୟାଗ୍‌ରେ

Digitized by srujanika@gmail.com

ପୁଣଇ ରିକ୍ସାରେ ଥୋଇଥିଲି ଓ ବୃନ୍ଦାବନବାବୁ ଦେଇଥିବା ପ୍ୟାକେଟଟିକୁ ହାତରେ ଧରିଥିଲି । ବାଟରେ କୋଉଖଇ ଦୋକାନରେ କୋଉଖଇ କିଣିଲା ବେଳେ ହାତରେ ତ ସେ ପ୍ୟାକେଟ୍ ଧରିଥିଲି । ବୋଧହୁଏ କୋଉଖଇ ହାତରେ ଧରି ସେ ଦୋକାନରୁ ଫେରି ଆସିଲି ରିକ୍ସାରେ, ପ୍ୟାକେଟ ଛାଡ଼ି ଆସିଲି ଦୋକାନରେ ।

ମନେ ପକାଇବାକୁ ଚେଷ୍ଟା କଲି । ହଁ, ମୁଁ ପ୍ୟାକେଟ୍‌ଟି ହାତରେ ଧରି ଦୋକାନକୁ ଗଲି । ପ୍ୟାକେଟ୍‌ଟି ଦୋକାନୀର ବେଞ୍ଚ ଉପରେ ଥୋଇ କୋଉଖଇ ଟେଷ୍ଟ କଲି । ତାପରେ କୋଉଖଇ ଧରି ରିକ୍ସାକୁ ଫେରିଲି । ପ୍ୟାକେଟ୍ ସେଇ ବେଞ୍ଚ ଉପରେ ଛାଡ଼ି ଆସିଲି ।

ଦୋକାନୀ ନଜରରେ ପଡ଼ିବା ପୂର୍ବରୁ ଯଦି ଅନ୍ୟ କାହାର ହାତ ପ୍ୟାକେଟକୁ ଉଠାଇ ନେଇଥାଏ ତେବେ ସେ ହାତରୁ ଆଉ ପାଇବା ଅସମ୍ଭବ । ଦୋକାନୀ ଯଦି ପାଇଥାଏ ତେବେ ପଲିଷ୍ଟର କି ଟେରିକଟ୍‌ର ଭଲ ସାର୍ଟକନା ଦେଖିଲେ ହୁଏତ ଫେରଇ ନ ପାରେ ! ପ୍ୟାକେଟ୍ ମୋଟେ ଦେଖିନାହିଁ ବୋଲି ମନାକରି ଦେଇପାରେ ।

ହଜିବା ଜିନିଷ ଫେରିବା ଉପରେ କିଛି ସ୍ଥିରତା ନାହିଁ । ମିଳିବା ଅପେକ୍ଷା ନ ମିଳିବାର ଶତକଡାଟା ବେଶି ।

ମୁଁ ଗାଆଁରେ ପହଞ୍ଚିବା ସଙ୍ଗେ ସଙ୍ଗେ ଧରଣୀ ମାମୁଁ ଆସି ପହଞ୍ଚିବେ । କ'ଣ କହିବି ତାଙ୍କୁ ? ହଜିଗଲା ବୋଲି କହିଲେ କଥାଟା ଭଲହେବ ନାହିଁ । ମୋ ଅସାବଧାନତା ପାଇଁ ସିଏ କାହିଁକି ଦଣ୍ଡ ପାଇବେ ? ବୃନ୍ଦାବନବାବୁ କିଛି ଦେଇ ନାହାନ୍ତି ବୋଲି କହିଲେ ବି କଥାଟା ଲୁଚିବ ନାହିଁ । ଧରଣୀମାମୁଁ ତାଙ୍କ ଭଣଜାଙ୍କ ପାଖକୁ ପୁଣି ଚିଠି ଦେବେ ନିଶ୍ଚୟ ।

ଏପରି ଏକ ମାନସିକ ଦ୍ୱନ୍ଦ୍ୱ ଭିତରେ ମୁଁ ଗାଆଁରେ ପହଞ୍ଚିଲି । ଗାଆଁ ଏ ମୁଣ୍ଡରେ ବରଗଛ ଗୁନ୍ଦିନୀ । ଗୁରି ଜଣ କିଏ ପଥର ଗୁନ୍ଦିନୀ ଉପରେ ଗାମୁଛା ପାରି ତାଆସ ଖେଳୁଛନ୍ତି । ଯଦୁ ନାହାକ ପଘା ବଳୁଛି, ବିଦିଆ ଘଡେଇ କୁରଡ଼ୀ ବେଣ୍ଟରେ କାଚମାରି ପାଲିସ କରୁଛି, ଧରଣୀମାମୁଁ ସେଠି ନାହାନ୍ତି ।

Digitized by srujanika@gmail.com

ଗାଆଁର ସେମୁଣ୍ଡ ମଙ୍ଗଳାଶାଳ ବରଗଛ ପାଖରେ ଆମ ଘର । ଆଗକୁ ଆଗକୁ ପାଦ ବଢ଼େଇଚାଲି ଆମ ଘର ଆଡ଼କୁ । ହଠାତ୍ ଚମକି ପଡ଼ିଲି । ଆମଘର ଆଡୁ ଧରଣୀମାମୁଁ ଆସୁଛନ୍ତି ମୋତେ ଗ୍ଲହିଁ ଗ୍ଲହିଁ । ତାଙ୍କ ମୁହଁରେ ଫେଣ୍ଟାଏ ହସ ଫୁଲ ।

ମୁଁ ହାତ ଉଠେଇ ନମସ୍କାର କଲି । ଧରଣୀମାମୁଁ ପ୍ରତିନମସ୍କାର ସହିତ ମୋତେ ପଗ୍ଲରିଲେ-ଆମ ବୃନ୍ଦାବନ ଘର ପାଇଲୁ ? ଚିଠି ଦେଲୁତ ? ସିଏ କଣ କହୁଥିଲା ? ତୋ ହାତରେ କାମିଜ କନା ଦେଇଚି ନା ନାହିଁ ?

ଏକାବେଳକେ ମୁଠାଏ ପ୍ରଶ୍ନ । ମୁଁ ଅପ୍ରସ୍ତୁତ ହୋଇଗଲି । କିଛି ନ କହିଁ କେବଳ ମୁଣ୍ଡ ହଲେଇ ହଁ ଟିଏ ମାରିଲି ।

ଧରଣୀମାମୁଁ ସବୁ ପ୍ରଶ୍ନର ଗୋଟିଏ ଉତ୍ତର ପାଇ ଅତି ଖୁସିରେ ହାତ ବଢ଼େଇ ଦେଲେ । ତାଙ୍କଠୁ ମୋ ପର୍ଯ୍ୟନ୍ତ ତାଙ୍କର ଡାହାଣ ହାତଟା ଲମ୍ବି ଆସିଲା । ସେ କହିଲେ- ଦେ ଏଇଠି ଦେଇଦେ ।

ମୁଁ କ'ଣ କହିବି ସ୍ଥିର କରି ନପାରି ନୀରବରେ ଠିଆ ହେଲି । ଥତମତ ହେଲି ।

ଧରଣୀମାମୁଁ ପୁଣି କହିଲେ- ବାଟରେ ଦେବାଟା ଠିକ ହେବନାହିଁ ବୋଲି ଭାବୁଛୁ କି ? ତା ହେଲେ ଠିକ୍ ଅଛି, ଗ୍ଲଲ୍ ତମ ଘର ପାଖରେ ଦେବୁ ।

ମୁଁ ପୁଣି ଗ୍ଲଲିବା ଆରମ୍ଭ କଲି । ମୋ ପଛେ ପଛେ ଧରଣୀମାମୁଁ । କ'ଣ କହି ତାଙ୍କୁ ଫେରେଇବି ?

ଆମ ଘର ଆଗରେ ଆମେ ଦୁହେଁ ଠିଆ ହେଲୁ । ପୁଣି ଧରଣୀମାମୁଁଙ୍କ ହାତଟା ଲମ୍ବି ଆସିଲା ତାଙ୍କଠୁ ମୋ ପର୍ଯ୍ୟନ୍ତ । ମୋ ବ୍ୟାଗ ଉପରେ ତାଙ୍କ ଆଖି ଦୁଇଟା ସ୍ଥିର ହୋଇଯାଇଥିଲା, ବ୍ୟାଗ ଭିତରେ ଗଳି ଗଳି ଯାଉଥିଲା ।

ମୁଁ ବାଧ୍ୟ ହେଲି ସତକଥା କହିବାକୁ-ବୃନ୍ଦାବନବାବୁ ସାର୍ଟକନା ଦେଇଛନ୍ତି, କିନ୍ତୁ ମୁଁ ଭୁବନେଶ୍ୱରରେ ଛାଡ଼ି ଆସିଛି ?

Digitized by srujanika@gmail.com

ଧରଣୀମାମୁଁଙ୍କ ମୁହଁର ହସଫୁଲ ପେନ୍ଥାଟା ହଠାତ୍ ଝାଉଁଳି ପଡ଼ିଲା । ସିଏ ପ୍ରଶ୍ନକଲେ– କୋଉଠି ଛାଡ଼ିଲୁ ? କେମିତି ଛାଡ଼ିଲୁ ?

ମୁଁ କି ଉତ୍ତର ଦେଲେ ଧରଣୀମାମୁଁ ସନ୍ତୁଷ୍ଟ ହେବେ ? ଦୋକାନରେ ଛାଡ଼ିଛି କହିଲେ ଆଉ ନ ମିଳିବା ଆଶଙ୍କାରେ ସିଏ ମୁଣ୍ଡ ପିଟି ଦେବେ । ତାଙ୍କୁ ଆଶ୍ୱାସନା ଦେବାପାଇଁ କହିଲି– ତୁମେ କିଛି ଚିନ୍ତା କରନା । ମୋ ବସାରେ ଛାଡ଼ି ଆସିଛି । ଆର ଥର ଆସିଲା ବେଳେ ନିଶ୍ଚୟ ନେଇ ଆସିବି ।

ଧରଣୀମାମୁଁଙ୍କ ହାତରେ ବହୁମୂଲ୍ୟ ଜିନିଷଟିଏ ଧରାଇ ଦେଇ ତାଙ୍କ ହାତରୁ ପୁଣି ଛଡ଼ାଇନେବାପରି ବେଦନାର ଅନେକ ରେଖା ତାଙ୍କ ମହଁକୁ ଛନ୍ଦି ଛାନ୍ଦି କୁହୁଡ଼ିଆ କରିଦେଲା । ମୋ ଆଡ଼କୁ ଲମ୍ବି ଆସିଥିବା ହାତଟା ଧୀରେ ଅନିଛାରେ ମୁହଁ ଫେରାଇ ଫେରୁଥିଲା ଧରଣୀମାମୁଁଙ୍କ ପାଖକୁ । ହାତଟା ସ୍ୱାଭାବିକ ହେବା ଆଗରୁ ନିର୍ଜୀବ ଦଉଡ଼ିଟାଏ ପରି ଓହଳି ପଡ଼ିଥିଲା ।

ଧରଣୀମାମୁଁଙ୍କର ଶେଷପ୍ରଶ୍ନ ଥିଲା– ତୁ କନାଟା ଦେଖିଛୁ ତ ? ଦି' ମିଟର ହେବନା ବେଶି ହବ ? ପୂରା କାମିଜ ହବାକୁ କନା ପାଇବ ନା ନାହିଁ ? ଭଲ କନା ତ ? ଟେରିକଟ୍ କନା ହୋଇଥିବ ନିଶ୍ଚେ ?

ମୁଁ କିଛି ନ କହି କେବଳ ମୁଣ୍ଡ ହଲାଇ ହଁ ମାରିଲି ।

ଆଉ କେବେ ଆସିବି ବୋଲି ସିଏ ମତେ ପଚାରିବା ଆଗରୁ ମୁଁ ତାଙ୍କୁ ମୋ ତରଫରୁ କହିଲି– ମୁଁ ଆଉ ପନ୍ଦରଦିନ ପରେ ପୁଣିଥରେ ଗାଁକୁ ଆସିବି । ସେତେବେଳେ ତୁମ ଜିନିଷ ନେଇ ଆସିବି ।

ଧରଣୀମାମୁଁ ତାଙ୍କ ଅନିଚ୍ଛୁକ ପାଦଦୁଇଟାକୁ ଟେକି ଟେକି ଗାଆଁ ଭିତରକୁ ଲେଉଟି ଗଲେ ।

ମୁଁ ଭୁବନେଶ୍ୱର ଫେରି ପ୍ରଥମେ ଗଲି କୋରଖାଇ ଦୋକାନକୁ । ଦୋକାନ ବନ୍ଦ ଥିଲା । ପଚାରି ବୁଝିଲି ଦୋକାନୀର ବାହାଘର । ପୁଣି ଦୁଇଦିନପରେ ଆସି ଦେଖିଲି ଦୋକାନ ଖୋଲା ଅଛି । ଦୋକାନରେ ଥିଲା ଦୋକାନୀର ସାନଭାଇ । ତାକୁ ପଚାରିବାରୁ ସେପରି କୌଣସି କାଗଜ ପ୍ୟାକେଟ୍ ଦୋକାନରେ କେହି ଛାଡ଼ି ଯାଇ ନାହାନ୍ତି ବୋଲି ସେ କହିଲା ।

Digitized by srujanika@gmail.com

ମୁଁ ତାକୁ ଏପଟ ସେପଟ କରି ଅନେକ ପ୍ରଶ୍ନ ପଚାରିଲି । ତାର ଗୋଟିଏ ଉତ୍ତର- ନା, ସେପରି କୌଣସି ଖାଗଜ ପ୍ୟାକେଟ୍ ଦୋକାନରେ କେହି ଛାଡ଼ି ଯାଇନାହାନ୍ତି ।

ମୁଁ ତାଙ୍କୁ ପଚାରିଲି-ତୁମେତ ସେଦିନ ଦୋକାନରେ ନଥିଲ, ତୁମ ଭାଇ ଥିଲେ । ତୁମ ଭାଇ କେବେ ଆସିବେ ?

ସିଏ ପୁଣି ଜୋର୍‌ଦେଇ କହିଲା- ମୁଁ ଥାଏ କି ଭାଇ ଥାଆନ୍ତୁ, ଅନ୍ୟର ଜିନିଷତ ଆମେ ଆଉ ଘରକୁ ନେଇଯିବୁ ନାହିଁ ? ଥିଲେ ଏଇ ଦୋକାନରେ ଥାଆନ୍ତା ? ଏଠି ନାହିଁ ମାନେ ଆପଣ ଏଠି ଛାଡ଼ି ନାହାନ୍ତି, ଅନ୍ୟଠି ଛାଡ଼ିଛନ୍ତି ।

ମୁଁ ସେଦିନ ତା ସହିତ ଆଉ ଯୁକ୍ତି ନକରି ଫେରି ଆସିଲି । ପ୍ୟାକେଟ ମିଳିବା ଆଶା ମଉଳିଗଲା । ମୁଁ ହିସାବ କଲି ବୃନ୍ଦାବନବାବୁ ଦେଇଥିବା କନା ଦୁଇ ମିଟରର ଦାମ୍ ନିଶ୍ଚୟ ଶହେଟଙ୍କା ପାଖା ପାଖି ହୋଇଥିବ । ଧରଣୀମାମୁଁଙ୍କୁ ଆଉ ଏଥର ଖାଲି ହାତରେ ଫେରାଇ ପାରିବି ନାହିଁ । ନିଜ ପକେଟ୍‌ରୁ କନାଟା କିଣି ନେବାକୁ ପଡ଼ିବ ।

କନା କିଣା ପାଇଁ ନିଜକୁ ପ୍ରସ୍ତୁତ କଲାବେଳେ ଆଉ ଗୋଟିଏ ଆଶଙ୍କା ମୋତେ ଦୋହଲାଇ ଦେଉଥିଲା । ଧରଣୀମାମୁଁ ଏଇ କନାରେ ସାର୍ଟପିନ୍ଧି ବୃନ୍ଦାବନ ବାବୁଙ୍କ ଘରକୁ ଆସିଲେ ସେ ନିଶ୍ଚୟ ଚିହ୍ନିବେ । ସିଏ ଜାଣିବେ ସିଏ ଦେଇଥିବା କନା ଏଟା ନୁହଁ । କଣ ଭାବିବେ ସିଏ ? ହୁଏତ ତାଙ୍କର ଧାରଣା ହେବ ମୁଁ ସେ କନାଟାକୁ ବଦଳାଇ ନିଜପାଇଁ ରଖିନେଇଛି ।

ବୃନ୍ଦାବନବାବୁ ଯାହା ଭାବନ୍ତୁ କିନ୍ତୁ ଧରଣୀମାମୁଁଙ୍କୁ ମୁଁ ଏଥର ଖାଲି ହାତରେ ଫେରାଇ ଦେଇ ପାରିବି ନାହିଁ । ବରଂ କନାଟା କିଣିକି ଦେଇ ସାରିବା ପରେ ବୃନ୍ଦାବନ ବାବୁଙ୍କୁ ସତ କଥାଟା କହିଦେଇ କ୍ଷମା ମାଗିନେବି । ତାଙ୍କଭଳି ଜଣେ ଉଦାର ହୃଦୟର ଲୋକ ମୋ ଅସୁବିଧା ଉପଲବ୍‌ଧି କରିବେ ।

ପ୍ରସ୍ତୁତହେଲି କନା କିଣିବା ପାଇଁ । ମାସ ଶେଷରେ ଏତେଟଙ୍କା ପାଇବି କେଉଁଠୁ ? ଆମ ଅଫିସ୍‌ର କ୍ୟାସିଅରଙ୍କୁ ସମୁଦାୟ ଘଟଣାଟି କହି ତାଙ୍କଠୁ ଶହେଟଙ୍କା ଧାର ଆଣିଲି । ଗାଆଁକୁ ଯିବା ପୂର୍ବଦିନ କନା କିଣିବାକୁ ମାର୍କେଟ ଗଲି ।

Digitized by srujanika@gmail.com

କନା ଦୋକାନରେ ପଶିବା ବେଳେ ହଠାତ୍ ମନେ ପଡ଼ିଲା–କୋଗଖାଇ ଦୋକାନୀ ତା ବିଭାଘର ପରେ ଏବେ ଦୋକାନକୁ ଆସୁଥିବ । ଶେଷ ଥର ପାଇଁ ତାକୁ ପଚାରି ଦେବାଟା ଉଚିତ । ମୁଁ ଜାଣିଚି ଆଉ ସେ କନା ମିଳିବ ନାହିଁ, ତଥାପି ଦୋକାନଟା ଏଇଠୁ ଦେଖା ଯାଉଛି । ଖୋଲାଥିଲା ପରି ଜଣା ଯାଉଛି । ଥରେ ପଚାରି ଦେଲେ କ୍ଷତି କ'ଣ ?

କୋଗଖାଇ ଦୋକାନରେ ପହଞ୍ଚିଲି । ଦୋକାନ ଖୋଲାଥିଲା । ଦୋକାନୀ ନିଜେ ଆଜି ଦୋକାନରେ ଅଛି । ମୁଁ ପଚାରିଲି–ଗତ ଶନିବାର ରାତିରେ ତୁମ ଦୋକାନରେ ମୁଁ ଗୋଟିଏ ଖବରକାଗଜ ପ୍ୟାକେଟ୍ ଛାଡ଼ି ଯାଇଥିଲି । ତୁମେ ରଖିଛ କି ?

ଦୋକାନୀ ମତେ ଓଲଟି ପ୍ରଶ୍ନକଲା–କ'ଣ ଥିଲା ପ୍ୟାକେଟ୍‌ରେ ?

ମୁଁ ଚିନ୍ତା କରିବାକୁ ମୋଟେ ସମୟ ନ ନେଇ କହିଲି–ଟେରିକଟ ସାର୍ଟକନା ।

ଦୋକାନୀ କହିଲା–ନା, କେହିଜଣେ କାଗଜ ପ୍ୟାକେଟ ଗୋଟେ ଛାଡ଼ି ଯାଇଛି । କିନ୍ତୁ ସେଥିରେ ସାର୍ଟକନା ନାହିଁ ।

–ଆଉ କଣ ଅଛି ?

–ସେ ଯାହାଥାଉ ଆପଣଙ୍କର ତ ନୁହେଁ । ଆପଣ ସେଥିରୁ କ'ଣ ପାଇବେ ? ଯାହା ଜିନିଷ ସିଏ ଠିକ୍ ପ୍ରମାଣ ଦେଲେ ତାକୁ ଦିଆଯିବ । ଦୋକାନ ଉପରେ ଗ୍ରାହକମାନେ ଯେଉଁ ଜିନିଷ ଛାଡ଼ିଦେଇ ଯିବେ, ସେ ଜିନିଷ ସେମିତି ଦଶବରଷ ପଡ଼ିଥିବ । ଜିନିଷ ଯାହାର ସିଏ ଆସିଲେ ତା ଜିନିଷ ନେବ ।

ମୁଁ ଦୋକାନୀକୁ କହିଲି–ମୁଁ ତୁମ ସାନ ଭାଇକୁ ପଚାରିଥିଲି, ସିଏ କିନ୍ତୁ ମନାକଲା ସେମିତି କିଛି ପ୍ୟାକେଟ କେହି ଛାଡ଼ିଯାଇ ନାହାନ୍ତି ।

ଦୋକାନୀ କହିଲା–ସିଏତ ସେ ଦିନ ନ ଥିଲା, ସିଏ କେମିତି ଜାଣିବ ? ମୁଁ ପ୍ୟାକେଟ୍‌ଟା ଅନ୍ୟଆଡେ ରଖି ଦେଇଥିଲି, ତାକୁ କହିବାକୁ ଭୁଲିଯାଇଥିଲି । କଣ ଥିଲା ନ କହିଲେ ମୁଁ ଆପଣଙ୍କୁ ଦେଇ ପାରିବି ନାହିଁ ।

Digitized by srujanika@gmail.com

ମୁଁ ବର୍ତ୍ତମାନ ସନ୍ଦେହରେ ପଡ଼ିଲି—ସେ ପ୍ୟାକେଟ୍‌ରେ କ'ଣ ଅନ୍ୟକିଛି ଥିଲା ? ମୋ ହାତକୁ କିଛୁ କନାପରି ମନେ ହେଉଥିଲା ତ ? ସେ ପ୍ୟାକେଟ୍‌ଟା କ'ଣ ଅନ୍ୟ କେହି ନେଇଗଲା ? ଏ ପ୍ୟାକେଟ୍ କ'ଣ ଅନ୍ୟ କେହି ଛାଡ଼ି ଯାଇଛି ?

ମୁଁ ଦୋକାନୀକୁ ଏଥର ଫୁସୁଲେଇବାକୁ ଚେଷ୍ଟା କଲି—ଆଜ୍ଞା ସେ ପ୍ୟାକେଟ୍‌ଟା ମତେ ଟିକେ ଦେଖାଇ ପାରିବେ କି ?

ଦୋକାନୀ ମତେ ପଢିବା ଦୃଷ୍ଟିରେ ଚାହିଁଲା । ସିଧା ମନା କଲା—ନା, ମୁଁ ସେ ଭୁଲ କରିବି ନାହିଁ । ମୋ ଦୋକାନ ଆଜିକୁ କୋଡ଼ିଏ ବର୍ଷ ହେଲାଣି । ଗ୍ରାହକମାନେ ଦୋକାନରେ ଜିନିଷ ଛାଡ଼ିବା ଓ ଠିକଣା ଲୋକ ଚିହ୍ନି ଜିନିଷ ଫେରଇବା ଏଇଟା ନୂଆ ନୁହେଁ ।

ଆଉଥରେ ଅନୁରୋଧ କଲି ପ୍ୟାକେଟ୍‌ଟି ଦେଖାଇବା ପାଇଁ । ଏଥର ଦୋକାନୀ ରାଗିଗଲା ବୋଧ ହୁଏ । ଚଡ଼ାସ୍ୱରରେ ମୋତେ କହିଲା— ମୋ ପାଖରେ ଚାଲ୍‌ବାଜି ଚଳିବ ନାହିଁ । ଆପଣ କେତେଦିନ ହେଲା ରାଜଧାନୀକୁ ଆସିଲେଣି ? ମୋ ଘର ଏଇ ଓଲଡ ଟାଉନରେ । ବୁଝିଲେ ତ ?

ପରିସ୍ଥିତି ଭିନ୍ନ ଆଡ଼କୁ ଗତି କରୁଥିବାର ଲକ୍ଷ୍ୟ କରି ମୁଁ କହିଲି— ଦେଖନ୍ତୁ ଆଜ୍ଞା ମୁଁ ଅନ୍ୟର ଜିନିଷ ଠକି ନେବାକୁ ଆସିନାହିଁ । ମୁଁ ଗୋଟେ ନିହାତି ଅଡୁଆ ପରିସ୍ଥିତିରେ ପଡ଼ିଛି । ମୁଁ ସେ ପ୍ୟାକେଟ୍ ଭିତର ଜିନିଷ ଦେଖୁନାହିଁ । ସେ ପ୍ୟାକେଟ୍ ମୋର ନୁହେଁ । ମୋ ହାତରେ ଜଣେ ଭଦ୍ରଲୋକ ଆମ ଗାଆଁରେ ଥିବା ତାଙ୍କ ମାମୁଁଙ୍କ ପାଖକୁ ସେ ପ୍ୟାକେଟ୍ ପଠାଇଥିଲେ । ମୋତେ ପ୍ୟାକେଟ୍ ଭିତର ଜିନିଷ ନ ଦେଖାଇ ତା ଉପର ଖବର କାଗଜ ସହିତ ପ୍ୟାକେଟ୍‌ଟା ଦେଖାନ୍ତୁ । ସେ ପ୍ୟାକେଟ୍‌ରୁ ମୁଁ ଜାଣିପାରିବି ସେଇଟା ମୋର କି ନୁହେଁ । ଯଦି ସେ ପ୍ୟାକେଟ୍ ମୋର ହୋଇଥାଏ ତେବେ ଯେଉଁ ଭଦ୍ରବ୍ୟକ୍ତି ଏ ପ୍ୟାକେଟ୍ ମୋ ହାତରେ ଦେଇଥିଲେ ତାଙ୍କୁ ପଚାରି ମୁଁ ଆପଣଙ୍କୁ କହିବି ଯା ଭିତରେ କ'ଣ ଅଛି ।

ଦୋକାନୀ ଏଥର ମୋ କଥାରେ ରାଜିହୋଇ କିଛି ଦୂରରୁ କାଗଜ ପ୍ୟାକେଟ୍‌ଟି ମୋତେ ଦେଖାଇଲା । ମୁଁ ଚିହ୍ନିଲି । ଠିକ୍ ସେଇ ପ୍ୟାକେଟ୍ । ଇଂରାଜୀ କାଗଜ ପର୍ଦ୍ଦରେ ଗୁଡ଼ାଯାଇଛି । କିନ୍ତୁ ତା ଉପରେ ଗୁଡ଼ାଯାଇଥିବା ଲାଲ ରଙ୍ଗର ଉଲ୍ ସୂତା ଖଣ୍ଡକ ନାହିଁ ।

Digitized by srujanika@gmail.com

ମୁଁ ଦୋକାନୀକୁ ପଚାରିଲି– ଏ ପ୍ୟାକେଟ୍ ଉପରେ ଗୋଟିଏ ଲାଲଉଲ୍‌ସୂତା ବନ୍ଧାଯାଇଥିଲା ?

ତା ଗୋଡ ପାଖରେ ପଡ଼ିଥିବା ଉଲ୍‌ସୂତା ଗୋଟେଇ ଆଣି ସେ ପ୍ୟାକେଟ୍ ଉପରେ ଗୁଡେଇ ଦେଇ ଦୋକାନୀ ମୋ ହାତକୁ ବଢ଼େଇ ଦେଇ ଦେଇ କହିଲା– ଉଲ୍ ସୂତାଟା ମୁଁ ଆଜି ଫିଟାଇ ତଳେ ପକାଇ ଦେଇଥିଲି । ଆପଣଙ୍କ ଜିନିଷ ନିଅନ୍ତୁ ।

ପ୍ୟାକେଟ୍‌ଟି ଦୋକାନୀ ହାତରୁ ନେଇ ସେଇଠି ସେମିତି ଠିଆ ଠିଆ ଖୋଲିଲି । କାଗଜଟା ଉତାରି ଦେଲାପରେ ମୁଁ ତା ଭିତର ଜିନିଷଟି ଦେଖି ବିସ୍ମିତ ହେଲି ।

ଦୋକାନୀଟି ମୋର ବିସ୍ମିତ ଭାବ ଦେଖି ଦୋକାନ ଛାଡ଼ି ମୋ ପାଖକୁ ଉଠିଆସିଲା । ମୋତେ ପ୍ରଶ୍ନ କଲା–କ'ଣ ସେଟା ଆପଣଙ୍କ ଜିନିଷ ନୁହେଁ କି ?

ମୁଁ ତାକୁ କି ଉତ୍ତର ଦେବି ? କେବଳ ମୁଣ୍ଡ ହଲାଇ ହଁ ମାରିଲି ।

କାଗଜ ପ୍ୟାକେଟ ଭିତରେ ଥିଲା ପୁରୁଣା ହାଓ୍ୱାଇନୀ ସାର୍ଟ ଖଣ୍ଡେ । ସାର୍ଟର କାନ୍ଧ ପାଖରୁ ଫାଟି ଯାଇଛି । ପିଠି ପାଖରେ ଦୁଇତିନିଟା କଙ୍କ୍ ଦାଗ ।

ମୁଁ ଦୁଇହାତରେ ସାର୍ଟକୁ ଟେକିଧରି ଦେଖୁଥିଲି ଆଉ କେଉଁଠି ଚିରଫଟା ଅଛି କି ନାହିଁ ।

ସାର୍ଟର ଦୁଇପାଖରେ ମୁଁ ଆଉ ଦୋକାନୀ । ମଝିରେ ଆମ ଦୁହିଁଙ୍କ ଆଗରେ ପରଦା ପରି ଝୁଲୁଥିଲା ପୁରୁଣା ଟେରିକଟ୍ ସାର୍ଟଟି । ସାର୍ଟର ଚିର ଦେଇ ମୋ ଆଖିରେ ପଡୁଥିଲା ଧରଣୀମାମୁଁଙ୍କ କଳା, ପତଳା, ଚେହେରା, ତା' ଉପରେ ଏ ଢିଲା ଚିରା ପତଳା ସାର୍ଟଟା ।

●

Digitized by srujanika@gmail.com

ଏକୁଟିଆ ମଣିଷ ଆଡକୁ ଲମ୍ବି ଆସୁଥିବା ହାତମାନେ

ରାତି ଅନେକ ହେଲଣି । ସାନପୁଅ ଟପୁ, ବଡପୁଅ ବାପୁ ଆଉ ଝିଅ ଲିପି ସମସ୍ତେ ନିଘୋଡ ନିଦରେ ଅନେକବେଳୁ ଶୋଇ ସାରିଲେଣି । ଟପୁ ମୁହଁଟା ଅବିକଳ ତା ବାପା ମୁହଁ ପରି । ତା ମୁହଁ ଉପରୁ ଅଲଗ ବାଳଗୁଡାକୁ ଡାହାଣ ହାତ ଆଙ୍ଗୁଳିରେ ସଜାଡ଼ିନେଲା ଗୋଲପ ।

ଆରଘରେ ବଡ ଯାଆ ମୁକୁତାର ଫୁସ୍ ଫୁସ୍ କଣ୍ଠ । ଗୋଲପ କାନ ଡେରିଲା ।

—"ଶୋଇ ପଡ଼ିଲଣି କି ? କ'ଣ ଏମିତି କୋଡ଼ିହଣା କାମ ଗୁଡେ କରୁଚ ଯେ ଭୂଇଁ ଶୁଙ୍ଘୁ ଶୁଙ୍ଘୁ ନିଦ ହେଇ ଯାଉଚି ? ପଦିଆ ଦୋକାନ ପିଣ୍ଡାରେ ତାଆସ ପାଲି ପକେଇ ପକେଇ ଏମିତି ହାଲିଆ ନାଗୁଚି ?"

ଦେଢଶୁର ବିରକ୍ତ ହେଲେ—"କାଳିକି ଗୋଟେ ଏତେ ରାତିରେ ଗଜର ଗଜର ହଉଚ କହଲ ? ଦିନଯାକ ଶୋଇକି ମଯର ପରି ଗଡୁଚ । ରାତିରେ ନିଦ କୋଉଠୁ ଆସିବ ?"

—ମୋ କାମଟ ତମ ଆଖିକି ମୋଟେ ଦିଶିବ ନେଇଁ । ମୁଁ ଶୋଇଚି ମୋ କାମ କ'ଣ ତମେ କରିଦଉଚ ?

ତୁମେ କି କାମ କରୁଚ ? ସାନବୋହୂ ତ ରନ୍ଧାବଢା, ବାସନ ମଜା, ଘରଗୋଟାକର କାମ ସବୁ କରୁଛନ୍ତି ।

—ହଁ, ଖାଲି ତାଆରି କାମ ତମ ଆଖିକି ଦିଶୁଚି । ମୋ କାମ ଦିଶୁନେଇଁ ? ବାହାର କାମ ସବୁ କିଏ କରୁଚି ? ଗୁହାଳ, ଆଇଲା, ବାରିଘର, ଛୁଆ, ପିଲା, ଗୋରୁ, ଗାଈ ଏ ସବୁ କାମ କଣ ତମେ କରୁଚନା ତମ ସାନବୋହୂ କରୁଚି ?

Digitized by srujanika@gmail.com

—ହଉ ହେଲ, ତମେ ବହୁତ କାମ କରୁଚ । କ'ଣ ପେଇଁ ମତେ ନିଦରୁ ଉଠେଇଲ କହୁନାଁ ?

—ଆଗକୁ ପୋଡୁଆଁ ଅଷ୍ଟମୀ ଆଉଚି । ଟଭ ପୁଅ ଏ ବର୍ଷ ପହିଲୁ ପଡୁଆଁ । ତାଙ୍କ ପୁଅ ପେଇଁ ଜାମା ପେଣ୍ଟ୍, ଯୋତା ମୋଜା ଆଉ ମିଠେଇ କଦଳୀ ନବା ପେଇଁ ଶହେ ଦେଢଶ ଟଙ୍କାରୁ କମି ନାଗିବ ନେଇଁ ।

—"ଏତେ ଟଙ୍କା ଏଇନେ କାଇଁ ?" ଦେଢ଼ଶୁର କହିଲେ ।

—"ଗୋଲପକୁ ପଗରୁନ ? ତା ପାଖରେ ଥିବ । ସରକାର ଘରୁ ଯୋଉ ଟଙ୍କା ମିଳିଥିଲ ସବୁ ସିଏ ରଖିଚି । ମୁରଲୀଙ୍କ ଶୁଦ୍ଧକୁ ଏମିତି କେତେଟଙ୍କା ଝରଚ ହେଇ ଥିବ କି ?" ମୁକୁତା କହିଲେ ।

—ଶୀତଳେଇକି ଖାଇଲେ ହବନା, ଏମିତି ତରବର ହେଲେ ଚଳିବ ? ମୁରଲୀ ମରିଗଲ ପରେ ସାନବୋହୂଙ୍କ ମନ ଥୟ ନାହିଁ । ଜମା ମାସ ଗୁରିଟା ଯାଇ ନେଇଁ । ପୁଣି ତାଙ୍କ ବଡଭଇ ଦୋଳିଆ ଖାଲି ଡାହାଳ କୁକୁର ପରି ଘୁରି କଡେ ଚକିରି କାଟୁଚି । ଏତେବେଳେ ଫିଡ଼ିକେଚଲେ ସବୁ ଗୋଳମାଳ ହୋଇଯିବ ।

—ହଁମ ଗୋଳମାଳ ହେଇ ଯାଉଚି । ତିନି ତିନିଟା ଛୁଆ ସାଙ୍ଗକୁ ହାତୀଘର ପରି ମାଇପିଟାଏ । ଘୁରି ପରଣୀ କୁଟୁମ୍ବ ନେଇକି ପୋଷିବାକୁ କିଏ ଖାଲି ଗୋଡ ଟେକି ବସିଚି ? ମୁଁ କ'ଣ ଦୋଳିଆକୁ ଚିହ୍ନି ନେଇଁ ? ପକକା ଟାଉଟର ଟାଏ । ଗୋଲପ ପାଖରେ ଟଙ୍କା ଅଛିବୋଲି ଚକିରି କାଟୁଛି ।

ଦେଢଶୁର ଟିକେ ରହିଯାଇ ପୁଣି କହିଲେ— ତମେ କେମିତି ଜାଣିବ ଭୁବନେଶ୍ୱରରୁ କେତେ କଷ୍ଟରେ ଦୋଳିଆକୁ ହୁରୁଡେଇ ସାନ ବୋହୂଙ୍କୁ ଏଠିକି ଆଣିଚି । ନ ଆଣିଥିଲେ ସବୁ ଭଣ୍ଡୁର ହୋଇଯାଇ ଥାଆନ୍ତା । ଯଦି ସିଏ ଦୋଳିଆ ସାଙ୍ଗରେ ତାଙ୍କ ଗାଆଁକୁ ଗଳିଯାଇ ଥାଆନ୍ତେ ତେବେ ଏଠୁ ଜମି, ବାଡି, ଘର ସବୁଥିରୁ ଅଧା ଭାଗ ଦେବାକୁ ପଡ଼ିଥାଆନ୍ତା । ଏମିତି ଏଠି ଥିବାପର୍ଯ୍ୟନ୍ତ ଗଧପରି ଖଟୁଥିବେ, ଖାଉଥିବେ । ସୁବିଧା ଦେଖି ଜମି ବାଡ଼ି ସବୁ ଆମ ନାଆଁରେ କରି ନେଲପରେ ଯାଇ ଯୋଉ କଥା ।

Digitized by srujanika@gmail.com

ଏକୁଟିଆ ମଣିଷ ଆଡକୁ ଲମ୍ବି ଆସୁଥିବା ହାତମାନେ

ଗୋଲାପ ଆଉ ଶୁଣିପାରିଲା ନାହିଁ । ଶୋଇବା ଘର କବାଟଟା ଭିତରୁ କିଳି ଦେଲା । କୋହ ଉପରେ କୋହ ଆସି ତା ଦେହକୁ ଥରାଇ ଦେଲା । କଇଁ କଇଁ ହୋଇ କାନ୍ଦି ଉଠିଲା । ଭୁବନେଶ୍ୱର ଛାଡ଼ି ଗାଁକୁ ଆସିବାଟା ତାର ଭୁଲ୍ ହୋଇଛି ବୋଲି ସେ ଏବେ ବୁଝିପାରିଲା ।

ସ୍ୱାମୀଙ୍କ ମୁହଁଟା ଆଖି ଆଗରେ ଏପଟ ସେପଟ ହେଲା । ଭଲ ମଣିଷ । ଘରୁ ଖାଇ ପିଇ ଅଫିସ ଯାଇଥିଲେ । ଅଫିସରେ ହଠାତ୍ ଦେହ କ'ଣ ହେଲା । ଅଫିସ ଲୋକମାନେ ସାଙ୍ଗେ ସାଙ୍ଗେ ଡାକ୍ତରଖାନାକୁ ନେଇଗଲେ । ଖବରପାଇ ସିଏ ଡାକ୍ତରଖାନାରେ ପହଞ୍ଚିବା ଆଗରୁ ଆଖି ବୁଜି ଦେଲେ ।

ଅଫିସ ଲୋକମାନେ ଅନେକ ସହାନୁଭୂତି ଦେଖାଇଥିଲେ । ଗାଁରୁ ଦେଢ଼ଶୁର ଆଉ ଦୋକିଆ ଭାଇ ପହଞ୍ଚିଲେ । ଶାଶୁ ଘରକୁ ଯିବ କି ବାପଘରକୁ ଯିବ, ନା ଭୁବନେଶ୍ୱରରେ ରହିବ କିଛି ସ୍ଥିରକରି ପାରିନଥିଲା ଗୋଲାପ ।

ଅଫିସଲୋକମାନେ କହୁଥିଲେ ଗୋଲାପ ପାଇଁ ଚାକିରି ଯୋଗାଡ କରି ଦେବେ । କି ପାଠ ପଢ଼ିଚି ଯେ ଚାକିରି କରିବ ସିଏ ? ମାଟ୍ରିକ୍‌ଟା ହେଲେ ପାଶ୍ କରି ଥାଆନ୍ତା !

ଦେଢ଼ଶୁରଙ୍କ କଥା ଭଙ୍ଗି ପାରିନଥିଲା ଗୋଲାପ । ତାଙ୍କ ସାଙ୍ଗରେ ଶାଶୁଘର ଗାଆଁକୁ ଆସିଥିଲା । ସରକାରରୁ ମିଳିଥିବା ଆଠ ହଜାର ଟଙ୍କାରୁ ପାଞ୍ଚ ହଜାର ଶ୍ରାଦ୍ଧ କାମରେ ଦେଢ଼ଶୁର ଖର୍ଚ୍ଚ କରିଛନ୍ତି । ଯେତେ ନାହିଁ କଲେବି ଦୋକାଭାଇ ହଜାର ଟଙ୍କା ପାଇଁ ଜିଗର ଲଗେଇ ଲଗେଇ ପାଞ୍ଚଶ ଟଙ୍କା ନେଇଛନ୍ତି । ଆଉ ଅଢେଇ ହଜାର ଟଙ୍କା । ତା ଚାରି ପଟ ଅନେକ ଆଖି । ମାଛ, ଶୁଖୁଆ ବିଲେଇ ଆଖିରୁ ଲୁଚେଇ ଏ ଠଣା, ସେ ଠଣା, ଏ ଶିକା, ସେ ଶିକା, କଲ ପରି ଏଠି ସେଠି ଲୁଚେଉଚି ।

ଦେଢ଼ଶୁର ଅନେକଥର ତାଙ୍କ ଝିଅ କନି ହାତରେ କହିଲେଣି ଭୁବନେଶ୍ୱର ଯାଇ ଆଉ ଯାହା ଟଙ୍କା ସରକାରରୁ ପାଇବାର ଅଛି ସବୁ ନେଇ ଆସିବାକୁ । ଷ୍ଟେସନକୁ ଯିବାକୁ ଆଠଦିନ ତଳେ ରିକ୍‌ସା ଡାକି ଆଣିଥିଲେ, କିନ୍ତୁ ଗୋଲାପ ମନାକରି ଦେଲା । ସରକାରରୁ ଚିଠି ଆସିଲେ ଯିବ ବୋଲି କହି ଶୋଇଘରୁ ଆଉ ପଦାକୁ ବାହାରିଲା ନାହିଁ ।

Digitized by srujanika@gmail.com

ଟଭ ଦିଅର ଟିମା ପନ୍ଦର ଦିନ ତଳେ ଆସିଥିଲେ । ସିଏ କ'ଣ କଟକରେ ମନୋହରୀ ଦୋକାନ ଦେବାକୁ ଠିକ୍ କରିଛନ୍ତି ବୋଲି କହୁଥିଲେ । ଟଭଙ୍କଠୁଁ ଟିମା ଗୋଟିଏ ଚିଠି ଆଣିଥିଲେ । ଟଭ ସେ ଚିଠିରେ ଲେଖିଥିଲେ– ନୂଆବୋଉ ! ତୁମକୁ ଅଥଳ ସାଗରରେ ଭସାଇ ଦେଇ ସାନଭାଇ ଚାଲିଗଲେ । ତିନି ତିନିଟା ଛୁଆକୁ ନେଇ କେମିତି ଚଳିବ ତୁମେ ? ତମ ବଡପୁଅ ବାପୁକୁ ମୋଟେ ବାରବର୍ଷ । ସାନଟିକୁ ତ ସାତବର୍ଷ । ଝିଅଟି ମଝିଆଁ ନା କଣ ? ସମସ୍ତେ ତ ସାନ ସାନ । ଏ ପିଲାମାନଙ୍କୁ ଦେଖିଲେ ଛାତି କରତି ହେଇ ଯାଉଛି । ମନକୁ ଟାଣ କର । ଏ ଦୁନିଆରେ ସମସ୍ତେ ମତଲବି । ନିଜ ବାଟରେ ସମସ୍ତେ ତୁମକୁ ଘୋଷାଡିବାକୁ ଚେଷ୍ଟା କରିବେ । ନାନା ଆଳ ଦେଖେଇ, ଫୁସୁଲେଇ, ଫାସଲେଇ ତମ ପାଖରେ ଥିବା ଟଙ୍କା ପଇସାକୁ ହାତ କରିନେବେ । ସାନ ଭାଇଙ୍କ ଚାକିରିରୁ ଯାହା ଟଙ୍କା ମିଳିବ ସେତକ ପିଲାଙ୍କ ଭବିଷ୍ୟତ ପାଇଁ ରଖିଦବ । ସେଥିରେ ମୋଟେ ହାତ ମାରିବ ନାହିଁ । ପିଲାଙ୍କୁ ମଣିଷ କରିବା ଦାୟିତ୍ୱ ତମର । ସେଇମାନେ ମଣିଷ ହେଲେ ତମ ଦୁଃଖ ଯିବ ।

ଟିମା ମୋ ସାଙ୍ଗରେ ଲଗେଇଲେ–"ତମ ନୂଆ ବୋଉଙ୍କ ପାଖକୁ ଚିଠି ଲେଖ । ତାଙ୍କ ପାଖରେ ଟଙ୍କାଥିବ । ଶାଗରେ ମୁଗରେ ପଇସା ଖରଚକରି ଦଉଥିବେ । ମୁଁ ଦୋକାନ କରୁଚି । ବ୍ୟବସାୟରେ ଖଟେଇଦେଲେ କିଛି ଲାଭ ମିଳିବ । ଟଙ୍କା ଘରେ ଥୋଇଲେ ଭୁଲେଇ ଭାଲେଇ ନେଇ ଯିବେ । ପୁଣି ଟଙ୍କାଟା ଘରେ ପଡ଼ି ରହିଲେ ଯେତିକି ସେତିକି । ତାଙ୍କର ଦରକାର ବେଳେ ମୁଁ ଦେବି ।"

ଟିମା ଭଲ ପିଲା । ସିଏ ତମ ଟଙ୍କା ବୁଡେଇ ଦେବେ ନାହିଁ । ଯାହା ଥିବ ତାଙ୍କୁ ଦେଇଥିବ । ଯଦି କିଛି ଭଲ ମନ୍ଦ ହୁଏ ସେ କଥା ମୁଁ ବୁଝିବି ।

ଟିମା କହି ଯାଇଚନ୍ତି ଆଉ ପନ୍ଦର ଦିନ ପରେ ଟଙ୍କା ନେବାକୁ ଆସିବେ । ବୋଉ ଗାଆଁରୁ ଯା' ତା' ହାତରେ ଚିଠି ଦେଉଛି । "ଗୋଲପ ତୁ ଯଦି ରଜି ହବୁ ଗାଡ଼ି ପଠେଇ ତତେ ନେଇ ଆସିବି ।" ଦୋଳଭାଇ ହାତରେ ଚିଠି ଲେଖିଥିଲା– ଦେଖ ଗୋଲପ, ତୋର ମୋଟେ ବୁଦ୍ଧି ନାହିଁ । ତୋ ଦେଢଶୁର ସାଉଙ୍ଗକୁ ତୁ ଚିହ୍ନି ନଉଁ । ତାର ହଜାରେ ରଙ୍ଗ । ତୋଠୁ ସବୁ ଟଙ୍କା ପଇସା ନବା ପାଇଁ ଫୁସୁଲାଉଚି । ତା ଚାଲିଆଚି ତୁ ବୁଝି ପାରିବୁ ନାହିଁ । କୋଉ ମାରଗରେ ସିଏ

Digitized by srujanika@gmail.com

ଦଶକତ ନେଇ ତାଙ୍କ ନାଆଁରେ ଜମିବାଡ଼ି ସବୁ କରେଇ ନେବ । ତୁ ଏଠିକି ପଳେଇ ଆଇଲେ ମୁଁ ଦେଖିବି କେମିତି ସିଏ ତତେ ସେଥିରୁ ଭାଗ ନ ଦବ । ଦୋଳିଆ କହୁଚି କେଶ୍ କରି ସବୁ ବିଭାଗ କରିଦବ । ତୋ ଭାଗ ବିକି ଦେଇ ଏଇଠି ଆମ ଗାଆଁ ଗାନ୍ଧୀର ବିଲରୁ ସେତିକି କିଣିଦବ । ଜାଗା କିଣି ଦି' ବଖରା ଘର କରିଦବ । ତୁ ସେଠି ଗ୍ରକରଣୀ ପରି ଦିନରାତି ଖଟୁଚୁ କାହିଁକି ? ମୁଁ ଜୀଇ ଥାଉଁ ଥାଉଁ ତୋର ଏମିତି ହୀନସ୍ତା ଦେଖିବା ଠଉଁ ମୁଁ ମରିଯିବା ଭଲ । ତୁ ଭଲକି ସବୁ ଆଉ ଥରେ ଭାବିଚିନ୍ତି ଦେଖ୍ । ଯୋଉ ଦିନ ତୁ କହିବୁ ସେଇଦିନ ଦୋଳିଆକୁ ପଠେଇବି । ସିଏ ଯାଇକି ତତେ ନେଇ ଆସିବ ।

ତପୁ ନିଦରେ ଶୋଇ ଶୋଇକି ବାଉଳି ହେଲା—"ମୁଁ ଚିକିମକୁ ବାଡେଇବି । ନାଇଁ ମୁଁ ତାକୁ ବାଡ଼େଇବି । ସିଏ କାହିଁକି ମତେ କହିବନା ତମର ଏଠି କିଛି ନାହିଁ ବୋଲି ?

ଗୋଲାପ ତପୁର ପିଠି ଥାପୁଡ଼ାଇ ତାକୁ କୋଳରେ ପୁରାଇ ଶୋଇବାକୁ ଚେଷ୍ଟା କଲା । ଆଖି ବୁଜିଲେ ଅନେକ ହାତ ତା ବେକ ଆଡ଼କୁ ଲମ୍ବି ଆସୁଥିବା ପରି ତାକୁ ଜଣା ଯାଉଥିଲା । ଭୟରେ ଆଖି ବୁଜି ହୋଇଗଲା । ତାର ବନ୍ଦ ଆଖି ଆଗରେ ଧାଡ଼ି ବାନ୍ଧି ଆସନ୍ତା ଦିନ ଗୁଡ଼ାକ ଠିଆ ହୋଇଥିଲେ । ଧାଡ଼ିଏ ଭୟଙ୍କର ଦିନ ।

ସ୍ୱାମୀକୁ ହରାଇଥିଲେ ବି ଯୋଉଠି ସିଏ ଛୋଟରୁ ବଡ଼ ହୋଇଥିଲେ ସେଇ ମାଟି ଗୋଲାପର ଅତି ଆପଣାର । ଏଇ ଶାଶୁଘର ଗାଆଁ ସ୍ୱାମୀଙ୍କ ସ୍ମୃତିର ଯାଦୁଘର । ଏଇ ମାଟିରେ ଦୁଃଖ କଷ୍ଟ କରି ପିଲାକୁ ମଣିଷ କରିବ । ମନରେ ଏଇ ଦମ୍ଭଧରି ଘର କାମରେ ଲାଗିଥିବା ତାର ଗୋଡ଼ ହାତ ଏବେ ଅବଶ ଲାଗୁଚି । ଅମଙ୍ଗ ଅମଙ୍ଗ ହେଉଥିବା ଗୋଡ଼ ହାତକୁ ଟାଣି, ଘୋଷାରି କାମ କରାଇବା ଗୋଲାପ ପକ୍ଷେ କଷ୍ଟକର ହେଉଛି । ଆଜି ତା ଆଖିରେ ସବୁ କେମିତି ଗୋଳିଆ ଦିଶୁଚି । ସମସ୍ତଙ୍କ ମୁହଁ ତା ଆଖିକୁ ଭୟଙ୍କର ଦିଶୁଚି ।

ସବୁ ମଣିଷକୁ ସନ୍ଦେହ କରିବାକୁ ଆରମ୍ଭ କରିଛି ଗୋଲାପ । ଯେତେ ଲୋକ ତା ଚାରିପଟେ ହାତରେ ଘାସ କେରାଏ କେରାଏ ଧରି ଠିଆ ହୋଇଛନ୍ତି ସମସ୍ତେ ମତଲବି । ସମସ୍ତଙ୍କର ଭିତର ମଣିଷ ସହିତ ବାହାର ମଣିଷର ମେଳ

Digitized by srujanika@gmail.com

ନାହିଁ । ଦୁଇ ଗ୍ଧରି ପଦ ମିଠାଳିଆ ମନକିଣା କଥା ଅସଲ ଉଦେଶ୍ୟ ଉପରେ ଦୁଇ ଗ୍ଧରି ପରସ୍ତ କନାପରି ଗୁଡ଼ାଯାଇ ଥାଏ । ନଡ଼ିଆ ବାଣ ଭିତରେ ବାରୁଦ, ଉପରେ ସବୁକନା, କାଗଜ ଆଉ ସୁତୁଳି ।

ସମସ୍ତଙ୍କୁ ମନଦେଇ ଶୁଣିଚି ଗୋଲପ । କାହାରିକୁ କିଛି କହି ନାହିଁ । ଗୋଲପର ଏମିତି ଉଦାସ ଭବ ଦିନ ଦୁଇଟା ତିନିଟାରେ ମୁକୁତା ଧରି ପାରିଚି । ପ୍ରଥମେ ପ୍ରଥମେ ଭବିଥିଲ ମୁରଲୀଙ୍କ କଥା ମନେପକାଇ ଏମିତି ଅନ୍ୟ ମନସ୍କ ହୋଇ ପଡ଼ିଚି ଗୋଲପ । କିନ୍ତୁ ପନ୍ଦରଦିନ ଭିତରେ ବି କିଛି ପରିବର୍ତ୍ତନ ହେଲନାହିଁ । ବରଂ ବେଶି ବେଶି ଉଦାସ ଭବ ଗୋଲପର ମୁହଁରେ ନେସି ହୋଇଗଲ ।

ସାରଙ୍ଗଧର ମୁକୁତା ଉପରେ ବିରକ୍ତ ହେଲେ— ସାନ ବୋହୂଙ୍କର ମନ ନନେଲେ ସବୁ ଗୋଳମାଳ ହୋଇଯିବ । ଦୋଳିଆ ବୋଧହୁଏ ତାଙ୍କ ମୁଣ୍ଡ ବିଗାଡ଼ି ଦେଲଣି । ତମେ ମୋ କଥା ବୁଝୁଛ ନା ନାହିଁ ? ଆଉ କେଇଟା ଦିନ ଟିକେ ଚଳେଇ ନିଅ । ସରକାରୀ ଟଙ୍କାଗୁଡ଼ାକ ହାତ କରି ନେଇ ପର୍ଯ୍ୟନ୍ତ ଟିକେ ସବୁର କର ।

ମୁକୁତା ମୁହଁ ମୋଡ଼ିଲ— ମଲମୋର ସେ ଫୁଲେଇଟା ସାଙ୍ଗେରେତ ମୋର ମୂଳରୁ ପଡେନେଇ । ଆଉ ଏଇନା କ'ଣ କେମିତି କରିବି ? କ'ଣ ଦି ଅକ୍ଷର ପାଠ ପଢିଚି ଆଉ ଯୋଉତୁକ ଆଣିଚି ବୋଲି ତା ଆଖି ସରଗରେ । ସୁନ୍ଦରୀ ବୋଲି କଣ କମି ଗରବ ? ଭଗବାନ କାହାରି ଗରବ ସହନ୍ତି ନାହିଁ ମ । ମୋର ଗରଜ ପଡ଼ିଚି ସେଇ ଅଲକ୍ଷଣୀଟାକୁ ଖୋସାମଦ କରିବାକୁ ।

ମୁହଁକୁ ଛିଞ୍ଚାଡ଼ି ବାରିଆଡକୁ ପଳେଇଲ ମୁକୁତା । ସାରଙ୍ଗ ବିରକ୍ତିରେ ମନକୁ ମନ ଗୁରୁ ଗୁରୁ ହେଲେ । ରଗରେ ଗାମୁଛାଟା ଏ କାନ୍ଧ ସେ କାନ୍ଧ କରି କରି ଦାଣ୍ଡକୁ ଗ୍ଧଲିଗଲେ ।

ହଠାତ୍ ଦିନେ ଗୋଲପର ବୋଉ ଆଉ ତା ଦୋଳିଆଭଇ ସକାଳୁ ସକାଳୁ ଆସି ପହଞ୍ଚିଲେ । ଗୋଲପକୁ ଧରି ବଡ ପାଟିରେ ଅନେକ ସମୟ ଯାଏ ବାହୁନି ବାହୁନି କାନ୍ଦିଲେ । ଜମା ହୋଇଥିବା ସାଇ ଲୋକମାନଙ୍କୁ ଶୁଣେଇ ଶୁଣେଇ

Digitized by srujanika@gmail.com

କହିଲେ– ତୋ ଦିହ କଣ ଥିଲା କଣ ହେଲାଣି ଗୋଲାପ ? ଦିନଗତି ଖଟି ଖଟି କଳାକାଠ ପଡ଼ି ଗଲାଣି ମୋ ଝିଅ । ଘର ଗୋଟାକର କାମକୁ ଗୋଟେ ମଣିଷ, କେତେ ଖଟିବ ? ଖାଇବା ପିଇବାରେ କୋଉ ଠିକ୍ ଠିକଣା ଅଛି ? କିଏ ଏଠି ତାର ଅଛି ବୁଝେଇ ସୁଝେଇ ଖୋଇବ ? ଏଠିତ ସମସ୍ତେ କାମର ପିଆଁଶ । ଖାଇଲେ ଖାଆ ନଖାଇଲେ ନାହିଁ । ଦିନଗତି କାମ କରୁଥା ।

ମୁକୁତାଙ୍କ ଦିହରେ ଏ କଥା କେଇପଦ ଛୁଞ୍ଚ ପରି ଟପ୍ ଟପ୍ ଫୋଡ଼ି ହୋଇଗଲା । ଆଖି ତରଗଟି ଟିପ ଅଗରେ ଠିଆ ହେଲେ ।

ଗୋଲାପର ବୋଉ ପୁଣି କହିଲେ– ହଁ ମ, ମୁଁ ଜାଣିଚି ଏଠି ସମସ୍ତେ ଯେଝା ବାଗରେ ଅଛନ୍ତି । ନିଜର ବୋଲି କହି ଅର୍ଣ୍ଣିରେ ପଶିବେ, ଟିକେ ବାଗ ପାଇଲେ ତର୍ଣ୍ଣି କାଟିବେ । ଏ କଳାମୁଣ୍ଡିଆଙ୍କୁ ବିଶ୍ୱାସ ନାହିଁ ।

ମୁକୁତା ରାଗରେ ପାଚି ପାଚି ଆସୁଥିଲେ । ଫଅଁ ଫଅଁ ନିଃଶ୍ୱାସ ମାରୁଥିଲେ ।

–ତୁ ହୁସିଆର ଥିବୁ ମାଆ । ତୋ ଚ଼ରିପଟେ ଖୁଦକଣା ବୁଣାଯାଇଚି ଆଉ ତା ଉପରେ ଜାଲ ବିଛା ଯାଇଚି । ଟିକେ ଏପଟ ସେପଟହେଲେ ଜାଲରେ ପଡ଼ିବୁ ।

ମୁକୁତା ଆଉ ସମାଳି ନପାରି ଗର୍ଜି ଉଠିଲେ– ଏତେ ଦିନ ପର୍ଯ୍ୟନ୍ତ ତମେ କୋଉଠି ଥିଲ ମ ? ଭୁବନେଶ୍ୱର ଗାଆଁରେ ନିଆସିରି ହୋଇ ପଡ଼ିଥିଲେ ତମ ଝିଅ ଆଉ ନାତି, ନାତୁଣୀ । ଆଣିକି ଖୋଇ ପେଇ ଚ଼ରିମାସ ହବ ଆମେ ସମାଳିଛୁ ନା ତମେ ସମାଳିଚ ? ଏଇଲେ ଶୁଖିଲା ଝିଅ ସୁଆଗ ଖାଲି ଉଛୁଳି ପଡୁଚି ।

ଗୋଲାପର ବୋଉ କଳି ଲଗେଇବାକୁ ତିଆରିହେଇ ଆସିଥିଲେ । ସାଙ୍ଗେ ସାଙ୍ଗେ ମାଡ଼ିବସିଲେ– ସାରଙ୍ଗକୁ ମୁଁ ଚିହ୍ନିଚି ମ । ବିନା ଲାଭରେ ବଣିଜ କରିବା ଲୋକ ସିଏ ନୁହନ୍ତି । ମୋ ଝିଅର ଟଙ୍କାପଇସା ଆଉ ଜମିବାଡ଼ି ହାତ କରିବା ମତଲବରେ ସିଏ ଫୁସୁଲେଇକି ଏଠିକି ମୋ ଝିଅକୁ ନେଇ ଆସିଛନ୍ତି ।

ମୁକୁତା କହିଲା– କାହିଁକି ଦୋଳିଆତ ଯାଇଥିଲା, ତା ସାଙ୍ଗରେ ତମ ଝିଅ ତମ ଘରକୁ ପଳେଇଲା ନେଇଁ ? କିଏ ତାକୁ ଅଟକେଇ ଥିଲା କି ? ମୁଁ କ'ଣ

Digitized by srujanika@gmail.com

ତମକୁ ଚିହ୍ନି ନେଇଁ ନା ଦୋଳିଆକୁ ଚିହ୍ନି ନେଇଁ ? ତମ ଝିଅ ଠଉଁ କେତେ ଟଙ୍କା ନେଲଣି ? ଆଜ କଣ ନବ ବୋଲି ଏଠିକି ଘଡ଼ିକି ଘଡ଼ି ମାଆ ପୁଅ ଛୁଟିଛ ?

—ଆମେ ସେମିତିଆ ନୁହଁମ । ଝିଅ ସମ୍ପତ୍ତି ଖାଇବା ଆମ ଜାତକରେ ନାହିଁ । ମୁଁ ମୋ ଝିଅକୁ ଯୋଉତୁକ ଦେଇଥିଲି ତମ ଏ ଗାଆଁରେ ଏମିତି କେହି ଦେଇ ନଥିବେ । ତା କପାଳ ତାକୁ ହଟ ହଟା କରୁଚି । କଉଁ ଶୁବରେ କେତେ ଟଙ୍କା ସାରଙ୍ଗ ଅଣ୍ଟିରେ ପୁରେଇଲେ ସେ ହିସାବ କଣ ମତେ ଅଛପା ଅଛି ?

ଏତିକିବେଳେ ସାରଙ୍ଗ ପଣ୍ଡି ଆସିଲେ । ଗୋଲପର ବୋଉ ଚୁପ୍ ହୋଇଗଲେ । ଗୋଲପ ଆଡ଼େଇ ହୋଇ ଠିଆହେଲା । ମୁକୁତା ସ୍ୱାମୀଙ୍କୁ ଦେଖୁ ବଡ ପାଟିରେ କାନ୍ଦି ପକେଇଲା— ମୁଁ ତମକୁ କହୁଚି ସିଏ ତାଙ୍କର ଭୁବନେଶ୍ୱରରେ ଥାଆନ୍ତୁ କି ବାପଘରକୁ ଯାଆନ୍ତୁ । ଆମର ସେଥିରେ ମୁଣ୍ଡ ପୂରେଇବା ଦରକାର ନାହିଁ । ଏଇନେ ସମାଳ । ମୁଁ କାହାରି କଥା ସହି ପାରିବି ନେଇଁ ।

ବଡ ପାଟିରେ ଆଦେଶ ଦେବା କଣ୍ଠରେ ସାରଙ୍ଗ କହିଲେ— ତମେ ସେ ସବୁ କଥାରେ କ'ଣ ପାଇବ ? ମୁଁ ଯାହା କରିଚି ବୁଝି ବିଚାରି କରିଚି । ଯେତେ ହେଲେ ସିଏ ଏଘରର ବୋହୂ । ଏଘରର ଇଜ୍ଜତ ମାଟିରେ ମିଶିବାକୁ ମୁଁ ଦେବିନାହିଁ । ବାପଘରେ ରହିଲେ କୌଣସି ବୋହୂର ମାନ ସନମାନ ରହେ ନାହିଁ । ମୁଁ ସାନ ବୋହୂକୁ ପଚାରୁଚି ସିଏ ମୋତେ କହନ୍ତୁ ।

ଗୋଲପ ତାର ବୋଉ ମୁହଁକୁ ଥରେ ଚାହିଁଲା । ବୋଉକୁ କୁଣ୍ଢେଇ ଧରି କାନ୍ଦି କାନ୍ଦି କହିଲା— ତୁ ଫେରିଯା ବୋଉ । ମୁଁ କୋଉଠିକି ଯିବା ଦରକାର ନାହିଁ । ମୋ କପାଳ ଯେତେବେଳେ ପୋଡ଼ି ଯାଇଚି ସେତେବେଳେ ସବୁଜାଗା ମୋ ପାଇଁ ଏକା । କେହି ମୋ କରମ ବଦଳେଇ ଦେଇପାରିବେ ନାହିଁ ।

ସେଦିନଠାରୁ ଗୋଲପବୋଉ ଝିଅର କାନେ କାନେ ଶିଖେଇ ଶିଖେଇ ଥକିଲେ । ଗୋଲପର ଏକା ଜିଦ୍ ମୁଁ କୋଉଠିକି ଯିବି ନାହିଁ । ସବୁ ଜାଗା ମୋ ପାଇଁ ଏକା ।

Digitized by srujanika@gmail.com

ସନ୍ଧ୍ୟା ଆଗରୁ ସେଇ ରିକ୍ସାରେ ଗୋଲପବୋଉ ଦୋଳିଆ ସାଙ୍ଗରେ ଗାଆଁକୁ ଫେରିଗଲେ । ଫେରି ଗଲାବେଳେ କହିଗଲେ–ମୁଁ ଜାଣେ ଶେଷରେ ତୋ ଛୁଆ ପିଲାଙ୍କୁ ସାରଙ୍ଗ ଦାଣ୍ଡରେ ଠିଆ କରେଇବ । ଏବେ ବୁଝୁନଉଁ, ସେତେବେଳକୁ ଆଉ ମାମଲତ ନଥିବ ।

ଠିକ୍ ତା ପରଦିନ ଆସି ପହଞ୍ଚିଲା ଟିମା । ଟିମା ଆସିଛି ଟଙ୍କାନେଇ କଟକରେ ବ୍ୟବସାୟ କରିବ ।

ଉପର ଓଳି ଗୋଲପ ନାଆଁରେ ଗୋଟେ ସରକାରୀ ଚିଠି ଆସିଲା । ଟିମା ଚିଠିଟି ପଢ଼ି ବୁଝେଇଦେଲା–ମୁରଲୀଭାଇଙ୍କ ମରିବା ଆଜିକୁ ଚାରିମାସ ହେଇଗଲାଣି । ସରକାରୀଘର ଶୀଘ୍ରଛାଡ଼ିବାକୁ ସରକାର ତାଗିଦ୍ କରିଛନ୍ତି । ଏ ଚିଠି ପାଇବାର ମାସେ ଭିତରେ ଘର ନଛାଡ଼ିଲେ ଘରୁ ଜିନିଷ ପତ୍ର ଫୋପାଡ଼ି ଦେଇ ସରକାର ଘର ଦଖଲ ନେବେ ।

ଗୋଲପ ଆଖିରୁ ଦୁଇଧାର ଲୁହ ବୋହି ଗାଲ ଓଦା କରିଦେଲା । ଭୁବନେଶ୍ୱରର ସରକାରୀଘର ତା ଆଖି ଆଗରେ ଠିଆହେଲା । ବେଷେଇଘର, ଶୋଇବାଘର, ଦାଣ୍ଡଘର, ଗାଧୁଆଘର, ପାଇଖାନା ସାଙ୍ଗକୁ ବଡ ଅଗଣା । ଦାଣ୍ଡଘରେ, ଶୋଇବାଘରେ ଆଉ ରୋଷେଇଘରେ ଅନେକ ଜିନିଷ ଖୁନ୍ଦାଖୁନ୍ଦି । ପିନ୍ଧିବା ଲୁଗା ଛଡା ସିଏ ଆଉ କିଛି ଆଣିନେଇଁ । ଚାରିମାସ ହେଲା ଛାଡ଼ିକି ଆସିଲାଣି । କ'ଣ ହେଇଥିବ ସେ ଜିନିଷର ଅବସ୍ଥା ?

ସରକାରୀ ହୁକୁମକୁ ବଳ କାହାର ? ଆଗରୁ ଜିନିଷପତ୍ର ବାହାର ନକଲେ ପୋଲିସ୍ ଲଗାଇ ଫୋପଡା ଫିଙ୍ଗା କରିଦେବେ । ଗୋଲପ ଭୁବନେଶ୍ୱର ଯିବାକୁ ବାହାରିଲା । ସାରଙ୍ଗଧର ମଧ୍ୟ ସାନବୋହୂ ସାଙ୍ଗରେ ଯିବାକୁ ତିଆର ହେଲେ ।

କିନ୍ତୁ ଗୋଲପ ମନାକଲା– ନନା ଏଡ଼େ ଯାଇ କଣ କରିବେ ? ମୁଁ ଯାଇ ଦେଖେ । ଜିନିଷ ପତ୍ର ବନ୍ଧାବନ୍ଧି କରି ପଡ଼ିଶାଘରେ ଥୋଇବି । ଏତେ ଜିନିଷ ଏକାଥରକେ ଆଣିହବ ନେଇଁ । ସୁବିଧା ଦେଖି ଜିନିଷ ସବୁ ଘରକୁ ଆଣିବା । ସରକାରରୁ ଆଉ କ'ଣ ଟଙ୍କା ପଇସା ମିଳିବ, ସେ କଥାବି ମୁଁ ବୁଝି ଆସିବି । ସବୁ ଠିକ୍ ହୋଇଗଲାପରେ ନନା ଯିବେ । ଯାହା ଯେମିତି କରିକି ଆଣିବେ ।

Digitized by srujanika@gmail.com

ସାରଙ୍ଗଧର ଟିକେ ଚିନ୍ତା କରି କହିଲେ– ହଁ, ସାନବୋହୂ ନାକରା କଥା କହୁନାହାଁନ୍ତି । ମୁଁ ବି ଯାଇ ଭୁବନେଶ୍ଵରରେ ଏତେଦିନ ରହି ପାରିବି ନାହିଁ । ତପୁ, ପାପୁ ହେରିକା ଛୁଆଏ ଏଠି ଥାଆନ୍ତୁ । ଆମ ଟିକମର ପରୀକ୍ଷା ସରିଲାଣି, ସେଇଆକୁ ସାଙ୍ଗରେ ନେଇ ସାନବୋହୂ କାଲି ଭୁବନେଶ୍ୱର ଯାଆନ୍ତୁ । ବେଶି ଡେରି କରିବେ ନାହିଁ । ଗୁରି, ଛଅଦିନ ଭିତରେ ସବୁ ବୁଝା ବୁଝି କରି ଗ୍ଲଲି ଆସିବେ ।

ତାପର ଦିନ ସକାଳୁ ରିକ୍ସା ଆସିଲା । ସଫା ଜାମା ପ୍ୟାଣ୍ଟ ପିନ୍ଧି ଟିକମ ଆଗଯାଇ ରିକସାରେ ବସିଲା । ତପୁ, ବାପୁ ଆଉ ଲିପିକୁ ବୁଝେଇବାରେ ଲଗିଲା ଗୋଲପ–"ତୁମେ ମୋତେ ଚଗଲା ହବନେଇଁ । ବଡମାଆ ଯାହା ଖାଇବାକୁ ଦେବେ ଖାଇବ । ମୁଁ ଦି ଦିନ ଭିତରେ ପଳେଇ ଆସିବି ।

ଟିକମ ରିକସାରେ ବସି ତପୁକୁ କହିଲା– ତପୁ, ମୁଁ ସାନବୋଉ ସାଙ୍ଗରେ ଭୁବନେଶ୍ୱର ଯାଉଚି । ନୂଆ, ଜାମା, ପେଣ୍ଟ ଆଣିବି । ଗୋଟେ ବଢିଆ କଲମ ଆଣିବି । ତତେ ଆମେ ସାଙ୍ଗରେ ନବୁ ନଇଁ ।

ଗୋଲପ ପିଲଙ୍କ ପାଖରୁ ଆସି ରିକ୍ସାରେ ବସିଲା । ମୁକୁତା, ସାରଙ୍ଗଧର ଆଉ ମୁକୁତାର ବଡଝିଅ କନି,ସାନଝିଅ ବନି,ଡେପୁଅ ଗୋଲଖ ଠିଆ ହୋଇଥିଲେ । ଟିମା ରିକ୍ସା ପାଖକୁ ଯାଇ ଗୋଲପକୁ ଟଙ୍କାକଥା ପଗ୍ଲରିଲା ।

ଗୋଲପ ଟିମାକୁ ବୁଝାଇଲା– ଦେଖ ଟିମା ଯାହା ଥିଲା ଯିଏ ଯେମିତି ନେଇଯାଇଚନ୍ତି । ଭୁବନେଶ୍ୱରରୁ ଫେରିଲେ ତାଙ୍କଠୁ ଆଣିକି ଦେବି । ସୁବିଧା ଦେଖି ଆଉଥରେ ଆସିବ ।

ଟିମା ଆଡେଇ ହୋଇଗଲା । ରିକ୍ସା ଗ୍ଲଲିଲା । ପଛକୁ ମୁହଁ ବୁଲେଇ ପିଲମାନଙ୍କୁ ଗ୍ଲହିଁଲା ଗୋଳପ । ଆଖି ଛଳ ଛଳ ହୋଇ ଆସିଲା ।

ଟିକମ ପଛକୁ ମୁହଁ ବୁଲେଇ ତପୁକୁ ଗ୍ଲହିଁ ହସିଦେଲା । ତପୁ ମାଡ଼ିଆସିଲା ରିକ୍ସା ଆଡ଼କୁ । ଚଳନ୍ତା ରିକ୍ସାରେ ଚଢିଯାଇ ଟିକମର ବେକକୁ ମାଡ଼ି ବସିଲା । ଦୁହିଁଙ୍କ ଭିତରୁ ଟିକମ ବର୍ଷେ ବଡ ହେବ । ଗୋଲପର ମନା ନମାନି ସେଇ ରିକ୍ସା ଉପରେ ଦିହେଁ ଗଡାପଡ଼ା ଲଗିଲେ । ଗୋଲପ ଚେଷ୍ଟା କରିବି ସେ

Digitized by srujanika@gmail.com

ଦୁହିଁଙ୍କି ଅଲଗାକରି ପାରିଲ ନାହିଁ । ମୁକୁତା ଆସି ଟଣାଟଣି କରି ଦୁଇଜଣଙ୍କୁ ଛଡ଼ାଇ ଦେଲ । ଦୁଇଟା ଘାଉଲ ବାଘପରି ଦିହେଁ ଗର୍ଜୁଥିଲେ ।

ତପୁକୁ ଯେତେ ବୁଝାଇଲେ ମଧ୍ୟ ସିଏ ଜମା ସମାଳି ହେଉ ନଥିଲ । ଧଳି ସଇଁ ହେଇ ଗର୍ଜନ କରୁଥିଲ– ମୋ ବୋଉ ସାଙ୍ଗରେ ତୁ କାହିଁକି ଯିବୁ ନା ? ମୋତେ କହୁଚି ଗାଆଁରେ ତମର କିଛି ନାହିଁ । ସିଏ ପୁଣି ମୋ ବୋଉ ସାଙ୍ଗରେ ଭୁବନେଶ୍ୱର ଯିବ । ଦେଖିବା କେମିତି ଯିବ ।

ମୁକୁତା ତପୁର କଥାରେ ଖୁବ୍ ରଗିଯାଇ ଟିକମକୁ କାଖରେ ବସେଇ ଗର୍ଜି ଗର୍ଜି ଫେରି ଆସିଲ– ମାଆପୁଅ ମିଶିକି ମୋ ଛୁଆଟାକୁ ମାରି ପକେଇଲେ । ଆମର ଭୁବନେଶ୍ୱର ଯିବା ସେତିକି ଥାଉ । ସାନବୋଉ ହୁଆଗ ନହେଲ ନାହିଁ । ମୋ ଛୁଆ କ'ଣ ଭୁବନେଶ୍ୱର ଦେଖି ନାହାନ୍ତି ନା ଦେଖିବେ ନେଇଁ ? ମୋ ମାଉସୀ ପୁଅ ଭଇର ଶଳା ଦୀନା କେତେଥର ଡ଼ାକିକି ଯାଇଚି ଭୁବନେଶ୍ୱର ଯିବା ପାଇଁ । ସିଏ ଏଥର ଆସିଲେ ତା ସାଙ୍ଗରେ ପଠେଇ ଦେବି ।

ଗୋଲପ ଆସି ଯେତେ ବୁଝାଇଲ ମୁକୁତା ମୋଟେ ବୁଝିଲା ନାହିଁ । ରଗିକି ବେଶି ବେଶି ଗର୍ଜନ କଲ । ସାରଙ୍ଗଧର ଯେତେ ଧମକ ଚମକ ଦେଲ ମୁକୁତା କୋଉଥିରେ ଦବିଲ ନାହିଁ । ଏକା ଯିଦ୍ ଧରିଲ– ମୋ ଛୁଆ ତା ସାଙ୍ଗରେ ଯିବ ନେଇଁ ।

ପରିସ୍ଥିତି ଏମିତି ହେଲା କେହି କାହାକୁ କହିବା ଅବସ୍ଥାରେ ନଥିଲେ । ତପୁ ବାପୁ ଆଉ ଲିପୁ ତିନିହେଁ ଯାଇ ମାଆ ପାଖରେ ରିକ୍ସାରେ ବସିଲେ । ରିକ୍ସା ଷ୍ଟେସନ ଆଡେ ଗ୍ଲଲିଲ ।

ଭୁବନେଶ୍ୱରରେ ପହଞ୍ଚି ପଡୋଶୀ ଅନାଦି ବାବୁଙ୍କଠାରୁ ଶୁଣିଲ ଗୋଲପ– ଗୋକୁଳି ବାବୁ ବୋଲି କିଏ ଜଣେ ମୁରଲୀବାବୁଙ୍କ ଅଫିସ ଲୋକ । ଘରଟି ତାଙ୍କ ନାମରେ କରାଇ ନେବାପାଇଁ ଖୁବ୍ ଚେଷ୍ଟା ଚଳେଇଚନ୍ତି ।

ଅନାଦିବାବୁ ତପୁ, ବାପୁ ଆଉ ଲିପୁଙ୍କ ମୁହଁକୁ ଚ୍ହିଁଲେ । ତାଙ୍କ ସାନ ପୁଅର ସାଙ୍ଗ ବାପୁ । ପିଲା ଗୁଡାକ କେଇଟା ଦିନରେ କଳା ପଡ଼ିଯାଇଛନ୍ତି ।

Digitized by srujanika@gmail.com

ଅନାଦିବାବୁଙ୍କ ସ୍ତ୍ରୀ ନେତ୍ରମଣୀ ପିଲା ତିନିଟାଙ୍କ ଦିହରେ ହାତ ବୁଲେଇ ଆଣି କହିଲେ– ଦିନ କେଇଟାରେ ଛୁଆ ଗୁଡାକ କ'ଣ ହେଲେଣି ? ତମେ ଆଉ ଭୁବନେଶ୍ୱର ଛାଡ଼ି କୁଆଡେ ଯାଆନା । ଯାହା ଯେମିତି କରିକି ଏଇଠି ରୁହ ।

ଗୋଲାପ କାନ୍ଦି ପକେଇଲା । କାନ୍ଦୁ କାନ୍ଦୁ କହିଲା– ସେ ଭାଗ୍ୟ ମୋର ଆଉ କାହିଁ ? ଏଠି କୋଉଠି ରହିବି ? ଛୁଆଙ୍କୁ କେମିତି ଚଳେଇବି ?

ଅନାଦିବାବୁ କହିଲେ– ତୁମେ ଯଦି ଏଠି ରହିବାକୁ ଚାହିଁବ ତେବେ ଆମ ଅଫିସରେ ତୁମପାଇଁ ଚାକିରି ମିଳିବ । ଏ ଘରଟାବି ତମ ନାଆଁରେ କରିହେବ ।

ଗୋଲାପ ସେମିତି କାନ୍ଦୁ କାନ୍ଦୁ କହିଲା–ମୁଁ ଚାକିରି କରିବାକୁ ରାଜି । ଏ ଛୁଆଙ୍କୁ ମଣିଷ କରିବାକୁ ଯାହା ଦରକାର ମୁଁ କରିବି । ଆପଣ ଟିକେ ମୋ ପାଇଁ ବୁଝା ବୁଝି କରନ୍ତୁ । ମୁଁ ସେମିତି କିଛି ପାଠ ପଢି ନାହିଁ । କି ଚାକିରି କରିବି ?

ଅନାଦିବାବୁ ଗୋଲାପକୁ ଭରସା ଦେଲେ– ତୁମେ ମାଟ୍ରିକ ପାଶ୍ କରିଥିଲେ ତୃତୀୟ ଶ୍ରେଣୀ ଚାକିରି ଖଣ୍ଡେ ମିଳି ଥାଆନ୍ତା । କିଛି ନହେଲେ ପିଅନ ଚାକିରି ଖଣ୍ଡେ ମିଳିବ । ଏ ଘର ନମିଳିଲେ ଯା'ଠୁ ଛୋଟଘର ଖଣ୍ଡେ ମିଳିବ । ମୁରଲୀବାବୁଙ୍କର ଜି. ପି. ଏଫ୍.ରେ ଦଶହଜାର ଟଙ୍କା ଅଛିବୋଲି ମୁଁ ଅଫିସ୍‌ରୁ ବୁଝିଥିଲି । ସେତକ ତମକୁ ମିଳିବ । ଗ୍ରାଚୁଇଟି ଟଙ୍କା ପନ୍ଦର ହଜାର ମିଳିବ ।

ମୁରଲୀବାବୁଙ୍କର ଅଫିସରେ କିଛିଟା ମର୍ଯ୍ୟାଦା ଥିଲା । ତୁମେ ପିଅନ ଭବରେ ସେଇ ଅଫିସରେ କାମ କରିବାକୁ ପ୍ରଥମେ ପ୍ରଥମେ ଲାଜ ଲାଗିବ । ଅଡୁଆ ଅଡୁଆ ଲାଗିବ । ପରେ ସବୁ ଦେହସୁଆ ହୋଇଯିବ । ନିଜେ ରୋଜଗାର କଲେ ମନରେ ବଳ ଆସିବ । ତୁମେ ଏ ପିଲାମାନଙ୍କୁ ମଣିଷକରି ପାରିବ ।

ଗୋଲାପର ଆଖି ଅନେକ ଦୂରରେ ଥିବା ଏକ ବିନ୍ଦୁରେ ସ୍ଥିର ହୋଇ ଯାଇଥିଲା । ଭବିଷ୍ୟତ ଦିନମାନଙ୍କର ମୁହଁ ସେଇ ବିନ୍ଦୁରେ ଗୋଟାକ ପରେ ଗୋଟେ ଆସି ମଡେଇ ହୋଇ ଯାଉଥିଲା । ତା ଦୁଇ କଡରେ ଠିଆ ହୋଇଥିବା ତପୁ ଆଉ ବାପୁକୁ ଦୁଇହାତରେ ନିଜ ଅଡ଼କୁ ଖୁବ୍ ଜୋରରେ ଟାଣିଆଣୁଥିଲା ଗୋଲାପ । କିନ୍ତୁ ତାର ଆଖି ଦୁଇଟା ସେଇ ବିନ୍ଦୁରେ ଅଟକି ରହିଥିଲେ । ତା ମୁହଁରେ ଆତ୍ମ ବିଶ୍ୱାସର ମୁଦ୍ରା ଫୁଟିଉଠୁଥିଲା ।

●

Digitized by srujanika@gmail.com

ଫେଶାସ

ଟାଇଗରକୁ ଧରି ସକାଳୁ ବୁଲି ବାହାରିଲେ ଧନଞ୍ଜୟ । ଭୁବନେଶ୍ୱର ରାସ୍ତାଟା ଫୁଟବଲ୍ ପଡ଼ିଆ ପରି ଫାଙ୍କା ଦିଶୁଛି । ରାତ୍ରିରେ ଦିନସାରା ଚାଲ୍ ବୁଲ୍ କରି କ୍ଳାନ୍ତହୋଇଥିବା ମଣିଷମାନେ ହୁଏତ ଏଯାଏ ବିଛଣା ଛାଡ଼ି ନାହାଁନ୍ତି ।

ଆଚାର୍ଯ୍ୟ ବିହାରରୁ ବାହାରି ସଚିବାଳୟ ମାର୍ଗରେ ଟାଇଗର ପଛେ ପଛେ ଚାଲିଛନ୍ତି ଧନଞ୍ଜୟ । ତାଙ୍କ ଆଗରୁ ଆଉ ଗୋଟିଏ ଆଲ୍‌ସିଆନ କୁକୁରକୁ ଧରି ଆସୁଛନ୍ତି ଜଣେ ପୌଢ଼ା । ଏତେ ଦୂରରୁ ଚିହ୍ନି ହେଉନାହିଁ । ନିକଟ ହେଲେବି ଧନଞ୍ଜୟ କାହାକୁ ଚିହ୍ନିପାରିବେ ଏ ବିଶ୍ୱାସ ତାଙ୍କର ନାହିଁ । ପାଠ ପଢାଠାରୁ ଆରମ୍ଭ କରି ଚାକିରି ପର୍ଯ୍ୟନ୍ତ ଦୀର୍ଘ ପଇଁତିରିଶ ବର୍ଷ ଆମେରିକାରେ କଟାଇ ଭୁବନେଶ୍ୱର ଫେରିବା ଦିନ ସେ ଭୁବନେଶ୍ୱର ସହରକୁ ବି ଚିହ୍ନି ପାରିନଥିଲେ । ଏତେ ବ୍ୟବଧାନରେ କୌଣସି ମଣିଷକୁ ଚିହ୍ନିବା ସହଜ ନୁହେଁ ।

ଭଦ୍ରମହିଳା ଓ ଧନଞ୍ଜୟ ପରସ୍ପର ଆଡକୁ ନିକଟେଇ ଆସୁଥିଲେ । ରିଜନାଲ୍ କଲେଜ ସାମ୍ନା ଛକରେ ମୁହାଁମୁହିଁ ହୋଇଗଲେ । ଦୁହେଁ ଚିହ୍ନିଲା ଚିହ୍ନିଲା ଆଖିରେ ଦୁହିଁଙ୍କୁ ଚାହିଁ ରହିଲେ ।

ଧନଞ୍ଜୟ ପ୍ରଥମେ ମୁହଁ ଖୋଲିଲେ– ଆରେ ଲେପା ! ତୁମେ ? ଏତେ ବର୍ଷପରେ ଏମିତି ଅଚାନକ ତୁମ ସହିତ ମୋର ସାକ୍ଷାତ ହେବ ବୋଲି ମୁଁ ଆଶାକରି ନଥିଲି ।

–ମୁଁ ବି । ତୁମେ ଏଠି କେମିତି ? କ'ଣ ଆମେରିକା ଛାଡ଼ିଦେଲ ? ଲେପା ପ୍ରଶ୍ନ କଲେ ।

: ଚାକିରିରୁ ଅବସର ନେବାପରେ ମୁଁ ଫେରି ଆସିଲି । ଏଇ ମାସେ ହେବ ଆସିଛି । ଆଉ ତୁମ ଖବର କ'ଣ କୁହ ଲେପା ।

Digitized by srujanika@gmail.com

: ମୋ ଶରୀରରେ ଆଉ କ'ଣ ? ଏଇ ଯାହା ଯେମିତି ଦେଖୁଛ, ମାନେ ମୁଣ୍ଡଟା ଅଧା ଅଧା ପାଚିଲାଣି । ଚଷମା ନଦେଲେ ଆଖି ତା କାମ ଠିକ୍ ଠିକ୍ କରିପାରୁ ନାହିଁ ।

: ନାଇଁ ମୁଁ ତୁମ ଘରୋଇ ଜୀବନ ବିଷୟରେ ପଚାରୁଥିଲି । ମାନେ ତୁମ ପରିବାର, ସ୍ୱାମୀ, ପୁତ୍ର କନ୍ୟା............

: ଏଇ ଗସ୍ତା ମଝିରେ ଏସବୁ କଥା କାହିଁକି ? ତୁମେ ଭୁବନେଶ୍ୱରରେ କେଉଁଠି ରହୁଛ ?

: ଆଚାର୍ଯ୍ୟ ବିହାରରେ ଗୋଟେ ଘର କିଣିଛି ।

: ମୁଁ ସହିଦନଗରରେ ମୋ ନିଜଘରେ ରହୁଛି । ପ୍ଲଟ ନମ୍ବର ୧୫୦୭ । ତୁମକୁ ସସ୍ତ୍ରୀକ ନିମନ୍ତ୍ରଣ ରହିଲା ଧନଞ୍ଜୟ । ଆଜି ସନ୍ଧ୍ୟା ସାତଟାରେ ନିଶ୍ଚୟ ଆସିବ ।

ପରସ୍ପରଠୁ ବିଦାୟ ନେଇ ନିଜ ଗସ୍ତାରେ ଫେରିଗଲାବେଳେ ପଛକୁ ଫେରି ଫେରି ଚାହୁଁଥିଲେ ଦୁହେଁ ।

ଧନଞ୍ଜୟଙ୍କ ଆଖିରେ ଫ୍ରକପିନ୍ଧା ଲେପାଠାରୁ ଆରମ୍ଭକରି ଯୌବନଧୁଆ କଲେଜକୁଇନ୍ ଲେପା ପର୍ଯ୍ୟନ୍ତ ବିଭିନ୍ନ ଛବିର ଭିଡ । ଧୂଳିଖେଳ, କଣ୍ଢେଇ ବାହାଘର, କୋଳିତୋଳା, ସ୍କୁଲପଢା, କଲେଜପଢା, ମାନ, ଅଭିମାନ ସବୁକୁ ନେଇ ଫେଣ୍ଟା ଫେଣ୍ଟି ସେ ରୋମାଣ୍ଟିକ ଦିନଗୁଡାକ ଆଖିକୁ ଘେରି ଠିଆ ହୋଇ ଗଲେ । ଏତେ ବୟସରେ ମଧ୍ୟ ସେ ଦିନର ସ୍ମୃତି ସବୁ ସଜତୋଳା ଫୁଲପରି ସତେଜ ମହ ମହ ।

ଭାରତରୁ ଆମେରିକାଯାଏଁ ବୁଲିଛନ୍ତି ଧନଞ୍ଜୟ । କିନ୍ତୁ ଲେପାପରି ଏତେ ସୁନ୍ଦର ଝିଅଟିଏ କେଉଁଠି ହେଲେ ସେ ଦେଖି ନାହାନ୍ତି । ଭଲପାଇବାର ଦଉଡ଼ିରେ ଟାଣିହୋଇ ବିବାହ ବନ୍ଧନରେ ବାନ୍ଧି ହେବାକୁ ପ୍ରସ୍ତୁତ ହେଉଥିବା ସମୟରେ ସେ ଆମେରିକାରେ ରିସର୍ଚ୍ଚ କରିବାପାଇଁ ଜାତୀୟ ବୃତ୍ତି ପାଇଲେ । ଅନିଚ୍ଛା ସତ୍ତ୍ୱେବି ଲେପାଙ୍କର ପରାମର୍ଶ ଅନୁସାରେ ଧନଞ୍ଜୟ ଦୁଇବର୍ଷ ପାଇଁ ଆମେରିକା ଗଲେ ।

Digitized by srujanika@gmail.com

ରିସର୍ଚ୍ଚର ଗୋଟିଏ ବର୍ଷପରେ ଲେପାଙ୍କର ବିବାହ ନିମନ୍ତ୍ରଣ ଧନଞ୍ଜୟଙ୍କୁ ବିସ୍ମିତ କରିଥିଲା ଯେତିକି ଲଜ୍ଜିତ କଲା ସେତିକି । ଚାପଗଠାଙ୍କୁ ସେ ସମଗ୍ର ଭାରତୀୟ ମହିଳାଙ୍କ ଉପରୁ ନିଜର ପ୍ରତ୍ୟୟ ଉଠାଇ ନେଇଥିଲେ ।

ପ୍ରାତଃ ଭ୍ରମଣ ପରେ ସେ ଦିନଟା ଛଟ୍ ପଟ୍ ଲାଗିଲା ଧନଞ୍ଜୟଙ୍କୁ । ମନେ ମନେ ଲେପାଙ୍କ ଘର, ସ୍ୱାମୀ, ପୁତ୍ର, କନ୍ୟା ସହିତ ତାଙ୍କ ପରିବାରର ଗୋଟିଏ ରେଖାଚିତ୍ର ଆଙ୍କିଲେ ସେ ଦିନସାରା । ଲେପାଙ୍କ ସ୍ୱାମୀଙ୍କ ସହିତ କ'ଣ କଥାବାର୍ତ୍ତା କରିବେ ମନେ ମନେ ରିହଲସାଲ କରିନେଲେ । ତାଙ୍କ ସହିତ ଆଳାପ ଆଲୋଚନା ସଂକ୍ଷିପ୍ତ ହେବା ଉଚିତ । ତାଙ୍କ କଥାବାର୍ତ୍ତାରେ ଲେପାଙ୍କ ସହିତ ସମ୍ପର୍କର ସୂତା ଖିଏ ବି ହୁଗୁଳି ନଯାଏ ଯେମିତି, ସେଥିପାଇଁ ସେ ସତର୍କ ହେବା ଆବଶ୍ୟକ ।

ଧୋତି ପଞ୍ଜାବି ପୋଷାକରେ ଧନଞ୍ଜୟ ଅଧିକ ସୁନ୍ଦର ଦିଶେ ବୋଲି ଲେପାଥରେ ତାଙ୍କ ପାଖକୁ ଚିଠି ଲେଖିଥିଲେ । ସେଇ ଦିନଠୁ ସପ୍ତାହରେ ଗୋଟିଏ ଦିନ ଧୋତି ପଞ୍ଜାବି ପିନ୍ଧନ୍ତି ଧନଞ୍ଜୟ । ଲେପାଙ୍କ ଘରକୁ ଯିବାପାଇଁ ସେଇ ଧୋତି ପଞ୍ଜାବିକୁ ବାଛିଲେ ସେ । ଲୋପାଙ୍କର ପ୍ରିୟ ପୁଷ୍ପ ରକ୍ତଗୋଲାପର ଗୋଟେ ପେଣ୍ଡା ଧରି କିଛି ସମୟ ଭାବିଲେ । ନାଁ ଫୁଲ ତୋଡାଟା ଉପହାର ଦେଲେ ଲୋପାଙ୍କ ସ୍ୱାମୀଙ୍କ ମନରେ ସନ୍ଦେହର ବାଦଲ ଭାସିପାରେ । ଫୁଲ ପେଣ୍ଡା କାର୍‌ର ବନେଟ୍‌ରେ ଖୋସିଦେଲେ ଧନଞ୍ଜୟ ।

ଠିକ୍ ସନ୍ଧ୍ୟା ସାତଟା ବେଳେ ସହିଦନଗରର ପ୍ଲଟ ନମ୍ବର ୧୫୦୭ ର ଗେଟ୍ ପାଖରେ ଧନଞ୍ଜୟଙ୍କ କାର ହର୍ଣ୍ଣଦେଲା । ସଙ୍ଗେ ସଙ୍ଗେ ନିଜେ ଆସି ଧନଞ୍ଜୟଙ୍କୁ ପାଛୋଟି ନେଲେ ଲେପା । କିନ୍ତୁ ଲେପାଙ୍କ ମୁହଁରେ ବିସ୍ମୟ ? ଭଉଚ କାହାଁନ୍ତି ?

ଧନଞ୍ଜୟ ପୂର୍ବରୁ ଏମିତି ଏକ ପ୍ରଶ୍ନପାଇଁ ପ୍ରସ୍ତୁତ ଥିବାପରି ସହଜ ଉତ୍ତର ଦେଲେ–ତାଙ୍କ ଦେହ ଭଲନାହିଁ । ସେ କହିଲେ ତୁମେ ଆଜିଯାଅ ମୁଁ ଆଉ ଦିନେ ଯିବି ।

: ମୋ ବିଷୟରେ ଆଗରୁ ତୁମେ ଭଉଚଙ୍କୁ କିଛି କହିଛକି ?

Digitized by srujanika@gmail.com

: ଆରେ ନା, ମୁଁ କ'ଣ ଏତେ ବୋକା ? ସ୍ତ୍ରୀଲୋକମାନେ ଗୋଟେ ଖୁଅ ପାଇଲେ ବି ସନ୍ଦେହର ଥାନେ ଲୁଗା ବୁଣିଯିବେ ଖୁବ୍ ଅକ୍ଳେଶରେ

ଦୁହେଁ ହସିଉଠିଲେ । ଧନଞ୍ଜୟଙ୍କୁ ବିସ୍ମିତ କରି କାଗର ବନେଟ୍‌ରୁ ରଜ୍ଜଗୋଲାପ ପେଣ୍ଡାଟା ଉଠାଇ ଆଣିଲେ ଲେପା । ଏତେବର୍ଷ ପରେବି ଲେପାଙ୍କ ରୁଚିରେ କୌଣସି ପରିବର୍ତ୍ତନ ହୋଇନାହିଁ ।

ନୀଳଶାଢି ପିନ୍ଧିଲେ ଲେପା ଖୁବ୍ ସୁନ୍ଦର ଦିଶନ୍ତି । ଏତେ ଦିନ ପର୍ଯ୍ୟନ୍ତ ଧନଞ୍ଜୟଙ୍କ ରୁଚିକୁ ମନେରଖି ଲେପା ଆଜି ନୀଳ ରଙ୍ଗର ଶାଢି ପିନ୍ଧିଛନ୍ତି ।

ବୈଠକ ଘର ସୋଫାରେ ବସୁ ବସୁ ଧନଞ୍ଜୟ ପ୍ରଶ୍ନକଲେ– ଲେପା ! ତୁମ ମିଷ୍ଟର କାହାନ୍ତି ? ତାଙ୍କୁ ଏପର୍ଯ୍ୟନ୍ତ ଦୃଷ୍ଟି ଅନ୍ତରାଳେ ରଖିଛ କାହିଁକି ?

ଏ ପ୍ରଶ୍ନକୁ ଆଡେଇଗଲେ ଲେପା । ଯେମିତି ସିଏ ପ୍ରଶ୍ନଟା ଶୁଣିପାରି ନାହାଁନ୍ତି ।

: ତୁମ ପୁଅ ଝିଅ ? କାହାରିକୁ ମୁଁ ଦେଖୁନିତ ?

: ମୋ ଜୀବନରେ ସେତିକି ଦୁଃଖ ଧନଞ୍ଜୟ ! ମୁଁ ନିଃସନ୍ତାନ ।

ଲେପା ଲୁଗାକାନିରେ ଆଖି ପୋଛିଲେ । ଧନଞ୍ଜୟ ଏମିତି ଗୋଟେ ପ୍ରଶ୍ନ ପଗ୍ଚରି ଲେପାଙ୍କୁ କ୍ଷତାକ୍ତ କରିଥିବାରୁ ଦୁଃଖ ପ୍ରକାଶ କରି କ୍ଷମା ମାଗିନେଲେ ।

ଲେପା ଖୁବ୍ ଅଳ୍ପ ସମୟ ଭିତରେ ସହଜ ହୋଇ ମୁହଁରେ ହସ ଫୁଟାଇବାକୁ ଚେଷ୍ଟାକଲେ । ଜଳଖିଆ ଆଣି ପରଷିଲେ ।

ଧନଞ୍ଜୟ ଦେଖିଲେ ଜଳଖିଆ ଥାଳିରେ ତାଙ୍କର ପ୍ରିୟ ପୋଡପିଠା ସାଙ୍ଗକୁ ଗୁଆ ଘିଅ ଆଉ ବାସ୍ନମତି ଚାଉଳର ଖିରି । ବିସ୍ମିତ ହେଲେ ଧନଞ୍ଜୟ । ତାଙ୍କ ରୁଚିକୁ ଏଯାଏ ବି ଲେପା ଭୁଲି ନାହାଁନ୍ତି ।

ଜଳଖିଆ ଖାଇବା ଭିତରେ ଧନଞ୍ଜୟ ପ୍ରଶ୍ନକଲେ– ଏତ ମୋ ପସନ୍ଦର ଜଳଖିଆ । ତୁମ ପସନ୍ଦର ଜଳଖିଆ କାହିଁ ? ମାନେ ତୁମର ପ୍ରିୟ ସିଙ୍ଗଡ଼ା, ସନ୍ଦେଶ ଆଉ ରସଗୋଲ୍ଲା ।

Digitized by srujanika@gmail.com

ଲେପା ହସି ହସି ଉତ୍ତର ଦେଲେ– ଆଜି ଦିନଟି ଅତିଥିଙ୍କ ରୁଚିପାଇଁ ଉଦ୍ଦିଷ୍ଟ । ତା ଛଡା ମୋର ବି ତୁମ ରୁଚିର ଜିନିଷ ଗୁଡ଼ିକ କିଛି କମ୍ ପସନ୍ଦ ନୁହେଁ ।

: ଆଚ୍ଛା ଲେପା ! ତୁମ ମିଷ୍ଟର ଆଜି କେତେବେଳେ ଫେରିବେ ମୁଁ ସେପର୍ଯ୍ୟନ୍ତ ଅପେକ୍ଷା କରିବି କି ନାହିଁ ତାର ଠିକଣା ନାହିଁ । ତାଙ୍କ ଫଟୋ ଦର୍ଶନ କରିବାର ସୌଭାଗ୍ୟ କ'ଣ ମତେ ମିଳିବ ନାହିଁ ?

: ନିଶ୍ଚୟ ମିଳିବ । ତୁମେ ବସ । ମୁଁ ସଙ୍ଗେ ସଙ୍ଗେ ତାଙ୍କ ଫଟୋ ନେଇ ଆସୁଛି ।

ଲେପା ଉଠିଗଲେ ଘର ଭିତରକୁ । ଫେରି ଆସିଲେ ହାତରେ ଗୋଟେ ଆଲ୍‌ବମ୍ ଧରି । ଫଟୋ ଭର୍ତ୍ତି ଆଲ୍‌ବମ୍ । ଫଟୋ ପରେ ଫଟୋ । ଲେପା ଅବସର ଗ୍ରହଣ କଲା ପର୍ଯ୍ୟନ୍ତ ବିଭିନ୍ନ ସମୟର ଫଟୋ । ଲେପାଙ୍କ କେତେଟା ସାଙ୍ଗ ଝିଅଙ୍କ ଫଟୋ । ସେମାନଙ୍କ ମଧ୍ୟରୁ କେତେଟା ଝିଅଙ୍କୁ ଚିହ୍ନି ପାରିଲେ । ଆଲ୍‌ବମ୍ ମଝିରେ ନିଜର ଗୋଟିଏ ଏନ୍‌ଲାର୍ଜଡ ଫଟୋ ଦେଖି ଚମକିଗଲେ ଧନଞ୍ଜୟ । ଅଟକି ଗଲେ କିଛି ସମୟ । ତାପରେ ଆଲ୍‌ବମର ଶେଷ ପର୍ଯ୍ୟନ୍ତ ଆଡେଇ ଗଲେ କିନ୍ତୁ ଲେପାଙ୍କ ସ୍ୱାମୀଙ୍କ ଫଟୋ କାହିଁ ? ଶୂନ୍ୟ ଦୃଷ୍ଟିରେ ଗ୍ୱହିଁଲେ ଲେପାଙ୍କୁ ।

ଲେପା ଆଲ୍‌ବମ୍‌ଟା ଧନଞ୍ଜୟଙ୍କ ହାତରୁ ନେଇ ତାଙ୍କ ଆଖି ଆଗରେ ଖୋଲି ଧରି କହିଲେ–ଦେଖ ଏଇଟା ତାଙ୍କ ଫଟୋ ।

ବିସ୍ମୟରେ ଧନଞ୍ଜୟଙ୍କ ଆଖି ଦୁଇଟା ବଡ଼ ବଡ ହୋଇ ଗଲା । ନିଜ ଫଟୋକୁ ସେ ନୂଆ ଦୃଷ୍ଟି ନେଇ ଦେଖୁଥିଲେ । ଯୁବକ ଧନଞ୍ଜୟଙ୍କ ଫଟୋକୁ ବୃଦ୍ଧ ଧନଞ୍ଜୟ ଚିହ୍ନୁଥିଲେ ।

ଲଜ୍ଜାରେ ଲେପା ମୁଦ୍ରା ତଳକୁ ମୁହଁ ପୋତି ପାଦରେ ଗାର କାଟୁଥିଲେ । ତାଙ୍କ ଆଖିରେ ଲୁହ ଚବ ଚବ ହେଉଥିଲା ।

: ତୁମେ ଆଜିଯାଏ ଅବିବାହିତ ଅଛ ଲେପା ? କିନ୍ତୁ ମୁଁ ଆମେରିକାରେ ଥାଇ ତୁମ ବିବାହ ନିମନ୍ତ୍ରଣ ପାଇଥିଲି । ତୁମର ବିବାହ ହୋଇଥିଲା ଜଣେ

Digitized by srujanika@gmail.com

ଡାକ୍ତରଙ୍କ ସହିତ । ତାଙ୍କ ନାଆଁଟା ମୋର ଯାହା ମନେପଡେ ମନୋଜ କୁମାର ପଟ୍ଟନାୟକ ।

ଲେପା ଚିତ୍କାର କରିଉଠିଲେ– ମୋ ବିବାହ ନିମନ୍ତ୍ରଣ ତୁମେ ପାଇଛ ? ମିଛ କଥା । ତୁମ ପାଖରେ ଅଛି ସେ ନିମନ୍ତ୍ରଣ ପତ୍ର ? ଦେଖାଇ ପାରିବ ମୋତେ ?

: ହଁ ଲେପା ! ସେ ନିମନ୍ତ୍ରଣ ପତ୍ର ଯାହା ଆମ ଜୀବନର ଚଲାପଥକୁ ଦୁଇଫାଳ କରି ଚିରିଦେଇଛି ତାକୁ ମୁଁ ଏପର୍ଯ୍ୟନ୍ତ କାଗଜବନ୍ଦ କରି ରଖୁଛି ।

: ତୁମେ ତାହେଲେ କ'ଣ ମୋର କୌଣସି ଚିଠି ପାଇନ ଧନଞ୍ଜୟ ? ଆମେରିକାର ଡାକ ବିଭାଗ କ'ଣ ଏଡ଼େ ଦୁର୍ବଳ ?

: ନା ଲେପା ! ମୁଁ ତୁମର ସମସ୍ତଚିଠି ପାଇଛି । ଏ ନିମନ୍ତ୍ରଣ ପହଞ୍ଚିବା ପୂର୍ବରୁ ଯେତେ ଚିଠି ପାଇଚି ସବୁ ମୁଁ ପଢ଼ିଛି କିନ୍ତୁ ତୁମ ବିବାହ ନିମନ୍ତ୍ରଣ ପରେ ମୁଁ ଆଉ କୌଣସି ଚିଠି ପଢ଼ିନାହିଁ । ସବୁଚିଠି ସେମିତି ଗୋଟିଏ ବାକ୍ସରେ ବନ୍ଦକରି ରଖୁଛି ।

: ମୋ ଚିଠି ତାହେଲେ ତୁମେ ଗୋଟେବି ପଢ଼ିନା ? ମୋତେ ତୁମେ ଏତେ ସହଜରେ ଭୁଲିଗଲ ? ମୋ ଚିଠିର କ'ଣ ତୁମ ପାଖରେ କୌଣସି ମୂଲ୍ୟ ନାହିଁ ।

: ମୁଁ ଭାବିଲି ତୁମେ ନିଜର ସଫେଇ ଦେଇ ଅନେକ ମନଗଢ଼ା କଥା ଲେଖି ମୋଠୁ କ୍ଷମା ମାଗିଥିବ, ତୁମକୁ ଭୁଲିଯିବାକୁ ଅନୁରୋଧ କରିଥିବ । ଏସବୁ ପଢ଼ିବାକୁ ମୋର ଧୈର୍ଯ୍ୟ ନଥିଲା ଲେପା । ଯେଉଁ ଚିଠିରୁ ମୁଁ ମୋ ପ୍ରିୟତମା ଲେପାକୁ ପାଉଥିଲି । ସେ ଚିଠିରେ ପରସ୍ତ୍ରୀ ଲେପାର ସଫେଇ ପଢ଼ିବାକୁ ମୁଁ ନିଜକୁ ପ୍ରସ୍ତୁତ କରି ପାରିଲି ନାହିଁ ?

: ସବୁ ସେଇ ବୁଢ଼ି ଅବିନାଶର କାମ । ତୁମେ ଆମେରିକା ଗଲାପରେ ଡାକ୍ତର ଅବିନାଶ ବହୁଭାବରେ ବିବାହ ପ୍ରସ୍ତାବ ଧରି ଆସିଛି ମୋ ପାଖକୁ । ମୋ ବାପା, ମାଆଙ୍କୁ ଆମର ବିଭିନ୍ନ ବନ୍ଧୁବାନ୍ଧବଙ୍କ ଜରିଆରେ ପ୍ରଭାବିତ କରିଛି । ସବୁଥିରେ ବିଫଳ ହୋଇ ଶେଷରେ ସିଏ ଗୋଟେ ମିଛ ବିବାହ ନିମନ୍ତ୍ରଣ ପତ୍ର ପଠାଇ ତୁମ ମନରେ ଏମିତି ଗୋଟେ ଭୁଲ୍ ଧାରଣା ସୃଷ୍ଟି କରିଦେଲା ।

Digitized by srujanika@gmail.com

ତୁମର ଦୁଇ ବର୍ଷର ରିସର୍ଚ୍ଚ ସରିଗଲାପରେ ତୁମେ ଭାରତ ନଫେରିବାରୁ ଅବିନାଶ ତୁମ ନାଆଁରେ ଅନେକ କଥା କହି ତା ବିବାହ ପ୍ରସ୍ତାବରେ ମୋତେ ରାଜି କରାଇବାକୁ ଉଦ୍ୟମ କରିଥିଲା । ତୁମ ନାଆଁରେ ସିଏ କ'ଣ କହିଥିଲା ଜାଣ ? ତୁମେ କୁଆଡେ ଜଣେ ଆମେରିକାନ ଭଦ୍ରମହିଳାଙ୍କୁ ବିବାହ କରିଛ । ଏକଥା କ'ଣ ସତ ଧନଞ୍ଜୟ ?

: ନା ଲେପା ! ମୁଁ ବି ଏପର୍ଯ୍ୟନ୍ତ ବିବାହ କରିନାହିଁ । ତୁମେ କ'ଣ ଅବିନାଶ ବାବୁଙ୍କ କଥାକୁ ବିଶ୍ୱାସ କରିଗଲ ?

ତାଙ୍କ ପ୍ରଶ୍ନର ଉତ୍ତର ପାଇଁ ଧନଞ୍ଜୟ ଚାହିଁଲେ ଲେପାଙ୍କୁ । ଅଭିମାନୀ କିଶୋରୀଟିଏ ପରି ତଳକୁ ମୁହଁପୋତି ବସିଥିଲେ ଲେପା । ଲେପାଙ୍କ ମୁହଁକୁ ଦୁଇ ହାତରେ ଟେକି ଧରିଲେ ଧନଞ୍ଜୟ । ଅଣଷଠି ବର୍ଷର ଲେପାଙ୍କ ମୁହଁରେ ଯୁବତୀ ସୁଲଭ ଲଜ୍ଜାଭରି । ଲେପାଙ୍କ ଦେହ ଦେଉଳର ଅନେକ ଢେଉ ଧନଞ୍ଜୟଙ୍କ ହାତରେ ପିଟି ହେଉଥିଲା । ଧନଞ୍ଜୟ ଥରି ଉଠିଲେ ନିଜ ଭିତରେ ନିଜେ । ତାଙ୍କ ପାଦଆଙ୍ଗୁ ରକ୍ତରେ ଉତ୍ତାପ ଖେଳି ଖେଳି ଚଢୁଥିଲା ଉପରକୁ ଉପରକୁ । ଲେପାଙ୍କ ଗାଲ ମୂଳର ଧଳା ଲୋମ ଗୁଡ଼ିକ ଗାଲର ରକ୍ତିମାରେ ଲାଲ ଦିଶୁଥିଲା ।

ଦୁହିଁଙ୍କ ଦେହଭିତରେ ଦୁଇଟା କିଶୋର କିଶୋରୀ ଭିଡ଼ିମୋଡ଼ି ହୋଇ ହୁଙ୍କାର ଛାଡୁଥିବା ଅନୁଭବ କରୁଥିଲେ ଦୁହେଁ ।

ପଦ୍ମ ଫୁଲଟିଏ ଟେକି ଧରିବାପରି ଲୋପାଙ୍କ ମୁହଁକୁ ନିଜ ମୁହଁଠୁ ଅତି ନିକଟରେ ଟେକିଧରି ଧନଞ୍ଜୟ ପଚାରିଲେ— ଲେପା !

ଆଖି ବନ୍ଦ କରି ନିଜଭିତରୁ ଉତ୍ତର ଦେଲେ ଲେପା—ମୋତେ କିଛି କହିବ ?

: ତୁମକୁ ମୋର ଅନେକ କହିବାକୁ ଅଛି ଲେପା !

: ମୁଁ ବି ତୁମଠୁ ଅନେକ ଶୁଣିବାର ପ୍ରତ୍ୟୟ ନେଇ ଆଜିଯାଏ ତୁମକୁ ଅପେକ୍ଷା କରିଛି ଧନଞ୍ଜୟ !

: ଏତେ ଅଳ୍ପ ସମୟ ଭିତରେ ଏତେ କଥା କହିହେବନି ଲେପା । ଜୀବନରେ ଆଉବା କେଇଟା ପାହୁଣ୍ଡ ଚାଲିବାକୁ ବାକିରହିଲା ? ଏତେ ଅଳ୍ପସମୟ ଭିତରେ କେତେଟା କଥା କହିବାର ସୁଯୋଗ ମତେ ମିଳିବ ?

Digitized by srujanika@gmail.com

: ତୁମେ କୁହ ଧନଞ୍ଜୟ, ମୁଁ ଶୁଣିବି । ମୋ ଜୀବନର **ଅବଶିଷ୍ଟ** ସମୟ ଦେଇ ମୁଁ ଶୁଣିବି ।

: ମୁଁ ଗୋଟେ କଥା କହିବି ତୁମେ ମାନିବ **ଲେପା ?**

: ତୁମେ କୁହ ଧନଞ୍ଜୟ, ମନଖୋଲି ଯାହା କହିବାର ଅଛି କୁହ । ମୁଁ ତୁମ କଥା ନିଶ୍ଚୟ ରଖିବି ।

: ଜୀବନର ଅବଶିଷ୍ଟ ଦିନଗୁଡ଼ିକ ଆମେ ହାତରେ ହାତ ଛନ୍ଦି ଚାଲିବା । ମନର କଥା କୁହାକୁହି ହେବା । ଜୀବନ ଯାତ୍ରାର ଶେଷ ଘଡ଼ୀ କ୍ଳାନ୍ତିକର ହେବ ନାହିଁ । ଆମେ ବିବାହ କରିବା, କ'ଣ କହୁଚ ତୁମେ ?

: ହୁଏତ ମୁଁ ତୁମର ପ୍ରତ୍ୟାଶା ପୂରଣ କରିବାର କ୍ଷମତା ହରାଇ ସାରିଛି ଧନଞ୍ଜୟ । ବସନ୍ତର ସମସ୍ତ ପରିବେଶ ଥାଇବି ଏ ବଗିଚାରେ ଆଉ ଫୁଲ ଫୁଟିବ ନାହିଁ ।

: ଅନେକ ବସନ୍ତ ସହିତ ଆମର ସାକ୍ଷାତ ହୋଇସାରିଛି ଲେପା ! ଅସ୍ରମାଏ ଫୁଲ ଫୁଟିଯାଇଛି ଏ ବଗିଚାରେ । ଗଛରେ ଗଛରେ ଫୁଟି ଫୁଟି ମଉଳିଛି । ଫୁଲ ମଉଳିଛି, ତାର ମହକ ମଉଳି ନାହିଁ । ଫୁଲ ଲୋଡ଼ାହୁଏ ମହକ ପାଇଁ । ବଗିଚାରେ ମହକ ଅଛି ଫୁଲ ନଥାଉ ।

: ଆମର ଏ ବିବାହ ଅନେକଙ୍କର ଦୃଷ୍ଟିକଟୁ ହେବ ଧନଞ୍ଜୟ ! ଅନେକ ଆଖି ହସିବ, ଅନେକ ମୁହଁ ବିଦ୍ରୁପ କରିବ ।

: ଆମେ ପିଲା ନୁହଁ ଲେପା ! କାହାରି ବିଦ୍ରୁପରେ ଭାଙ୍ଗି ପଡ଼ିବାର ବୟସ ଆମର ଆଉ ନାହିଁ । ଯେଉଁ ବିବାହ ଆମର ପଚିଁଶି/ଛଚିଶ ବର୍ଷ ତଳେ ହେବାର ଥିଲା ସେ ବିବାହ ଆଜି ହେବ । ଆଉ ଗୋଟାଏ ଦିନବି ଗଡ଼ିଯିବାକୁ ମୁଁ ଦେବି ନାହିଁ । ଆମେ ଅନେକ ଦିନ ଅପେକ୍ଷା କଲେଣି ଏଇ ଦିନଟିକୁ । ଆମ ଦେହରେ ବିବାହ କରିବା ପରି ଉତ୍ତାପ ହୁଏତ ନାହିଁ କିନ୍ତୁ ଆମ ମନର ଉତ୍ତାପ ଢେର ବେଶୀ । କାରଣ ଆମର ଦୁଇଟା ମନ ଉତ୍ତାପରେ ଟକ୍‌ମକ୍ ହୋଇ ଫୁଟୁଛି କୈଶୋରରୁ **ଆଜି ପର୍ଯ୍ୟନ୍ତ ।**

ଲେପା କିଛି ଉତ୍ତର ନଦେଇ ଧନଞ୍ଜୟଙ୍କ ଛାତିରେ ମୁହଁ ଲୁଚାଇ ମନକୁ ଦୃଢ଼ କରୁଥିଲେ । ଅନ୍ୟମାନଙ୍କ ଆଖିରୁ ନିଜକୁ ଲୁଚାଇବା ପାଇଁ ଧନଞ୍ଜୟଙ୍କ ଚଉଡା ଛାତି ଭିତରେ ପଶି ପଶି ଯାଉଥିଲେ ।

●

Digitized by srujanika@gmail.com

ଡାଏଲ୍‌ଟୋନ୍

ଡ଼ାଇରେକ୍ଟ ଡାଏଲିଂ ସିଷ୍ଟମ ହୋଇଗଲା ପରେ ଟେଲିଫୋନ୍‌ରେ ଡ଼ାଏଲ୍‌ଟୋନ୍ ପାଇବା ଏବେ ଆଉ ସହଜ ହେଉନାହିଁ । ବେଳେ ବେଳେ ଡାଏଲ୍‌ଟୋନ୍ ପାଇଁ ପନ୍ଦର/କୋଡ଼ିଏ ମିନିଟ ଅପେକ୍ଷା କରିବାକୁ ହେଉଛି ।

ସେକ୍ରେଟାରୀଏଟ୍ ବିଲଡ଼ିଙ୍ଗରୁ ନଅତାଲା ବିଲଡ଼ିଙ୍ଗକୁ ଫୋନ୍ କରିବା ପାଇଁ ବାରମ୍ବାର ବିଫଳ ହେଲି । ମୁଁ ଯେତେ ସମୟ ଟେଲିଫୋନ୍ ପାଖରେ ଡାଏଲଟୋନ୍‌କୁ ଅପେକ୍ଷା କଲିଣି ସେତିକି ସମୟ ଭିତରେ ନଅତାଲା ବିଲଡିଙ୍ଗ୍‌କୁ ଯାଇ ଫେରି ଆସିପାରନ୍ତିଣି । କିନ୍ତୁ ବାହାରେ ଝିପ୍ ଝିପ୍ ବର୍ଷା ଲାଗିରହିଥିଲା ।

ନାଁ ଏଇଟା ଶେଷଥର । ଶେଷ ଟ୍ରାଏଲ୍ । ଲିଙ୍ଗରାଜଙ୍କୁ ସ୍ମରଣକରି ଟେଲିଫୋନ୍ ଉଠେଇଲି । ଏଥର କିନ୍ତୁ ମୋର ଈପ୍‌ସିତ ଡାଏଲ୍ ଟୋନ୍ ନ ମିଳିଲେବି ଡାଏଲରେ ଟୋନ୍ ଆସୁଥିଲା । ଖୁବ୍ ମିଠାଟୋନ୍ । ନାରୀ କଣ୍ଠର ଗୁପ୍‌ଚୁପ୍, ଗୁପ୍‌ଚୁପ୍ ସଲଜ ସ୍ୱର । ମୁଁ ଆଗ୍ରହର ସହିତ ରିସିଭରଟାକୁ କାନରେ ଲଗାଇ ଧରିଲି । କେବଳ ନାରୀର ନୁହେଁ । ଦୁଇପଟୁ ଦୁଇଟି ସ୍ୱର । ଗୋଟିଏ ଆଦାମ୍ ଓ ଅନ୍ୟଟି ଇଭ୍‌ର ।

ଦୁହିଁଙ୍କ ଆଳାପର ଆକର୍ଷଣରେ ମୋ ହାତଟା କାନ ପାଖରେ ଟେଲିଫୋନ୍‌ର ରିସିଭରକୁ ଗୁପ୍ତି ଧରିଥିଲା ।

: ଆପଣ କାହାକୁ ଖୋଜୁଛନ୍ତି ?

: ତୁମକୁ ଖୋଜୁଛି ସୁନି ।

: ଆପଣ ? ମୁଁ ଠିକ୍ ଚିହ୍ନିପାରୁ ନାହିଁ ।

: ମୁଁ ସିନା ତୁମ ଗଛର ପତ୍ରଟିଏ, ଫୁଲଟିଏ, ଛେଲିଖଣ୍ଡେ, ଡାଳଟିଏ ଦେଖିଲେ ବି ତୁମକୁ ଚିହ୍ନିପାରିବି । ତୁମେବା କାହିଁକି ଚିହ୍ନିବ ?

: ସତରେ ମୁଁ ଆପଣଙ୍କ କଣ୍ଠସ୍ୱର ବାରିପାରୁ ନାହିଁ ।

Digitized by srujanika@gmail.com

: ଚିହ୍ନିବାକୁ ଚେଷ୍ଟାକର ।

: ନାଁ ମୋତେ ଜାଣିପାରୁ ନାହିଁ ।

: କେମିତିବା ଜାଣିବ ? ସ୍ୱାମୀ, ଶାଶୁ ନଣନ୍ଦ ଦିଅର ସମସ୍ତଙ୍କ ଗହଣରେ ଥାଇ ତମେ କାଳକାଟୁଛ । ତମ ସମୟକୁ ସେମାନଙ୍କ ଭିତରେ ବାଣ୍ଟିଦେଲା ପରେ ଆମ ପାଇଁ ସମୟ କୋଉଠୁ ମିଳିବ ଯେ ଆମ କଥା ତୁମେ ଭବିବ ?

: ସତ କହୁଛି ମୁଁ ଟେଲିଫୋନ୍‌ରୁ ଆପଣଙ୍କ କଣ୍ଠସ୍ୱର ବାରିପାରୁ ନାହିଁ ।

: ଆଚ୍ଛା ମୁଁ ଏଥର ଟିକିଏ ସୂଚନା ଦେଉଛି ଚିହ୍ନିବାକୁ ଚେଷ୍ଟାକର । ମୋ ନାଆଁର ମୂଳ ଅକ୍ଷର ଅ ।

: ଅ........ କାହିଁ ସେମିତି ନାଆଁତ ମୋର କିଛି ମନେ ପଡୁନାହିଁ ।

: ତାହେଲେ ଶୁଣି, ତୁମ ଗୁହାଳୁ ଆମ ଖୁଣ୍ଟିଟା ଏତେ ସହଜ ଉପୁଡ଼ିଗଲା ? ଏଇ ବରଷଟେ ମୁଁ ବଦଳି ହୋଇଗଲି ବଲାଙ୍ଗିର ଆଉ ସାଧ୍ୟମତେ ଚେଷ୍ଟାକରି ଫେରିଆସିଲି ଭୁବନେଶ୍ୱର । ଯା ଭିତରେ ମୋତେ ତମ ସୀମା ସରହଦରୁ ପୁରା ଉପାଡ଼ି ଫୋପାଡ଼ି ଦେଲ ?

ଆରେ ଅତନୁ, ତୁମେ ? ତମେ ଯା' ଭିତରେ କୋଉଦିନ ଟ୍ରାନ୍ସଫର ହୋଇ ଆସିଲଣି ଭୁବନେଶ୍ୱର ? ମୁଁ କେମିତି ଜାଣିବି କହିଲ ? ତମେ ଏମିତି ପରକରି ଦେଲଯେ କେଉଁଦିନଠୁ ଭୁବନେଶ୍ୱର ଫେରିଲଣି ଖବର ଦେଇନ ।

: ତୁମକୁ ସରପ୍ରାଇଜ୍ ଦେବି ବୋଲି ଜାଣି ଜାଣି ଖବର ଦେଇନଥିଲି ।

: କେତେଦିନ ହେଲା ଭୁବନେଶ୍ୱର ଆସିଲଣି ? କୋଉ ପୋଷ୍ଟରେ ଆସିଲ ?

: ଏଇ କାଲିତ ଆସି ପହଞ୍ଚିଲି । ସେଇ ପୁରୁଣା ପୋଷ୍ଟରେ । ସେଇ ଘରେ ରହୁଛି । ଟେଲିଫୋନ୍ ନମ୍ବର ମୋର ସେଇ ପୁରୁଣା ନମ୍ବର । ବଦଳି ହୋଇଥିଲେବି ଏଠି ଘରଟା ଛାଡ଼ିନଥିଲି । କିନ୍ତୁ ଆସି ଦେଖୁଛି ତମେ ଯା' ଭିତରେ ନୂଆ ମଣିଷ ପାଲଟି ଯାଇଛ । ତମ କଣ୍ଠଟା ବି ଟେଲିଫୋନ୍‌ରେ ଓଦା ଓଦା ଲାଗୁଛି । କଥା କ'ଣ ଶୁଣି ?

: ତୁମେ ଖୁଦ୍ ସନ୍ଧାନି ଦେଖୁଛି ।

Digitized by srujanika@gmail.com

: ଶରଟା କଣ ଲକ୍ଷ୍ୟ ଭେଦ କରିଛି ?

: ନାଁ, ସେ କିଛି ନୁହେଁ ଅତନୁ ।

: କ'ଣ ହୋଇଛି କହୁନା ?

: ଏଇ ଯା' ଭିତରେ ମୁଁ କିଛିଟା ମୋଟା ହୋଇଯାଇଛି ।

: ସତେନା କ'ଣ ? ମାନେ ତୁମକୁ ମୋଟା କରି ଦିଆଯାଇଛି । ମୁଁ ଠିକ୍ କହିଲିନା ?

: ଥରେ ପଘ କହିଲି ତୁମଠୁ କିଛି ଲୁଚେଇ ହେବ ନାହିଁ ।

: ତେବେ ଡାକ୍ତରଖାନା ଯିବାକୁ ଆଉ କେତେ ଡେରି ଅଛି ସୁନି ?

: ଡାକ୍ତରଙ୍କ କହିବା ଅନୁସାରେ ଆରମାସ ଦଶ ତାରିଖର ଏକଡ ସେକଡ ଗୋଟେ ଡେଟ୍ ।

: ତମେ ଏ ଅବସ୍ଥାରେ ବି ଅଫିସ୍ ଆସୁଛ ସୁନି ? ପ୍ରକାଶଟା ନିର୍ଦ୍ଦୟ କଂସେଇଟାଏ । ପଇସା ଲେଭି ଜଗନ୍ନାଥ କୃଷ୍ଣ । ତମ କ୍ରେଡ଼ିଟ୍‌ରେ କ'ଣ ଛୁଟି ନାହିଁ ?

: ଅଛି, ଢେର ଛୁଟି ଅଛି ।

: ଆଉ ତେବେ ?

ଟେଲିଫୋନ ଭିତରେ ନାରୀ କଣ୍ଠଟି ଏଥର କାନ୍ଦ କାନ୍ଦ ହୋଇ ଉଠିଲା । ଦିନଗତି କେବଳ କାମ ଆଉ କାମ । ଅଫିସ କାମରୁ ଛୁଟି ନାହିଁକି ଘର କାମରେ ଫୁରୁସତ ନାହିଁ ।

: ଅଫିସରେ ଛୁଟି ମିଳୁନାହିଁ ? ତୁମ ଡାଇରେକ୍ଟରତ ଭଲ ଲୋକ । ମ୍ୟାଟରନିଟି ଲିଭ୍ କଣ କେହି ରିଫ୍ୟୁଜ କରିପାରେ ?

: ନା, ନା, ଆମ ଡାଇରେକ୍ଟର ଅତି ଭଲ ମଣିଷ । ଭଏ କିନ୍ତୁ ଘୁହୁଁ ନାହାନ୍ତି ଏତେ ଆଗରୁ ଛୁଟିନେଇ ଛୁଟି ଗୁଡାକୁ ଶୋଇ ଶୋଇ ସାରିଦେବାକୁ । ଯାଙ୍କର ମତ ଡ଼େଲିଭରି ପରେ ଅଧିକଦିନ ଛୁଟିନେଇ ପିଲର ଦାୟିତ୍ୱ ବୁଝିଲେ ଭଲ ।

Digitized by srujanika@gmail.com

: କାହିଁକି ତମରତ ଏଠି ଶାଶୁ ଆଉ ନଣନ୍ଦ ଅଛନ୍ତି ସେମାନେ କ'ଣ ପିଲଟାର ଦାୟିତ୍ୱ ନେବେ ନାହିଁ ?

ନାରୀ କଣ୍ଠଟି ଏଥର ନୀରବି ଗଲା । ପୁରୁଷ କଣ୍ଠଟା ଆରପଟରେ ଚିତ୍କାର କରୁଥିଲା —ହ୍ୟାଲୋ ! ସୁନି ! କ'ଣ ହେଲା ? କିଛି କହୁନା କାହିଁକି ? କଣ ତୁମ୍ଭକୁ ଆଉ କିଏ ଆସିଲା କି ?

ଏଥର ଖୁବ୍ ଧୀରାକଣ୍ଠରେ ଶୁଭିଲା– ମୋ ଅର୍ଦ୍ଦଲି ସୁରେଶ ଆସୁଛି । ଟିକେ ଅପେକ୍ଷା କର ।

: ବର୍ତ୍ତମାନତ ଗୋଟେ ସମୟ ହେଲଣି । ତାକୁ ପଠେଇ ଦିଅ ଜଳଖିଆ ଆଣିବାକୁ ।

ବୋଧ ହୁଏ ଟେଲିଫୋନ୍‌ଟା ସେମିତି ଧରି ସୁନିତା ଅର୍ଦ୍ଦଲିକୁ କହିଲେ– ସୁରେଶ ତୁ ସବୁଦିନ ଜଳଖିଆ କୋଉଠୁ ଆଣୁଛୁ କିଛି ଭଲ ଲାଗୁନାହିଁ ।

ସୁରେଶର କଥା ମୋତେ ଶୁଣାଗଲା ନାହିଁ । ସିଏ ବୋଧହୁଏ ଟେଲିଫୋନ୍‌ର ରିସିଭିଂ ଜୋନ୍ ଭିତରେ ନଥିଲା ।

ସୁନିତାଙ୍କ କଣ୍ଠରୁ ଏଥର ଶୁଭିଲା ତୁ ଗୋଟେ କାମ କର । ଆଜି ପ୍ରତିହାରୀ ମିଷ୍ଟାନ୍ନ ଭଣ୍ଡାରରୁ ମୋ ପାଇଁ କିଛି ଛେନାପୋଡ ନେଇଆ ।

ପୁରୁଷ କଣ୍ଠରୁ ଏଥର ଶୁଭିଲା– ଠିକ୍ କାମ କରିଛ ସୁନି । ଏଇଥି ପାଇଁ କୁହନ୍ତି ନାରୀମାନେ ଏ ସବୁ ଦିଗରେ ପୁରୁଷଙ୍କଠାରୁ ଢେର ବୁଦ୍ଧିମତୀ । ତୁମ ଅର୍ଦ୍ଦଲି ପେଟରୁ ପେଟରୁ ଦୁଇଟା ନହେଲେବି ସାଢ଼େ ଗୋଟେ ମୂର୍ଖରୁ ମୋତେ ଫେରିପାରିବ ନାହିଁ ।

: ହଁ, କ'ଣ କହୁଥିଲଟି ? ମୋ ଶାଶୁ , ନଣନ୍ଦ ପିଲାର ଯତ୍ନ ନେବାକଥା । ମୋର ଏ ଅବସ୍ଥାରେ ବି ଶାଶୁ କିଛି କରନ୍ତି ନାହିଁ । ମୁଁ ଅଫିସରୁ ଫେରିଲେ ସବୁ କରିବି । ନଣନ୍ଦ କଥା ତୁମେ ନ ଜାଣିଲା ପରି ମତେ ପଚାରୁଛ କେମିତି ? ସିଏତ କଲେଜ ଯିବା ନାଆଁରେ କୁଆଡେ ବୁଲି ବୁଲି ପ୍ରତିଦିନ ରାତି ଆଠ, ନଅରେ ଘରକୁ ଫେରନ୍ତି । ତାକୁ ମୁଁ ପଚାରିଲେ ପ୍ରତିଦିନ ନୂଆଗଳ୍ପ ମନରୁ ପାଞ୍ଚି ମୋତେ ସିଏ

Digitized by srujanika@gmail.com

ବୁଝନ୍ତି । ଆଜି ମୋ ସାଙ୍ଗର ଜନ୍ମଦିନ ଥିଲା । କାଲି ଆମ କଲେଜ ଫଙ୍କସନ ଥିଲା ଇତ୍ୟାଦି । ମୋ କଥାକୁ ତାଙ୍କର କ'ଣ କେଯାର ଅଛି ? ଦିନେ ସିଏ ମତେ ଓଲଟି ପ୍ରଶ୍ନକଲେ– ତମେ କାହିଁକି ଏତେ ଗୁଇନ୍ଦାଗିରି କରୁଛ ଗଉଡ ? ତମ କଲେଜ ଜୀବନ କଥା ଆମ କଲେଜର କାନ୍ଥ, ବାଡରୁ ପଗ ଏଯାଏ ଲିଭିନାହିଁ ।

: ସତରେ କ'ଣ କଲେଜ କାନ୍ଥରେ ଏଯାଏ ଆମ ଦୁହିଁଙ୍କ ପ୍ରିତି ସ୍ମାରକି ଏଯାଏ ରହିଛି ?

: ସେ ପୁରୁଣା କ୍ଷତକୁ କାହିଁକି ଆଉ ଉଖାରୁଛ ଅତନୁ ? ମୋର ସେଇ ଗୋଟାଏ ଘାଆକୁ ବିଭିନ୍ନ ସମୟରେ ଆଘାତ କରି ୟାଙ୍କ ପରିବାରର ସମସ୍ତେ ଶାସନ କରନ୍ତି ।

: ତମେ ଉର୍ଗିପଡୁଛ କାହିଁକି ପୁନି ? କଲେଜରେ କେତେ ଝିଅ ନପଢନ୍ତି ? ସମସ୍ତଙ୍କ ନାଆଁ କଣ କଲେଜ କାନ୍ଥ, ବାଡ଼ରେ ଲେଖାଯାଏ ? କାନ୍ଥରେ ଲେଖା ଲେଖାହେଲାପରି ସୌନ୍ଦର୍ଯ୍ୟ କ'ଣ ତମ ନଣନ୍ଦ ମୋନାଲିସାର ଅଛି ?

: ମୁଁ କ'ଣ ଏକଥା ମୋ ନଣନ୍ଦକୁ କହି ପାରିବି ?

: ପ୍ରକାଶ କ'ଣ ତା ଭଉଣୀ ମୋନାଲିସାକୁ ଆଦଟ କରେନାହିଁ ?

: ପ୍ରଥମେ ପ୍ରଥମେ ଆକଟୁଥିଲେ । କିନ୍ତୁ ଆମ ଶାଶୁଙ୍କ ଯୋଗୁ ସିଏ ଆଉ କିଛି କହୁ ନାହାଁନ୍ତି । ମୋନାଲିସାକୁ ଯାହାଟିକେ କହିଲେ ଶାଶୁ ନାକ ଶକ ଶକ କରିବେ । କହିବେ– ତୋ ବାପା ନାହିଁ ବୋଲି କ'ଣ ମୁଁ ମରିଗଲିଣି ? କାହିଁକି ମ ମୋ ଝିଅକୁ ତୁ କଣ ଟଙ୍କା ଦେଇକି ପାଠ ପଢାଉଛୁ ବୋଲି ତୋରି କଥାରେ ସିଏ ଉଠ୍ ବସ ହବ ? ଏଠି ଝିଅମାନେ କେତେ କ'ଣ କରୁଛନ୍ତି । ମୋ ଝିଅ କ'ଣ ଏମିତି କରି ପକେଇଲା ଯେ ତା ଉପରେ ଏତେ ତୋଡ । ମୁଁ ଜାଣିଚିମ ଆମେ ଆସି ରହୁଚୁ ବୋଲି, ଏ ବୋହୂ ଦିହରେ ଯାଉନେଇଁ । ସେଇଥି ପେଇଁ ଏ ମଉନୁ ମୁହାଁ ମୋ ପୁଅ କାନରେ ଫୋଡ଼ି ଦଉଚି ।

: ତମେ ଯଦି ମୋ ପାଖରେ ଥାଆନ୍ତ, ସତ କହିଲା ତମେ ଆଜି ଏମିତି ଅବସ୍ଥାରେ ଅଫିସ ଆସୁଥାଆନ୍ତ ? ତୁମକୁ ମୋଟେ ଘରକିରି କରେଇ ଦେଇ ନଥାନ୍ତି । ତମପାଇଁ ଘରକର, ପୂଜାରୀ ଖଞ୍ଜେଇ ଦେଇ ଥାଆନ୍ତି ।

Digitized by srujanika@gmail.com

: ସେ କଥା ଆଉ କହୁଁଛି ବର୍ତ୍ତମାନ କହୁଛ ଅତନୁ ? ଯାହା ସମ୍ଭବ ନୁହେଁ ସେକଥା କହି ଲାଭ ନାହିଁ । ବରଂ ତୁମେ ଗୋଟେ କାମ କର । ମୋର ଗୋଟେ ଅନୁରୋଧ ରଖିବ ଅତନୁ ?

ତୁମ ଅନୁରୋଧ ମୁଁ କେବେ ଉପେକ୍ଷା କରିଛି ସୁନି ? ଏମିତି ଗୋଟେ ପ୍ରଶ୍ନ ତୁମେ କରିପାରିଲ, ସେଇ କେବଳ ମୋ ଦୁଃଖ ।

: ତୁମକୁ ଏବେ ତିରିଶ ବର୍ଷ ହେଲା ବୋଧ ହୁଏ । ଆଉ ଡେରି କରନା ତୁମେ ବିବାହ କରିଯାଅ ।

: ସେଇ ଗୋଟାକ ଛାଡ଼ି ଆଉ ଯାହା ଅନୁରୋଧ କରିବ ମୁଁ ରଖିବି ସୁନି । ମୋ ଜୀବନରେ କେବଳ ସେତିକି ପାଥେୟ । ତୁମପାଇଁ କେବଳ ମୁଁ ବଞ୍ଚିଛି ସୁନି । ତୁମ ପାଇଁ ମୁଁ ନିଜକୁ ପ୍ରତିଦିନ ସୁନ୍ଦରକରି ଡ୍ରେସ ପୋଷାକ ପିନ୍ଧାଉଛି । ନିଜକୁ ଖୋଇ ପେଇ ଚକ୍ ଚକ୍ କରି ରଖୁଛି ।

: ତୁମେ ମୋତେ ଦୁର୍ବଳ କରି ଦିଅନା ଅତନୁ । ତୁମେ ବିବାହ କରି ସୁଖମୟ ଦାମ୍ପତ୍ୟ ଜୀବନ କଟାଇଲେ ମୁଁ ଖୁସି ହେବି । ମୋ ପାଇଁ ଜଣେ ଏମିତି ଜଳି ଜଳି ପାଉଁଶ ହେବାକୁ ମୁଁ ଦେଇ ପାରିବି ନାହିଁ ।

: ମୁଁ ସତ କହୁଚି ସୁନି, ମୋର କିଛି ଅସୁବିଧା ହେଉନାହିଁ । କେବଳ ମୁଁ ତୁମର ପାଖେ ପାଖେ ରହିବାର ସୁଯୋଗ ପାଏ । କେବେ କେମିତି ତୁମର ସାନ୍ନିଧ୍ୟ । ସେଇ ମୋର ଢେର । ପାଇବାଠୁଁ ଅପେକ୍ଷା କରିବାରେ ଆନନ୍ଦ ବେଶୀ । ଏଇ ଗୋଟେ ବର୍ଷ ବାଙ୍ଗାଲୋରରେ ମୁଁ କେତେ କଷ୍ଟରେ କଟେଇଛି ତମେ କେମିତି ଜାଣିବ ?

ଆମ ଡ୍ରାଇଭେର ମୋ ରୁମ୍‌କୁ ଆସୁଛନ୍ତି । ଖୁବ୍ ପାଖରେ ହୋଇ ଗଲେଣି । ମୁଁ ଟେଲିଫୋନ୍ ରଖୁଦେଉଛି । ପରେ କଥା ହେବା ।

: ନା,ନା, ସୁନି । ବହୁ କଷ୍ଟରେ ଡ୍ରାଏଲଟୋନ ମିଳିଛି । ତୁମେ ଟେଲିଫୋନ୍ ଛାଡ଼ନା । ଡାଏଲ୍‌ଟୋନ୍ ଥରେ ଛାଡ଼ିଲେ ଆଉ କେତେବେଳେ ମିଳିବ କହି ହେବନି ।

Digitized by srujanika@gmail.com

ସୁନିତାଦେବୀ ଅତନୁଙ୍କ ଅନୁରୋଧ ରକ୍ଷାକରି ଟେଲିଫୋନ୍‌ଟା ଧରି ଠିଆ ହେଲେ, ଆଉ କିଛି କହିଲେ ନାହିଁ । ଅତନୁଙ୍କ କଣ୍ଠସ୍ୱର ଶୁଭୁଥାଏ– ତୁମେ ସେମିତି ଟେଲିଫୋନ୍‌ଟା ଧରିଥା, ଡାଇରେକ୍ଟର ଗ୍ଲଲିଗଲେ ପୁଣିକଥା ହେବା ।

ସୁନିତାଙ୍କ ଦିଗରୁ ଟେଲିଫୋନର ଜୋନ୍ ଭିତରକୁ ପଶି ଆସିଲେ ବୋଧହୁଏ ତାଙ୍କ ଡାଇରେକ୍ଟର । ତାଙ୍କ କଣ୍ଠସ୍ୱର ଶୁଣାଗଲା–କାହା ସହିତ କଥା ହେଉଥିଲେ ମିସେସ ଦାଶ ? ମିଷ୍ଟର ଦାଶଙ୍କ ସହିତ ? ଠିକ ଅଛି । କ୍ୟାରି ଅନ । ଟେଲିଫୋନ ସାରି ମୋ ପାଖକୁ ଟିକେ ଯିବେ । କେତେଟା କଥା ଆପଣଙ୍କୁ କହିବାକୁ ଅଛି । ଆଗେ ଲାଜ କରିବାରେ କ'ଣ ଅଛି ? ନିଜ ଲୋକ ସହିତ କଥା ହେବାରେ ଏତେ ସଙ୍କୋଚ କରିବାରେ କ'ଣ ଅଛି ?

ସେପଟୁ ଏଥର ପୁରୁଷ କଣ୍ଠରୁ ଶୁଣାଗଲା– ଡ଼ାଇରେକ୍ଟର ଗ୍ଲଲି ଗଲେଣିତ ? ଶଳା ଏତିକି ବେଳକୁ ସବୁ ଝମେଲା । ହଁ ମୁଁ କ'ଣ କହୁଥିଲିଟି ?

: ସେଇ ବଲାଙ୍ଗୀର କଥା କହୁଥିଲ ।

: ଭୁବନେଶ୍ୱର ବଦଳିପାଇଁ କମ ଖୋସାମତି ? ପିଲାଟିଦିନର ଲୋକଙ୍କ ପାଖରେ କମ ନେହୁର ହେବାକୁ ପଡ଼ିନାହିଁ । ଡି' ବି' ଲଣ ଏମ୍ ଏଲ୍ ଏଙ୍କୁ ଲଗେଇବାକୁ ପଡ଼ିଲା ।

: ତମେତ ଶୁଣିଲ ଡାଇରେକ୍ଟର ମତେ ତାଙ୍କ ରୁମ୍‌କୁ ଡ଼କେଇଛନ୍ତି । ଟିକେ ପରେ କଥା ହେବା । ମୁଁ ରଖୁଛି ।

: କି କାମଟେ ଡାଇରେକ୍ଟରଙ୍କର ତୁମ ପାଖରେ ଅଛି ? କମେ ଜାଣିନା ସୁନି, ସବୁ ପୁରୁଷଗୁଡ଼ାକ ଝିଅ ରଙ୍କୁଣା । ସିଏ ପିଅନ, ଚପରାଶି ହେଉ କି ଡାଇରେକ୍ଟର ମନ୍ତ୍ରୀ ହେଉ । କିଛି କାମ ନଥିବ । ଘଣ୍ଟା ଘଣ୍ଟା ପାଖରେ ବସେଇବେ, ତମ ମୁହଁ, ଦିହକୁ ଆଖି ଗଳେଇ ଅନେଇଁବେ ।

: ଯାହା ହେଲେ ବି ସିଏ ମୋ ବସ । ତାଙ୍କ କଥା ରଖିବାକୁ ପଡ଼ିବ ।

: ଆଉ ଗୋଟେ କଥା । ତୁମେ କୋଉଠି ଡେଲିଭରି କରଉଛ ?

Digitized by srujanika@gmail.com

: ମୁଁ ଭାବୁଥିଲି ଡାକ୍ତରଖାନାରେ କରାଇବା ଭଲ । ପ୍ରଥମ କେଶ୍ । ମୋତେ ଭୟ ଲାଗୁଛି । କିନ୍ତୁ ତୁମ ବନ୍ଧୁ କହୁଛନ୍ତି ଘରକୁ ନର୍ସ ଡାକି ଆଣିବେ । ଆମ କ୍ୱାର୍ଟର ପାଖରେ ଜଣେ ଲେଡିଡାକ୍ତର ରହୁଛନ୍ତି, ଦରକାର ପଡ଼ିଲେ ତାଙ୍କୁ ଡାକିବେ ।

: ନା ନା, ତୁମେ ପ୍ରକାଶ କଥା ମାନନା । ଏସବୁ ତାର ପଇସା ବଞ୍ଚେଇବା ବାହାନା । ମୋ ମତରେ ତୁମେ ଗୋଟେ କ୍ୟାବିନ୍ ନେଇ ଯିବାଟା ଉଚିତ । ସେଠାରେ ସବୁ ସୁବିଧା ହବ । ଭଲ ଟ୍ରିଟ୍‌ମେଣ୍ଟ ମିଳିବ, ଭଲ କେୟାର ମିଳିବ । ସବୁ ପରିଷ୍କାର, ପରିଚ୍ଛନ୍ନ ।

: ଇଏ କହୁଛନ୍ତି କ୍ୟାବିନ ମିଳିବ ନାହିଁ । ପୁଣି କ୍ୟାବିନ୍‌ରେ ଆଟେଣ୍ଡ କରିବାକୁ କେହି ମଙ୍ଗିବେ ନାହିଁ । ମୋ ଶାଶୁ କି ନଣନ୍ଦଙ୍କର ମଧ୍ୟ କ୍ୟାବିନ ପାଇଁ ଘୋର ଆପତ୍ତି । ଡାକ୍ତରଖାନା ପରିବେଶ ତାଙ୍କୁ ଭଲ ଲାଗେନାହିଁ ।

: ଏ ସବୁ ବାଜେ କଥା । କ୍ୟାବିନ କରାଇବା ଦାୟିତ୍ୱ ମୋର । ତୁମେ ସେ କଥା ମୋ ଉପରେ ଛାଡ଼ିଦିଅ । ଦେଖ ପୁନି, ଘରେ ଡେଲିଭରି କରାଇବାକୁ ମୋଟେ ରାଜି ହୁଅନା । ସେଥିରେ ବହୁତ ବିପଦ । କ୍ୟାବିନ ପାଇଁ ଟଙ୍କା, ପଇସା, ଯେତେ ଯାହା ଦରକାର ହେବ ମୁଁ ଦେବି । ତମେ ଖାଲି ହଁ କହିଲେ ମୁଁ ମୋ କାମରେ ଲାଗିଯିବି । ହଁ, କୁହ । ଆରେ ସେମିତି ଲାଜ ଲାଜକ'ଣ ହଉଚ ? ମୁଁ କ'ଣ ତମର କେହି ନୁହଁ ? ହଁ କୁହ ।

: ହଁ କହିଲି । ହେଲା ଏଥର, ତମରି ଜିଦ୍ ରହୁ ।

: କ୍ୟାବିନ୍‌ରେ ତୁମର ଡେଲିଭରି ହେଲେ ଆଉଗୋଟେ କ'ଣ ସୁବିଧା ହେବ ତମେ ଜାଣିଚନା ?

: କ'ଣ ଆଉ ସୁବିଧା ହେବ ? ପରିଷ୍କାର ପରିଚ୍ଛନ୍ନ, ଭଲ ଚିକିତ୍ସା, ଭଲ କେୟାର । ଏଇଆତ ? ଆଉ କ'ଣ ସୁବିଧା ହେବ ?

: ଆଉ ଗୋଟେ ସୁବିଧା ଅଛି ।

: କି ସୁବିଧା ?

Digitized by srujanika@gmail.com

: ମୁଁ ତୁମ ପାଖକୁ ସୁବିଧାରେ ଯାଇ ପାରିବି । କେବିନ୍‌ରେ ତୁମ ଶାଶୁ, ନଣନ୍ଦ କି ସ୍ୱକାଶ ନଥିଲା ବେଳେ ମୁଁ ଯିବି । ତୁମ ପାଖରେ ବସିବି । ଆମେ ଘଣ୍ଟା ଘଣ୍ଟା କଥା ହେବା ।

: ତମେ ଭାରି ଭଏ ।

: ତମେ କ'ଣ ଗ୍ରହନା ମୋର ସାନିଧ୍ୟ ?

: ମୁଁ ମନାକଲି କେତେବେଳେ ? ଅତନୁ ! ଡ୍ରାଇରେକ୍ଟରଙ୍କ ପିଅନ ମତେ ଡାକି ଆସିଲାଣି । ଆଜି ଟେଲିଫୋନ ଉଣ୍ଡୁଛି ।

: ସୁନି ! ସୁନି ! Just a minute please. ତୁମେ ଡାଇରେକ୍ଟରଙ୍କ ପିଅନକୁ ବିଦା କରିଦିଅ ମୁଁ କହୁଛି । ଆଉ ବେଶୀ ସମୟ ନୁହେଁ ଏଇ ଗୋଟେ ଦିଇଟା ମିନିଟରେ ମୋ କଥା ସରିଯିବ ।

ରିସିଭରଟାକୁ ଯେମିତି ମୁହଁ ପାଖରେ ରଖି ସୁନିତା ଡାଇରେକ୍ଟରଙ୍କ ପିଅନକୁ କହିଲେ— ତୁ ଯା କହିବୁ, ମୁଁ ଏଇ ସଙ୍ଗେ ସଙ୍ଗେ ଯାଉଛି ।

ପୁଣି ଶୁଭିଲା ସେ ମୁଣ୍ଡରୁ– ଆଜି ତମେ କି ଶାଢ଼ି ପିନ୍ଧିକି ଆସିଛ ସୁନି ?

: ଗୋଟେ ହ୍ୟାଣ୍ଡଲୁମ ଶାଢ଼ି । ଏଗ ବେଙ୍ଗଲି ହ୍ୟାଣ୍ଡଲୁମ ।

: ତୁମର ବେଙ୍ଗଲ ହ୍ୟାଣ୍ଡଲୁମ୍ ଶାଢ଼ି ଥିଲ ? କାଇଁ ମୋରତ ମନେ ପଡୁନାହିଁ ।

: ତମେ ସେ ଶାଢ଼ି ଦେଖିନ । ଏଇବର୍ଷ ସାବିତ୍ରୀ ଅମାବାସ୍ୟାକୁ ଭଏ ବନ୍ଧକରୁ କିଣିକି ଆଣିଥିଲେ ।

: କେତେ ଦାମ ହେବ ? କେମିତିଆ ଶାଢ଼ି ?

: ଏଇ ଦୁଇଶହି, ଅଢ଼େଇଶହ ଟଙ୍କା ଭିତରେ ହେବ । ଚେକ୍ ଶାଢ଼ିଟେ । ଓସାରିଆ ବର୍ଡ଼ର । ହ୍ୱାଇଟ୍ ଗ୍ରାଉଣ୍ଡ ଉପରେ ପିଙ୍କ୍ ଆଉ ବ୍ଲୁ ଚେକ ।

ତୁମ ସୁନା ରଙ୍ଗର ଦେହକୁ ସେ ଶାଢ଼ି ବେଶ୍ ମାନୁଥିବ ? ନୁହେଁ ? ତା ସାଙ୍ଗକୁ କେଉ ରଙ୍ଗର ଶାୟା, ବ୍ଲାଉଜ ପିନ୍ଧିକି ଆସିଛ ?

: ହ୍ୱାଇଟ ସାୟା, ପିଙ୍କ ବ୍ଲାଉଜ ।

: ଖୁବ୍ ଚମତ୍କାର ଦିଶୁଥିବ ତୁମେ ସେ ସେ ଶାଢ଼ିରେ । କେମିତି ଦିଶୁଥିବ ମୁଁ ମନେ ମନେ କଳ୍ପନା କରିପାରୁଛି ।

Digitized by srujanika@gmail.com

: କେମିତି ଦିଶୁଥିବି ? ମାନେ କାହାପରି ?

: ଠିକ୍ ଶ୍ରୀଦେବୀ ପରି । ସେଇ ହ୍ୱାଇଟ୍, ସେଇ ରଙ୍ଗ, ସେଇ ଗଠନ । ତମ ମୁହଁଟା ମୋତେ ଶ୍ରୀଦେବୀ ମୁହଁପରି ଦେଖାଯାଏ ।

: ଧେତ୍ ତମେ ଭାରି ମିଛି ।

: ମୋର ଗୋଟେ ଅନୁରୋଧ ରଖିବ ସୁନି ।

: କଣ କହୁନ ।

: କାଲି ଠିକ୍ ଏଇ ଡ୍ରେସ୍‌ରେ ତମେ ଅଫିସ ଆସିବ । ମୁଁ ଅଫିସ ସମୟ ଆଗରୁ ତୁମ ଅଫିସ ସାମନାରେ ଠିଆ ହୋଇଥିବି । ତୁମେ ଅଫିସ ଗଲାବେଳେ ତୁମ ସହିତ ସାକ୍ଷାତ ହେବ । ବେଶୀ ସମୟ ନୁହେଁ, କେବଳ ପାଞ୍ଚମିନିଟ ସାକ୍ଷାତ ପାଇଲେ ମୁଁ ଧନ୍ୟ ହେବି ।

: ହଉ ହେଲା, ମଞ୍ଜୁର ।

: ଆଉ ଗୋଟେ କଥା ମଞ୍ଜୁର କରିବ ସୁନି ?

: କ'ଣ କହୁନା । ଏତେ ଫୁଲେଇ ହଉଚ କାହିଁକି ?

: ମୋତେ ଗୋଟେ ଚୁମା ଦେବ ?

; ସେ ବେହିଆ କଥା ବନ୍ଦ୍‌କର ।

: କାହିଁକି ସେଠି କିଏ ଅଛିକି ?

: ଏଠି କିଏ ଥିବା ନଥିବାରେ କ'ଣ ଅଛି ? ତୁମେତ ମୋଠୁ ଅନେକ ଦୂରରେ ।

: ତୁମେ ଏତେ ବୁଦ୍ଧିମତୀ ହୋଇ ଏଇ କଥାଟା ବୁଝିପାରୁନା ? ଟେଲିଫୋନରେ ଗୋଟେ ଚୁମା ମୋ ପାଖକୁ ପଠେଇ ଦିଅ ।

ନାରୀ କଣ୍ଠରୁ ଏଥର କେବଳ ଖିଲି ଖିଲି ହସର ଜୁଆର ଭାସି ଆସିଲା ।

: ଆରେ ହସୁଛ କ'ଣ ? ଦିଅ ପ୍ଲିଜ ସୁନି । ଚୁମାଟେ ପଠେଇ ଦିଅ, ମୋ ରାଣ । ଅମାନିଆ ହୁଅନା । ହେଇ ମୁଁ ଆଗ ଏପଟରୁ ଗୋଟେ ଚୁମା ପଠେଇଲି ।

ଟେଲିଫୋନ୍‌ରେ ଗୋଟିଏ ଚୁମାର ଶବ୍ଦ ଭାସିଆସିଲା । ମୋ କାନ ପାଖରୁ

Digitized by srujanika@gmail.com

ରିସିଭରଟାକୁ ମୁଁ ଦୂରେଇ ନେଲି । ଚୁମାଟା ମୋ ଗାଲରେ ବାଧା ନପାଇ ସୁନିଙ୍କ ପାଖକୁ ଖସିଯିବା ପରି ମୁଁ ନିଜକୁ ସାବଧାନ କରାଇନେଲି ।

ତାପରେ ସୁନିତାଙ୍କ ଦିଗରୁ ଗୋଟିଏ ମୃଦୁ ଚୁମ୍ବନର ଶବ୍ଦ ଭସିଆସିଲା ବେଳେ ମୁଁ କାନପାଖରୁ ରିସିଭରଟା ଆଣି ଗାଲ ପାଖରେ ଲଗି ଧରିଲି । ମୋ ନିଜ ଭିତରେ ଗୋଟେ ସିହରଣ ଖେଳିଗଲା ।

ମୁଁ ପ୍ରକୃତିସ୍ଥ ହୋଇ ପୁଣି ଟେଲିଫୋନ୍‌ର ରିସିଭରକୁ କାନପାଖକୁ ନେଲା ବେଳକୁ ଡାଏଲ୍‌ଟୋନ୍ କଟିଗଲଣି । ଆଉ ଯେତେ ଚେଷ୍ଟାକଲି କେବଳ କୁଉଁ କୁଉଁ ଶବ୍ଦ ବ୍ୟତୀତ ଡାଏଲ୍‌ଟୋନ୍ ମିଳିଲା ନାହିଁ କି ସେ ଯେଉଁ ଟୋନ୍ ମୋତେ ଏତେ ସମୟ ବାନ୍ଧି ରଖିଥିଲା ସେ ଟୋନ୍‌ବି ମିଳିଲା ନାହିଁ ।

●

Digitized by srujanika@gmail.com

ପାଦତଳ ଭୂଇଁ

ପାଣୁଆଁ ମାଆ ଆଜି ବାଆଁ ହାତରେ ଖାଉଥିବାରୁ ମୁଁ ଆଶ୍ଚର୍ଯ୍ୟ ହୋଇ ତା ମୁହଁକୁ ଚାହିଁଲି । ସିଏ ସ୍ୱାଭାବିକ ଭାବରେ ଖାଉଥିଲା । ମୋତେ କିନ୍ତୁ ଏ ବାଆଁ ହାତ ଖିଆଟା କେମିତି ଓଲଟା ଆଉ ଅରୁଚିକର ମନେହେଲା ।

ମୁଁ ପଚାରିଲି– ଆଈ ! ତୁ କଣ ସବୁକାମ ବାଆଁ ହାତରେ କରୁ ? ଘରଓଳା, ଘରଲିପା, ବାସନ ମଜା, ପାଣିକଢ଼ା, ଏମିତି ଯେତେ କାମ ?

ତା ମୁହଁର ରଙ୍ଗ କଳା ପଡ଼ିଗଲା । ପାଟି ପାଖକୁ ଯାଉଥିବା ବାଆଁ ହାତଟା ଥୋଡ଼ି ପାଖରେ ଫିଟିଗଲା । କଂସାରେ ଭାତ ମୁଠାକ ଝଡ଼ିପଡ଼ିଲା । କିଛି ସମୟ କାନ୍ଦ କାନ୍ଦ ହୋଇ ବସିଗଲା । ଲୁଗା କାନିରେ ଆଖିରୁ ଲୁହ ପୋଛିଲା । କଂସା ତାଟିଆ ଗୋଟେଇ ନେଇ ବାରିଆଡ଼ ପାଣିମାଠିଆ ପାଖରେ ମାଜିବା ନଡ଼ାରେ ପାଉଁଶ ବୋଳି ।

ମୁଁ ଆଈ ପଛେ ପଛେ ଅପରାଧୀଟିଏ ପରି ଗୋଡ଼େଇ ଗଲି । କିଛି ବୁଝିହେଲା ନାହିଁ । ମୋଟେ ବି, ଚାଟିଗୁଣ୍ଡା ଖାଇଥିବା ଭାତ କଂସାକ ଫିଙ୍ଗି ଦେବାର କାରଣ କ'ଣ ? ସେମିତି କିଛି ଖରାପ କଥାତ ମୁଁ କହିନାହିଁ ।

ମୁଁ ପଚାରିଲି– ଆଈ, ଖାଇଲୁ ନାହୁଁ କାହିଁକି ? ଭାତରେ କ'ଣ ପୋକ, ଯୋକ ପଡ଼ିଥିଲା ଆମ୍ବୁଲ ଝୋଳ ଭଲ ଲାଗିଲା ନାହିଁ ? କହିବୁ ଯଦି ଆମ ଗଛ ଗୁଡ଼ ଆମ୍ବୁଲ କି ରାଶି ବଡ଼ି ଆଣି ଦେବି ।

ସିଏ ମୋ ପାଦରୁ ମୁଣ୍ଡ ପର୍ଯ୍ୟନ୍ତ ଆଖି ବୁଲାଇ ଆଣିଲା । କାନ୍ଦ କାନ୍ଦ ମୁହଁ ଉପରେ ଧାଡ଼ିଏ ହସ ବହୁ କଷ୍ଟରେ ବସେଇ ମତେ କହିଲା– ନାଇଁରେ ନାତି, ମୋର ଆଜି ଓଷା । ମୋର ମନେ ନଥିଲା । ମୁଁ ଆଜି ଜଡ ତୁଳସୀ ମୁହଁରେ ନଦେବା କଥା ।

Digitized by srujanika@gmail.com

କିନ୍ତୁ ସେଦିନ ସନ୍ଧ୍ୟାରେ ମୋ ବୋଉ ମୋ ଉପରେ ବିରକ୍ତ ହେଲା–ତୋର କ'ଣ ଯାଉଥିଲା ସିଏ ତାର ବାଆଁ ହାତରେ ଖାଇଲା କେତେ ଡାହାଣ ହାତରେ ଖାଇଲେ କେତେ ? ଆଜି ଦିନଟା ସାରା ସିଏ ଉପାସ ରହିଲା ।

ମୁଁ ବୋଉ କଥା ବୁଝିପାରିଲି ନାହିଁ । ବୋଉକୁ ଅନେକ ପଚରା ପଚରି କଲାପରେ ଯାହା ଯେମିତି ସଂଗ୍ରହ କଲି ତାହା ଏଇମିତି ବାଆଁ ହାତରେ ଖାଇବା ପାଣୁଆ ମାଆ ଆଉର ପିଲାଦିନର ଅଭ୍ୟାସ ନୁହଁ । ଲଗ, ଲଗ ଗୁଣ୍ଡେଟି ଝିଅ ହେବାପରେ ପୁଅଟିଏ ପାଇବାପାଇଁ ସେ ଅନେକ ଦିଅଁ ଦେବତା ପୂଜା କଲା । କପିଳାସ ଠାକୁରଙ୍କ ପାଖରେ ଗୁଆ ବସେଇଲା କିନ୍ତୁ କିଛି ଫଳ ହେଲାନାହିଁ । ଦିନେ କପିଳାସରୁ ଜଣେ ଜଟାଧାରୀ ସନ୍ନ୍ୟାସୀ ଆସିଲେ । ତାଙ୍କରି କହିବା ଅନୁସାରେ ସିଏ ସେଇ ଦିନଠୁ ବାଆଁ ହାତରେ ଖାଇଲା । ତା ବର୍ଷକପରେ ତାର ଗୋଟିଏ ପୁଅ ହେଲା । ତାରି ନାଆଁ ପାଣୁଆ ।

କିନ୍ତୁ ପୁଅ ହେବା ପରେ ବି ପାଣୁଆ ମାଆ ବାଆଁ ହାତ ଖିଆ ବନ୍ଦ କଲା ନାହିଁ । ଯିଏ ବାଆଁ ହାତ ଖିଆକଥା ପଚାରିଲା ସେ କେବଳ ସେଇ ଦିନଟି ଉପବାସ କଲା । ତାପରେ ପାଣୁଆ ବାପା କପିଳାସ ଯାଇ ସେ ସନ୍ନ୍ୟାସୀଙ୍କ ଠାରୁ ବୁଝିକି ଆସିଲେ–ପାଣୁଆ ବଡ ହୋଇ ଯେଉଁଦିନ ବାଆଁ ହାତରେ ଖାଇବାକୁ ବାରଣ କରିବ ସେଇଦିନ ଘରଦ୍ୱାର ଲିପାପୋଛା ହେବ । ନୂଆ ହାଣ୍ଡି ହେବ, ସମସ୍ତେ ନୂଆଲୁଗା ପିନ୍ଧିବେ । କପିଳାସ ଠାକୁରଙ୍କ ନାଆଁରେ ଭୋଗରାଗ ହେବ । ସାଇ ଘରକୁ ଭୋଜିଭାତ ଖାଇବାକୁ ଦିଆଯିବ ତା ପରଠାରୁ ପୂର୍ବପରି ଡାହାଣ ହାତରେ ପାଣୁଆମାଆ ଖାଇବ ।

ମୁଁ ଆଶ୍ଚର୍ଯ୍ୟ ହେଲି । ପାଣୁଆତ ଏତେବଡ ହେଲାଣି, ବାହା ହେଲାଣି, ତା ମାଆର ବାଆଁ ହାତ ଖିଆଟା ଆଜିଯାଏ ବନ୍ଦ କରିପାରିଲା ନାହିଁ ? ତା'ଆ ମାଆ କ'ଣ ସାରାଜୀବନ ଏମିତି ବାଆଁ ହାତରେ ଖାଉଥିବ ?

ପାଣୁଆ ମୋର ଅନ୍ତରଙ୍ଗ ବନ୍ଧୁ ହେଲେବି ଲେଖା ଯୋଖାରେ ମାମୁଁ । ଗାଆଁର ସବୁ ମଣିଷ ଭିତରେ ଭିତରେ ଏମିତି ଗୋଟାଏ ସମ୍ପର୍କର ଦଉଡ଼ି ଲାଗିଛି ଗାଆଁ ଗୋଟାକର ପିଢ଼ିକୁ ଛୁଇଁ ଛୁଇଁ । ପୃଥିବୀ ମାନଚିତ୍ରର ବିଷୁବରେଖା,

Digitized by srujanika@gmail.com

ମକରକ୍ରାନ୍ତି କର୍କଟକ୍ରାନ୍ତି ପରି ଏ ସମ୍ପର୍କର ରେଖା । ଏ ରେଖାର ଚଉହଦୀ ପବନରେ ବି ଚହଲିଯାଏ ।

ମୁଁ ପରଦିନ ସନ୍ଧ୍ୟାରେ ଠାକୁର ଘର ପିଣ୍ଡାରେ ବସିଥିଲା ବେଳେ ପାଣୁଆକୁ କହିଲି– ତୋ ମାଆ କାଲି ମୋ ପାଇଁ ଦିନସାରା ଉପବାସ ରହିଲା । ସତରେ ମୁଁ ଏତେକଥା ଜାଣିଥିଲେ ମୋତେ କହିନଥାନ୍ତି । ଆଈ ମୋ ଉପରେ ଘରି ରାଗିଥିବ ତାହେଲେ ।

ପାଣୁଆ ଟିକେ ଶୁଖିଲା ହସ ହସି କହିଲା–ନାଇଁମ ଏଥିରେ ରାଗିବାର କଣ ଅଛି ? ଇଏ କ'ଣ ନୂଆ କଥା ତା ଜୀବନରେ ? ଏମିତି କେତେଥର ହେଲଣି । କିଏ କେମିତି ଜାଣିବ କହୁନଉଁ ? ନଜାଣିବା ଲୋକ ପଗ୍ଭରି ଦିଅନ୍ତି । ମାଆ ସେ ବିନଟା ଉପାସ ରହେ ।

–କିନ୍ତୁ ମୁଁ ଗୋଟେକଥା ବୁଝିପାରୁନାହିଁ ପାଣୁଆ । ତୁ ଆଜିଯାଏ ତୋ ମାଆର ଏ ବାଆଁହାତ ଖୁଆ ଛଡ଼ାଇନାହୁଁ କାହିଁକି ?

ଚଡଚଡ଼ି ମାଡ଼ରେ ଗଛଟା ଠିଆ ଠିଆ ଜଳିଗଲା ପରି ପାଣୁଆର ମୁଣ୍ଡଠୁ ପାଦ ପର୍ଯ୍ୟନ୍ତ ପୋଡ଼ି ଅଙ୍ଗାର ହୋଇଗଲା । ତା ପାଟିରୁ କଥା ବାହାରିଲା ନାହିଁ କିଛିକ୍ଷଣ । ମୋ ମୁହଁକୁ ଗ୍ଭହିଁଲା । ମୁହଁକୁ ତଳକୁ ପୋତିଦେଲା । ଏ ବିଷୟରେ କିଛି କହିବାକୁ ସେ ନିଜକୁ ପ୍ରସ୍ତୁତ କରିପାରୁ ନାହିଁ ।

ମୁଁ ପାଣୁଆର ମୁହଁକୁ ଖୁବ୍ ପାଖରୁ ଦେଖିଲି । ତା ଆଖିରୁ ଲୁହ ବୁନ୍ଦାସବୁ ଉଠିଆସୁଥିଲେ ଗାଲ ଉପରକୁ । କାନ୍ଦ କାନ୍ଦ ହୋଇ ସେ କହିଲା– ତୁ ହୁଏତ ମୋ କଥା ବିଶ୍ୱାସ କରିବୁ ନାହୁଁ ଦେବ । ପିଲାଦିନେ ମୋ ବାପା ଓ ବଡ଼ ଭଉଣୀମାନେ ମୋତେ କାନେ କାନେ ଶିଖାଉଥିଲେ– ଦେଖ ପାଣୁ ! ମାଆ ତୋ ଭଲପାଇଁ ବାଆଁ ହାତରେ ଖାଉଛି । ତୁ ମୋତେ ସେ ହାତରେ ଖାଇବାକୁ ମନା କରିବୁ ନାହୁଁ । କାହାରି କଥାରେ ପଡ଼ି ତୁ ମୋତେ କହିବୁ ନାହିଁ । ଘରେ ଧାନ, ଗ୍ଭଉଳ, ପଇସା ହେଲେ ଆମେ ତତେ କହିବୁ । ତୁ ସେଇ ଦିନ କହିବୁ । ଲୋକିଘତ ହେବ, ନୂଆ ଲୁଗାପଟା ଆଉ ହାଣ୍ଡି କୁଣ୍ଡେଇ ହେବ । କପିଳାସ ଠାକୁରଙ୍କ ପାଖରେ ଭୋଗ ଲାଗିବ ।

Digitized by srujanika@gmail.com

କିନ୍ତୁ ବାପାଙ୍କ ସମୟ କଟିଗଲା । ସିଏ ମୋ ଭଉଣୀମାନଙ୍କ ବିଭାଘର କରିବାରେ ଆମର ବିଲତକ ପ୍ରାୟ ସାରିଦେଇଛନ୍ତି । ବିଲତ ମୋଟେ ଚାରିମାଣ ଥିଲା । ସେଥିରୁ ତିନି ମାଣ ବିକ୍ରି କରି ଦେଇଛନ୍ତି । ଆମ ଘରବାଡ଼ିରୁ ଫାଳେ ବିକି କରି ସାରିଛନ୍ତି । ବାପାଙ୍କ ସମୟରୁ ଅଭାବ ଆମକୁ ଦେହ ମୁଣ୍ଡକି କୁଣ୍ଢେଇ ଧରିଛି । ମୁଁ ମୋ ମାଆର ବାଆଁ ହାତ ଖିଆ ଦେଖି ଦେଖି ମୋର ଦେହସୁଦ୍ଧା ହୋଇ ଯାଉଛି । ତା' ବାଆଁ ହାତଟା ମୋତେ ଡାହାଣ ହାତପରି ଦେଖାଯାଏ ।

ମୁଁ ପଚାରିଲି– ତୋ ବାପାଙ୍କର ମରିବା ବୋଧେ ପାଞ୍ଚ, ଛଅ ବର୍ଷ ହୋଇଗଲାଣି ? ତୁ ଘରେ ବର୍ତ୍ତମାନ ମୁରବୀ । ତୁ ଏବେ ତୋ ମାଆର ଡ଼ାହାଣ ହାତରେ ଖାଇବାର ବ୍ୟବସ୍ଥା କରୁନାହୁଁ ?

ପାଣୁଆ ମୋଠୁ ଏମିତି ଗୋଟେ ପ୍ରଶ୍ନ ଶୁଣିବ ବୋଲି ପ୍ରସ୍ତୁତ ଥିଲା । ସଙ୍ଗେ ସଙ୍ଗେ କହିଲା– ବାପା ସିନା ଜମିବାଡ଼ି ବିକି ଭଙ୍ଗି ମୋର ଭଉଣୀ ଚାରେଟିଙ୍କୁ ପରଘରକୁ ଉଠେଇ ଦେଲେ କିନ୍ତୁ ଓଷା, ବାର, ପୁନେଇଁ ପର୍ବ ସବୁ ମୋ ମୁଣ୍ଡରେ । ତୁ କେମିତି ଜାଣିବୁ ସେକଥା ? ତୋର ତ ଗୋଟିଏ ଭଉଣୀ ।

ଘରି ଘରିଟା ଝିଅରେ ପୁଅଟିଏ ଖୋଜି ମୋ ବାପା ମାଆଁ ପାଇଲେ ମୋତେ । ମୋରି ମୁଣ୍ଡରେ ଝିଅବୋଝ ଓହ୍ଲେଇ ଦେଇ ମୋ ବାପା ଚାଲିଗଲେ ସେ ପୁରକୁ । ମାଆବି ଯିବ । ମୁଁ ମୁଣ୍ଡେଇଥିବି ମୋ କାନ୍ଧଉପରେ ମୋର ଏ ପୈତୃକ ମୁଣ୍ଡଟା ଥିବା ପର୍ଯ୍ୟନ୍ତ ।

ତୁ ଆମ ଗାଁ ଭିତରକୁ ଆଖିପକା ଦେବ । ଯେତେଲୋକ ଏମିତି ଗହଳିଆ ଝିଅ ବଣ ଭିତରେ ପୁଅଟିଏମାନ ଛାଡ଼ିଯାଇଛନ୍ତି ତାଙ୍କ ଅବସ୍ଥା ଏଇମିତି । କାହାର ଯଦି ଜମିବାଡ଼ି କି ଆଉ କଣ ବିଷୟ ସମ୍ପତ୍ତି ଅଛି ତା କଥା ନିଆର ।

ମୁଁ ବୁଝୁଛି ମୋ ପାଇଁ ମୋ ମାଆ ଏତେ ବର୍ଷହେଲା ବାଆଁ ହାତରେ ଖାଉଛି । କିନ୍ତୁ କରିବି କ'ଣ ? ନୂଆ ଲୁଗା ପଟା ଭେଜିଭାତ ଭୋଗ ରାଗ ପାଇଁ ଏତେ ଟଙ୍କା ମୁଁ ଏକାବେଳେ ଆଣିବି କୋଉଠୁ ? ଆଉ ଯାହା ଜମିବାଡ଼ି ଅଛି ସେତକ ବନ୍ଧା ଛନ୍ଦା ପକାଇ କାମଟା କଲେ ଡାହାଣ ହାତରେ ଖାଇବାର ଅଧିକାର ସିନା ମୋ ମାଆ ପାଇବ କିନ୍ତୁ ଖାଇବାକୁ ଘରେ ଆଉ କ'ଣ ଥିବଯେ ସିଏ ଖାଇବ ?

Digitized by srujanika@gmail.com

ମୋ ସ୍ତ୍ରୀ ବି ପୁଅକୁ ଅନେଇଁ ଅନେଇଁ ତିନିଟା ଝିଅ ହେଲେଣି । ସେମାନଙ୍କ ବୋଝ ମୋ ମୁଣ୍ଡରେ । ମୋ ମୁଣ୍ଡରୁ କିଛିଟା ବୋଝ ନେବାପାଇଁ ପୁଅଟାଏ ଖୋଜୁଛି । ତାରିପରି ମନାସିକ କରି ବାଆଁ ହାତରେ ଖାଇବାକୁ ମୋ ମାଆ କେତେଥର କହିଲାଣି । ମୋ ସ୍ତ୍ରୀ ବି ସେମିତି କରନ୍ତାଣି ।କିନ୍ତୁ ମୋ ଡରେ ସାହସ କରୁନାହିଁ ।

ଚାଳିଶ ବର୍ଷ ହେଲା ଯିଏ ବାଆଁ ହାତକୁ ଡ଼ାହାଣ ହାତ ଭବରେ ବ୍ୟବହାର କଲାଣି ତା ପାଇଁ ବାଆଁ ହାତଟା ଡାହାଣ ହାତ । ଏତେ ବର୍ଷପରେ ପୁଣି ଡ଼ାହାଣ ହାତରେ ଖାଇବାକୁ ତାକୁ ବାଆଁ ହାତରେ ଖାଇବାପରି ଅଡୁଆ ଲାଗିବ ।

ପାଣୁଆ ମୁହଁକୁ ମୁଁ ପୁଣିଥରେ ଅନେଇଲି । ତା ମୁହଁ ଉପରେ ବିଭିନ୍ନ ଦିଗକୁ ଭସୁଥିବା ବାଦଲ ଏବେ ଅପସରି ଯାଇଥିବା ପରି ପରିଷ୍କାର ଦିଶୁଛି । କଥା କହିଲାବେଳେ ତା ମୁହଁଟା ଯେମିତି କାନ୍ଦିଆ, କୁହୁଡ଼ିଆ ଦିଶୁଥିଲା ଏବେ ଆଉ ସେମିତି ନାହିଁ । ମୁହଁଟା ଦମ୍ଭ ଲାଗୁଛି । ଠିକ୍ ପୋଖରୀ ତୁଠର ପଥର ପରି ।

ସେଦିନ ସେ ପ୍ରସଙ୍ଗରେ ମୁଁ ଆଉ ଆଗକୁ ବଢ଼ିଲି ନାହିଁ । ପାଣୁଆଁ ବି ଆଉ କିଛି କହିବାକୁ ଆଗ୍ରହ ପ୍ରକାଶ କଲାନାହିଁ । ନିଜ ଭିତରେ ନିଜେ ଚୁପ୍ ହୋଇଗଲା । କଇଁଛ ପରି ମୁହଁ ଯାକି ଦେଲା ।

ଦୁଇ

ରାଜଧାନୀକୁ ଆସିବା ମୋର ଏ ଭିତରେ ପ୍ରାୟ ଦଶବର୍ଷ ହୋଇଗଲାଣ । ଏଇ ଦଶବର୍ଷ ଭିତରେ ମୁଁ ଅନେକଥର ଗାଁକୁ ଯାଇଛି କିନ୍ତୁ ପାଣୁଆଁକୁ ସାକ୍ଷାତ କରିନାହିଁ କି ତା କଥା ମୋ ମନର ଚଉହଦୀ ଆଉ କେବେ ଛୁଇଁ ନାହିଁ ।

ହଠାତ୍ ପାଣୁଆଁକୁ ରାଜଧାନୀ ମାଟିରେ ଦେଖୁ ଚମକି ପଡ଼ିଲି । ପାଣୁଆଁ ଏଠି କେମିତି ? ତା ମୁହଁରେ ଦାଢ଼ି ବଢ଼ି ଯାଇଛି । ମୁଣ୍ଡ ବାଳଠାରୁ ଦାଢ଼ି ଓ ନିଶର ବାଳ ସବୁ ଅଧିକ ସଂଖ୍ୟାରେ ପାଚି ଯାଇଛି । ମଇଳା ଧୋତି ଉପରେ ଗୋଲପି ରଙ୍ଗର ହାଫ୍‌ସାର୍ଟ ସାଙ୍ଗକୁ କାନ୍ଧରେ ଗାମୁଛା ପକାଇ ମୋ ସରକାରୀ

Digitized by srujanika@gmail.com

ବାସଭବନ ଆଡକୁ ଥାକରୁ ମାକରୁ ଆଖିରେ ଚାହୁଁଛି ପାଣୁଆ । ଫେରି ଚାହୁଁଛି ପଛକୁ । କିଏ ଜଣେ ଖଣ୍ଡେ ଦୂରରେ ଠିଆ ହୋଇ ହାତ ବଢ଼ାଇଛି ମୋ କ୍ୱାର୍ଟରସ୍ ଆଡକୁ ।

ମୁଁ ବାଲ୍‌କୋନୀରୁ ପାଟିକଲି– ଆରେ ପାଣୁଆ ତୁ କେମିତି ଏଆଡେ ? କାହାକୁ ଖୋଜୁଛୁ ? ଆ, ଆ ଉପରକୁ ଆ ।

ମୁଁ ହିଡିବାଟେ ଓହ୍ଲେଇଗଲି ତାକୁ ପାଛୋଟି ଆଣିବାକୁ । ଲୁଡିଆ ମୁହଁରେ ବହୁ କଷ୍ଟରେ ଛାମୁ ଦାନ୍ତରୁ କେଇଟା ଦେଖେଇ ପାଣୁଆ କହିଲା– ମୁଁ ତତେ ବହେ ଖୋଜି ଖୋଜି ନୟାନ୍ତ ହେଲିଣି । ଏଇବାଟେ ତିନିଥର ଏପଟ ସେପଟ ହେଲିଣି, ଓଠା ବସା କେହି କହିପାରୁ ନାହାଁନ୍ତି । ତୋର ଏତେ ପାଖରେ ରହୁଥିବା ଲୋକମାନେ ତତେ ଚିହ୍ନିନାହାନ୍ତି ? ତୁ ଏଠି କେତେ ଦିନହେଲା ରହିଲୁଣିକି ?

ଏଇଟା ହେଉଛି ସହରି ଜୀବନର ବିଶେଷତ୍ୱ । ଏଠି ଘରଗୁଡାକ ଏକାପରି, ମଣିଷ ଗୁଡ଼ାକ ବି ମନରେ ସମସ୍ତେ ସମ୍ରାଟ୍ । ଡେଙ୍ଗା ଡେଙ୍ଗା । ଦାଣ୍ଡରୁ ଫେରିଲେ ଘର ବୋଲି ଗାତରେ ପଶନ୍ତି । ସେଇ ଗାତରେ ସବୁ କରନ୍ତି– ଝାଡା, ପରିସ୍ରା, ଗାଧୁଆ, ବସା, ଉଠା, ଖିଆ, ପିଆ, ନାଚ, ଗୀତ । କିଏ କାହାକୁ ଚିହ୍ନିବା ଅପେକ୍ଷା ନିଜ ଘରିପାଖରେ ଖୋଲାଟିଏ ତିଆରିକରି ତା ଭିତରେ ପଶିବାକୁ ଅଧିକ ପସନ୍ଦ କରନ୍ତି ଏଠି ।

ବୋକାଙ୍କ ପରି ମତେ ଅନେଇଲା ପାଣୁଆ । ଆମେ ଦୁହେଁ ଦାଣ୍ଡଘରେ ବସିଲୁ । ମୋ ସାନ ଝିଅ ହାତରେ ତା ମାଆ ଚା ଦୁଇ କପ୍ ପଠାଇ ଦେଲେ । ଚା ପିଇ ପିଇ ମୋ ଘର ଦୁଆର ସବୁ ଆଖି ବୁଲଉଥିଲା ପାଣୁଆ ।

ସୋଫା ଚେୟାର ଉପରକୁ ପାଦ ଉଠାଇ ଥୋଇଲା ପାଣୁଆ । କବାଟ ଫାଙ୍କରୁ ପାଣୁଆର ଧୂଳିଆ ପାଦଦୁଇଟା ମୋ ସ୍ତ୍ରୀ ଅରୁଣାଙ୍କ ଆଖିରେ ଧରା ପଡ଼ିଗଲା । ମୋ ଝିଅ ଆସି ମୋ କାନରେ କହିଲା– ବାପା ! ମଉସାକୁ କୁହ ପାଇପ୍‌ରେ ପାଦ ଧୋଇ ଆସିବେ ।

Digitized by srujanika@gmail.com

ମୁଁ ପାଣୁଆଁକୁ ଶୁଣେଇ ଶୁଣେଇ ମୋ ସାନଝିଅ ବଟନିକାକୁ କହିଲି– ମଉସା ନୁହଁନ୍ତି ଦୁର୍ଣ୍ଣ, ଅଜାହବ । ତୁ ତାକି ନେଇଯା । ଗାଧୁଆ ଘର ଦେଖେଇଦେ ସିଏ ଗୋଡ ଧୋଇ ହୋଇ ଆସୁ ।

ପାଣୁଆଁ ପାଦ ଧୋଇ ହୋଇ ଆସି ବସିଲା । ଛେପ ଢୋକି କହିଲା– ମୁଁ ତୋ କତିକି ଆଇଚି ଦେବ ।

ଆଉ କିଛି ନକହି ଚୁପ୍ ହୋଇ ବସିଲା । ମୁଁ ପଚାରିଲି–ମୋ ପାଖରେ କ'ଣ କିଛି କାମ ଥିଲା ?

ପାଣୁଆଁ କାନ୍ଦିପକେଇଲା– ମୋ ପୁଅକୁ ତୁ ବଞ୍ଚା ଦେବ । କେତେ ଭରସା କରି ମୁଁ ତୋ କତିକି ଆଇଚି ।

–କଣ ହେଇଚି କହ ଆଗେ । ତୋ ପୁଅ କ'ଣ ବେମାର ପଡ଼ିଚି ? କଟକ ଡାକ୍ତରଖାନାରେ ? କାହା ପାଖରେ ଚିକିତ୍ସା ହେଉଛି ?

ମୋ କଥାର କିଛି ଜବାବ ନଦେଇ କେବଳ ସକ ସକ ହୋଇ କାନ୍ଦି ପକାଇଲା । ମୁଁ ତା ପିଠିରେ ହାତ ବୁଲାଇ ଆଶ୍ୱାସନା ଦେଉ ଦେଉ ପଚାରିଲି– କ'ଣ ହେଇଚି କହ ? ନକହିଲେ ମୁଁ କେମିତି କ'ଣ ଜାଣିବି ଯେ ତୋ ପୁଅକୁ ବଞ୍ଚେଇବି । ଯଦି ମୋ ଦ୍ୱାରା ହେଇପାରିବ ମୁଁ ନିଶ୍ଚୟ କରିବି । ତୁ କହ କଥାଟା କ'ଣ ହେଇଚି ।

ପାଣୁଆଁ ଏଥର ଲୁହପୋଛି ଅଣ୍ଟା ସଳଖି ସୋଫା ଉପରେ ବସିଲା । ମୋ ମୁହଁକୁ ଅନେଇଲା । ତାପରେ କହିଲା–ତୋର ମନେଥିବ ଦେବ, ମୋ ମାଆ ବାଆଁ ହାତରେ ଖାଏ । ଏଇ ମାସେ ହେଲା ତା ହାତରେ ଗୋଟେ କ'ଣ ଘାଆ ହେଇଚି ମୋଟେ ଶୁଖୁନାହିଁ । କେତେ ଔଷଧ ମୋଷଧ ଦେଲିଣି । କିଛି ଭଲ ହଉନାହିଁ । ଅତଡା ଖାଇଲପରି ଘାରିକଡ଼ରୁ ମାଂସ ପଚି ପଚି ଯାଉଛି ।

ମୁଁ ପଚାରିଲି– ଆଉ ତାହେଲେ କୋଉ ହାତରେ ଖାଉଛି ? ଡାହାଣ ହାତରେ ଖାଉଛି ? ଡାହାଣ ହାତରେ ଖାଉଥିବ ନିଶ୍ଚୟ ?

ବନ୍ଦ ହୋଇଥିବା କୋହର ବନ୍ଧ ଭାଙ୍ଗିଗଲା । ପାଣୁଆ ଭେ ଭେ କି କାନ୍ଦି ପକାଇଲା । କାନ୍ଦୁ କାନ୍ଦୁ କହିଲା– ନାଇଁରେ ଦେବ, ଡାହାଣ ହାତରେ ଖାଇବାର

Digitized by srujanika@gmail.com

ସୁବିଧା ମୁଁ ଏପର୍ଯ୍ୟନ୍ତ ମୋ ମାଆ ପାଇଁ ଆଣି ଦେଇପାରି ନାହିଁ । ପହିଲୁ ପହିଲୁ ଯେତେବେଳେ ଘାଆଟା ହେଲା, ଦିନେ ଦି ଦିନ ମୋ ମାଆ ସେମିତି ଖାଡା ଖ ଡ଼ା ଓପାସ ରହିଲା । ମତେ ସମସ୍ତେ କହିଲେ ତୋ ମାଆକୁ ଏତେବେଳେ କହିଦେ ସିଏ ଡାହାଣ ହାତରେ ଖାଉ । କିନ୍ତୁ ଏତେ ଟଙ୍କା କ'ଣ ମୁଁ ଯୋଗାଡ଼ କରିପାରି ଥାଆନ୍ତି ?

ଦି ଦିନ ଓପାସ ରହିବା ପରେ ମୋ ସ୍ତୀକୁ କହିଲି– ମାଆ କ'ଣ ଏମିତି ନଖାଇ ନପିଇ ମରିବ ?

ସିଏ କହିଲା ମୁଁ ସେଥିପାଇଁ କ'ଣ କରିବି ? ତାଙ୍କ ହାତଟା ଭରି ପଚରା ଗନ୍ଧଉଚି । ସେଠି ନାକ ଦେଇ ହଉନେଇଁ । ମୁଁ ତାଙ୍କୁ ଖୋଇ ଦେଇ ପାରିବି ନେଇଁ ।

ଦାନ୍ତ କାମୁଡ଼ି ହେଲି ସ୍ତୀ ଉପରେ । ମନକୁ ଟାଣ କଲି । ପାଖରେ ବସି ମାଆକୁ ଖୋଇଦେଲି । ତେଣିକି ସବୁ ଦେହସୁହା ହୋଇଗଲା । ସେଇ ଦିନଠୁ ମାଆକୁ ଖୋଇ ଦେଉଛି । ଗରମ ପାଣିକରି ତା ହାତ ଘାଆ ଧୋଇ ଦେଉଛି । ଔଷଧ ମଡ଼େଇ ଦଉଛି ।

ମୁଁ ପଗ୍ଉରିଲି–ଇଏତ ତୋ ମାଆ ଦେହ ଖରାପ କଥା କହିଲୁ । ତୋ ପୁଅ ପରା କ'ଣ ବେମାର ପଡ଼ିଛି ? ତାର କ'ଣ ହେଇଚି ?

ମୋର ପ୍ରଶ୍ନ ଶୁଣି ପାଣୁଆଁ ପୁଣି ଧକ ଧକ ହୋଇ କାନ୍ଦି ଉଠିଲା । ତୁ ଜାଣିଚୁ ଦେବ ମୋର ତିନିଟା ଝିଅ । ପୁଅ ପାଇଁ ମୋ ସ୍ତୀ କେତେ ଓଷାବାର, ଉପବାସ କରି କରି ଥକିଲାଣି । ଯିଏ ଯାହା କହିଚି କରିଚି । ଏଇ ଆଠଦିନ ତଳେ ମୋ ସ୍ତୀ ଜଉତିଷ ଡ଼କାଇ ପଗ୍ଉରୁ ଥିଲା । ଜଉତିଷ ମୋ ସ୍ତୀକୁ କହିଲା– ତୋ ଶାଶୁ ଥିବାଯାଏ ତୋର ପୁଅ ହେବନାହିଁ । ଶାଶୁ ମରିବାର ଠିକ୍ ବର୍ଷେ ଯୋଉଦିନ ପୂରିବ ସେଇଦିନ ତୋର ଗୋଟିଏ ପୁଅ ହବ । କିନ୍ତୁ ତୋ ଶାଶୁ ଯଦି ମରିବା ପୂର୍ବରୁ ତାର ବାଆଁ ହାତ ବଦଳରେ ଡାହାଣ ହାତରେ ଖାଇ ନଥାଏ ତେବେ ସେ ପୁଅଟି ଜନ୍ମ ହେବାର ଠିକ୍ ବର୍ଷକ ପରେ ମରିଯିବ ।

Digitized by srujanika@gmail.com

ମୋ ଧୀ ଏବେ ଯିଦ ଧରିଛି ମୋ ମାଆକୁ ଡ଼ାହାଣ ହାତରେ ଖୋଇବାର ବ୍ୟବସ୍ଥା କରିବାପାଇଁ । ଘରେ କିଛି ବୋଲି କିଛି ନାହିଁ । ଗାଆଁ ପୁରୋହିତ ଡ଼କାଇ ସିଏ ତାଲିକା କରଇଚି । ପାଖା ପାଖି ଦି ହଜାର ଟଙ୍କା ଲାଗିବ ।

ତୁ ଜାଣିଚୁ ମୋ ଅବସ୍ଥା । ଏତେ ଟଙ୍କା ମୁଁ କୋଉଠୁ ଆଣିବି ? ମତେ ଏତେ ଗୁଡ଼େ ଟଙ୍କା କିଏ ଦବ ? ଅତି ବଡ ଆଉ ପନ୍ଦରଟା ଦିନରେ ମୋ ମାଆ ଆଖି ବୁଜିବ । ବାଆଁ ହାତରେ ଖାଇ ସିଏ ମଲେ ମୋ ପୁଅ ଜନ୍ମ ହେବାର ବର୍ଷକ ପରେ ମରିଯିବ ଦେଖୁ । ତୁ ମୋ ଉପରେ ଦୟା କର, ମୋ ପୁଅକୁ ତୁ ବଞ୍ଚା । ଆମ ଗହୀର ବିଲ ମାଣକ ବନ୍ଧକରଖି ତୁ କାମ ପାଇଁ ଟଙ୍କା ଦେ । ମୁଁ ବଡ଼ ଆଶାକରି ଆସିଚି । ତୁ ନାହିଁ କରନା । ତୁ ଯୋଉଠୁ ହେଲେ ବାହାରକରି କାମଟା ଉଠେଇଦେ ।

ମୁଁ ପାଣୁଆଁର ମୁହଁକୁ ଚାହିଁଲି । ପାଣୁଆର ଭିତରଟା ଦୁଃଖରେ ମଡ଼ ମାଡ ଭଙ୍ଗ ଯାଉଥିବାର ମୁଦ୍ରା ତା ମୁହଁରେ ଫୁଟି ଉଠୁଥିଲା ।

ଦି ହଜାର ଟଙ୍କା ମୁଁ କେଉଁଠୁ ଆଣିବି ? ପ୍ରତି ମାସର ଶେଷ ଆଠଦିନ ଧାର ଉଧାର, ଦୋକାନ ବାକି । ଯାହା ସମ୍ବଳ କେବଳ ପ୍ରୋଭିଡ଼େଣ୍ଟ ଫଣ୍ଡ୍ । ଡାକ୍ତର ପାଶ୍‌ବୁକ୍ ପରି ଛମାସକୁ ଛମାସ ଇଣ୍ଟାକରି ହାତ ଉଦାରି ଶୁଝିବାକୁ ହେଉଛି । ଆଉ କୁଆଡ଼େ କିଛି ନାହିଁ ।

ପାଣୁଆର ଆଖି ଦୁଇଟା ମୋ ମୁହଁ ଉପରେ ସ୍ଥିର ଥିଲା । ସିଏ ମୋ ମୁହଁରୁ ମୋ ମନର କଥା ପଢ଼ିବାପରି ନିରେଖି ଦେଖୁଥିଲା । ମୋ ମୁହଁର ରଙ୍ଗ ବଦଳ ତାକୁ ଆତଙ୍କିତ କଲା । ମୋ ହାତକୁ ଧରି ସିଏ କାକୁତି ହେଲା—ତୁ ନାହିଁ କରନା ଦେବ । ମୋ ପୁଅକୁ ତୁ ବଞ୍ଚା ।

ମୁଁ ପାଣୁଆର କାନ୍ଦ କାନ୍ଦ ମୁହଁଟାକୁ ଆଉ ଚାହିଁପାରିଲି ନାହିଁ । ମୁଁ ଦେଇପାରିବିନାହିଁ ବୋଲି ଆଉଥରେ ତା ମୁହଁ ଉପରେ ନକହି ଆରଘରକୁ ଉଠିଗଲି ।

ପାଣୁଆ ସୋଫାଟି ଉପରେ କୁଚେଇ ମୁଚେଇ ହୋଇ ଗୋଡହାତ ଯାକି ବସି ଅପେକ୍ଷା କରିଥିଲା ମୋଠୁ ଭରସା ଆଶାରେ ।

Digitized by srujanika@gmail.com

ମୋ ସ୍ତ୍ରୀ କହିଲେ– ତାଙ୍କୁ ନାହିଁ କରିଦେଉନା,ସିଏ ତାଙ୍କର ଆଉ କୋଉଠୁ ଦେଖନ୍ତେ ।

ମୁଁ ବିରକ୍ତହୋଇ କହିଲି–ଆଉ କୋଉଠୁ ଦେଖିବାର ଥିଲେ, ଗାଆଁ ଛାଡ଼ି ଭୁବନେଶ୍ୱର ପର୍ଯ୍ୟନ୍ତ ସିଏ ଆସିଥାନ୍ତା କାହିଁକି ?

ସ୍ତ୍ରୀ କହିଲେ– ତମ ପାଖରେତ ନାହିଁ । ତାଙ୍କୁ ଆଉ କୋଉଠୁ ଆଣି ଦଉନା ?

ମୁଁ ସ୍ତ୍ରୀଙ୍କୁ ଆଉକିଛି ନକହି କେବଳ ବଡ ବଡ ଆଖିକରି ଚାହିଁଲି । ଡାଇଁଘରେ ପାଣୁଆଁ ଆଉ ବେଡ୍‌ରୁମ୍‌ରେ ମୁଁ, ଦୁହେଁ ଗୁମ ମାରି ବସିଥିଲୁ । କାନ୍ଥ ଘଣ୍ଟାର ଟିକ୍ ଟିକ୍ ଶବ୍ଦ ଅଧିକରୁ ଅଧିକ ସ୍ପଷ୍ଟ ଶୁଭୁଥିଲା ।

ପାଣୁଆଁର ବିଶ୍ୱାସ, ତାର ମା ପ୍ରତି ମମତା ଆଉ ପୁଅ ପାଇବାର ମୋହ ତିନୋଟି ନଇଁହୋଇ ମୋ ଚାରିକଡେ ଗୁଡ଼େଇ ହେଇ ଯାଉଥିଲେ ।

●

Digitized by srujanika@gmail.com

ଏ ବରଷା ଥମିବାର ନୁହେଁ

ଅସୀମା ! ତୁମେ କାହା ସ୍କୁଟରରେ ଅଫିସରୁ ଫେରିଲ ?" ଚଢ଼ାଗଳାରେ ପ୍ରଶ୍ନ କଲେ ସାଗର ।

ଅସୀମା ମୁହଁ ବୁଲାଇ ଚାହିଁଲେ ତାଙ୍କର ଅନ୍ଧ ସ୍ୱାମୀଙ୍କୁ । ମୁହଁ ଓ ଆଖି ତାଙ୍କର ଥମ ଥମ ହୋଇଗଲା । କିଛି ନକହି ଲୁଗା ବଦଳାଇବାକୁ ଶୋଇବା ଘରକୁ ପଶିଗଲେ ।

"ମୁଁ ପଚ ପଚାରୁଛି, ତୁମେ କାହା ସ୍କୁଟରରେ ଫେରିଲ ?" ଗର୍ଜି ଉଠିଲେ ସାଗର ।

ଉଠି ଆସୁଥିବା କୋହକୁ ନିଜ ଭିତରକୁ ଗୋଟେଇ ନେଇ ଅସୀମା ଶୀତଳ କଣ୍ଠରେ କହିଲେ– ମୁଁ ରିକ୍ସାରେ ଆସିଲି ।

: ତୁମେ ଆସିବା ବେଳେ ସ୍କୁଟରେ ଆସିବାର ଶବ୍ଦ ଶୁଣୁଥିଲି ?

: ମୁଁ ଅଫିସ୍‌ରୁ ଫେରିଲା ବେଳେ କି ଅଫିସ ଗଲାବେଳେ ଏ ଅଞ୍ଚଳରେ ସ୍କୁଟର, ମଟର ଯିବାକୁ ମୁଁ କଣ ମନା କରି ପାରିବି ? ଅଯଥାରେ ତୁମେ କାହିଁକି ମୋତେ ସବୁ କଥାରେ ସନ୍ଦେହ କରୁଛ କହିଲ ? ଏମିତି ସନ୍ଦେହ ଭିତରେ ମୁଁ ଅଣନିଃଶ୍ୱାସି ହୋଇ ଗଲିଣି । ତୁମ ମନ ଯଦି ପରିଷ୍କାର ନୁହେଁ ଘରୁ ଗୋଡ଼କାଢି ଏତେ ଲୋକଙ୍କ ଭିତରେ ଚାକିରି କରିବାକୁ ପଠାଇଲ କାହିଁକି ? କାହିଁକି ଏଇଲେ ସବୁକଥାରେ ସନ୍ଦେହ କରୁଛ ? କୋଉଦିନ ମୁଁ ଚଞ୍ଚଳ ଅଫିସ ଗଲି, କୋଉଦିନ ଡେରିରେ ଅଫିସ୍‌ରୁ ଫେରିଲି, ଏ ସବୁ ନେଇ ତମେ କାହିଁକି ମୁଣ୍ଡ ଖେଳେଇ ନିଜେ ଦୁଃଖ ପାଉଛ, ଆଉ ମତେ ଦୁଃଖ ଦେଉଛ ?

ସାଗର ସେମିତି ଚଢ଼ା ଗଳାରେ କହିଲେ– ତୁମେ ମୋର ଅକ୍ଷମତାର ସୁଯୋଗ ନେଉଛ ଅସୀମା । ଆଖି ହଗେଇ ସରକାରୀ ଚାକିରି ପାଇଁ ମୁଁ ଅକ୍ଷମ ହେଲାପରେ ଅନ୍ୟ ଉପାୟ ନପାଇ ଚାକିରି କରିବା ପାଇଁ ମୁଁ ତୁମକୁ ଅନୁମତି

Digitized by srujanika@gmail.com

ଦେଇଥିଲି । ଝଡ଼ ମୁହଁରୁ ଆମର ଏ ସଂସାରକୁ ବଞ୍ଚେଇବା ପାଇଁ ମୁଁ ତୁମକୁ ବାହାରକୁ ଛାଡ଼ିଥିଲି । କିନ୍ତୁ ତୁମେ ମୋ ଭିତରେ ଗୋଟେ ଝଡ଼ ସୃଷ୍ଟି କରିବା ପାଇଁ ପ୍ରତିଦିନ କିଛିନା କିଛି ସରଞ୍ଜାମ ଘରକୁ ଆଣୁଛ ।

ଅସୀମା ଆଉ କିଛି ନକହି ଚୁପ୍ ରହିଲେ । ଅମଜା ବାସନ, ଡେକଚି, କଡ଼େଇ ପାଇପ୍ ପାଖରେ ଥୁଆ ହୋଇଛି । ଘରର ଜିନିଷପତ୍ର ଏଣେତେଣେ ପଡ଼ିଛି । ପୁଅ ଖେଳିବାକୁ ବାହାରକୁ ଯାଇଛି । ଏଇଲେ ଖାଇବାକୁ ଆସିବ । ଅସୀମାକୁ ବି ଭୋକ ଲାଗିଲାଣି । ଜଳଖିଆ ତିଆରି କରିବାକୁ ହେବ । ସବୁଦିନେ ଏମିତି ଅନେକ କାମ ତା ବାଟ ଚାହିଁ ବସିଥାଆନ୍ତି । କିନ୍ତୁ ଅଫିସ୍‌ରୁ ଫେରି ସଙ୍ଗେ ସଙ୍ଗେ ପୁଣି କାମରେ ଲାଗିଯିବାକୁ ଅସୀମାକୁ ଭାରି କଷ୍ଟ ଲାଗେ ।

ଶାଢ଼ି ବଦଳାଇ ମୁହଁ ହାତ ଧୋଇ ଜଳଖିଆ ତିଆରି କରିବାକୁ ରୋଷେଇ ଘରେ ପଶିଲେ ଅସୀମା । ରୋଷେଇଘର ଦୁଆରମୁହଁ ଆବୋରି ସାଗର ବସି ରହିଲେ । ଅସୀମାଙ୍କ କାମର ବିଭିନ୍ନ ଶବ୍ଦକୁ କାନ ବଢ଼େଇ ଚିହ୍ନିଲେ । ଆଖି ଚାଲିଯିବା ଦିନଠୁ ଶବ୍ଦରୁ ସବୁକଥା ଠଉରେଇ ନେବାକୁ ଅଭ୍ୟାସ କରିଛନ୍ତି ସିଏ ।

ଅସୀମାଙ୍କ କାମର ଶବ୍ଦରୁ ସାଗର ଆଭାସ ପାଇଲେ ସବୁକାମ ଏକରକମ ଫୋପଡ଼ା ଫିଙ୍ଗା କଲାପରି କରୁଛନ୍ତି ଆଜି । ଅସୀମାକୁ ବୁଝାଇବାକୁ ଚେଷ୍ଟା କଲେ ସାଗର– ତୁମ ଉପରେ କାହାରି ସାମାନ୍ୟତମ ଅଧିକାର ମୁଁ ସହ୍ୟ କରି ପାରେ ନାହିଁ, ଏ କଥା କଣ ତୁମେ ଭୁଲିଗଲାଣି ?

ଅସୀମା କିଛି ନ କହି ସେମିତି କାମ କରି ଚାଲିଥିଲେ । ସାଗର କହିଲେ– କଲେଜ ଜୀବନରେ ପ୍ରିତିଶ୍ ତୁମକୁ ଥରେ ବାଜେ ମନ୍ତବ୍ୟ ଦେଇଥିଲା ବୋଲି ମୁଁ ତାକୁ ସମସ୍ତଙ୍କ ସାମ୍ନାରେ ନିସ୍ତୁକ ମାଡ଼ ଦେଇଥିଲି । ସେଇ ମାଡ଼ ଯୋଗୁ ସିଏ ରେଭେନ୍‌ସା କଲେଜ ବଦଳାଇ ତା ବାପାଙ୍କ ପାଖକୁ ସମ୍ବଲପୁର ଚାଲିଯାଇଥିଲା । ଏ କଥା ତୁମେ କଣ ଭୁଲିଗଲଣି ?

ଆଉ ଅବିନାଶ ସାର୍‌ଙ୍କ କଥା ? ଅବିବାହିତ ଇଂରାଜି ଅଧ୍ୟାପକ ଯିଏ ପ୍ରତିଦିନ ତୁମଠୁ ଇଂରାଜି ବହି ମାଗି କ୍ଲାସରେ ପଢ଼ାନ୍ତି । ଦିନେ ବହିଟା ଫେରେଇଲା

Digitized by srujanika@gmail.com

ବେଳେ କଣ ଜାଣି ତୁମ ହାତରେ ହାତ ଛୁଆଁଇ ଦେଇଥିଲେ । ସେ ଦିନ ଅବିନାଶ ସାର୍ କ୍ଲାସରୁ ବାହାରିବା ପରେ ମୁଁ ତାଙ୍କୁ ଧମକ ଦେଇଥିଲି ଆଉ ଦିନେ ତୁମଠୁ ବହି ନନେବା ପାଇଁ ।

କିନ୍ତୁ ତୁମେ ଅଫିସ ଗଲଦିନଠୁ ମୋର କୌଣସି କଥାକୁ ସହଜରେ ଗ୍ରହଣ କରି ପାରୁ ନାହିଁ । ତୁମେ ଅଫିସ ଗଲାପରେ ବାପିକୁ ମୁଁ କେତେ କଷ୍ଟରେ ସମ୍ଭାଳିଛି ତୁମେ ଜାଣ ଅସୀମା ? ମୋର ଆଖି ନାହିଁ ବୋଲି ସେ ମତେ ବିଭିନ୍ନ ବାଟରେ ଠକିବାକୁ ଚେଷ୍ଟା କରୁଛି । ମୁଁ ପଢ଼ିବାକୁ କହିଲେ ବହି ପାଉନାହିଁ ବୋଲି କହି ମୋତେ ଠକି ଦେଉଛି । ଲେଖିବାକୁ କହିଲେ ହାତରେ କଲମ ଧରି ମଧ୍ୟ କଲମ ହଜି ଯାଇଛି ବୋଲି ଅଭିଯୋଗ କରୁଛି । ଏ ସବୁ ମୁଁ ସହିଛି । କିନ୍ତୁ ତୁମ କାମ, କଥା ମୁଁ ଆଉ ସହି ପାରୁନାହିଁ ।

ଅସୀମା ତଥାପି କିଛି ଉତ୍ତର ନ ଦେଇ କାମ କରି ଚାଲିଲେ । ସାଗର ପୁଣି କହିଲେ– ତୁମେ ଏବେ କଣ ଦର୍ପଣରେ ନିଜକୁ ଦେଖୁ ନାହଁ ? ତୁମ ରୂପ କେତେ ସୁନ୍ଦର ମୁଁ ସିନା ଆଖି ହରାଇବା ଦିନଠୁ ଦେଖିପାରୁନାହିଁ ତୁମେତ ଦେଖି ପାରୁଥିବ ? ଏତେ ସୌନ୍ଦର୍ଯ୍ୟର ପସରା ନେଇ ତୁମେ ଘରୁ ଗୋଡ଼ କାଢ଼ିବାବେଳେ ମୋ ମନର ଆଶଙ୍କା ବଢ଼ି ଯାଉଛି । ସୁନ୍ଦର ଫୁଲଟିଏ ଦେଖିଲେ ସମସ୍ତଙ୍କ ଭିତରଟା ଖୋଲି ଖୋଲି ଯାଏ । ନାକ ବଢ଼େଇ ମହକ ଟାଣିବା ଚେଷ୍ଟାରୁ କେହି ବିରତ ହୁଅନ୍ତି ନାହିଁ । ଅଫିସ ମଝିରେ ଏତେ ସୁନ୍ଦର ଫୁଲ କୁଣ୍ଡଟିଏ ଦେଖିଲେ କିଏବା ନିକଟେଇ ନଯିବ ? ସବୁ ଆଖି ଠୁଳ ହୋଇଯାଉଥିବ ଫୁଲ ଉପରେ । ବିଭିନ୍ନ ଆଳରେ ଫୁଲକୁଣ୍ଡ ଘିରିପଟେ ସମସ୍ତେ ଚକର କାଟୁଥିବେ । ନିଜ ନିଜର ମୁଠା ଭିତରେ ଆଙ୍ଗୁଠି ଗୁଡ଼ାକ ହଲଚଲ ହେଉଥିବେ ଫୁଲ ତୋଳିବାକୁ ।

ତୁମେ ଏ ସବୁ କଣ କହୁଛ ? ତମ ମନରେ ତାହେଲେ ଏଇମିତି ନିହାତି କଦର୍ଯ୍ୟ ଧାରଣା ଗୁଡ଼ାଏ ପୂରାଇ ଦିନମାନ ଛଟପଟ ହୋଇ ଅନେଇ ରହିଛ ମୋ ଫେରିବା ବାଟକୁ ?

ନିଜ ଭିତରେ ଉଠି ଆସୁଥିବା କ୍ରୋଧକୁ ଚାପିରଖି କହିଲେ– ମୁଁ ଯାହା କହିଲି ସେ ସବୁ କ'ଣ ମିଛ କଥା ? ତୁମେ ସିନା କିଛି ଜାଣୁନା ଅସୀମା କିନ୍ତୁ

Digitized by srujanika@gmail.com

ତୁମେ ଅଫିସ ଗଲ ଦିନଠୁ ତୁମ ଉପରୁ ମୋର ଅଧିକାରର ପାଚେରୀ ଭାଙ୍ଗି ଭାଙ୍ଗି ଯାଉଛି । ତୁମେ ଦିନକୁ ଦିନ ମୁକୁଳା ଆଉ ମୁକ୍ତ ହୋଇ ଯାଉଛ ।

ତୁମେ ସିନା ଏଇ କେଇଦିନ ହେଲା ଅଫିସ ଯାଉଛ କିନ୍ତୁ ମୁଁ ସେ ଅଫିସକୁ ଆଠବର୍ଷ କାଳ ଯାଉଛି । ତୁମଠୁ ସେ ଅଫିସକୁ, ଅଫିସର ଲୋକମାନଙ୍କୁ ଢେର ନିକଟରୁ ଦେଖିଛି । ଅଫିସ ଭିତର ବାହାର ପଶି ବାହାରିଛି । ଅଫିସଲୋକଙ୍କ ଭିତର ବାହାର ମୋ ପାଇଁ ଅଜଣା ନୁହେଁ । ମାଂସଖିଆ ଆଖି ସମସ୍ତଙ୍କର । ମାଂସାଶି ସମସ୍ତେ । ସୁବିଧା ପାଇଲେ ନଖ, ଦାନ୍ତ, ଗଳେଇଦେବାକୁ କେହି ପଛେଇବେ ନାହିଁ । ନିଜର ନିଜର ବୋଲି ତୁମ ପାଖକୁ ଯିଏ ବେଶୀ ନିକଟେଇ ଆସିବ, ସିଏ ସବୁଠୁ ବେଶୀ ମାଂସାଶି ।

ଅସୀମାଙ୍କୁ ସାଗରଙ୍କ କଥାଟା ନିହାତି ଅଶ୍ଳୀଳ ଅଶ୍ଳୀଳ ଲାଗିଲା । ଅସୀମା ସେତେବେଳେ ଘରୁ ଚାଲିଆସି ଖଟ ଉପରେ ମୁହଁମାଡ଼ି ଶୋଇ କାନ୍ଦିବାକୁ ଲାଗିଲେ । ସାଗର ସେତେବେଳେ ଘର ଦୁଆର ମୁହଁରୁ ଉଠି ଅସୀମାଙ୍କ ମୁହଁ ପାଖରେ ବସିଲେ । ହାତ ବଢାଇ ଅସୀମାଙ୍କ ପଦ୍ମ-କୋମଳ ମୁହଁରୁ ଲୁହ ପୋଛୁ ପୋଛୁ କହିଲେ– ତୁମେ ମତେ ବୁଝିବାକୁ ଚେଷ୍ଟାକର ଅସୀମା । ମୁଁ ତୁମକୁ କେତେ ଭଲପାଏ, ଏତେ ଦିନ ଆମେ ଏକାଠି ରହିବା ଭିତରେ ତୁମେ ଯଦି ମାପି ପାରିଲ ନାହିଁ, ମୁଁ ତମକୁ କେମିତି ସେ କଥା ବୁଝେଇବି ?

ସକାଳୁ ଡ୍ରେସିଂ ଟେବୁଲ ଆଗରେ ନିଜକୁ ଠିଆ କଲେ ଅସୀମା । ନିଜକୁ ଦର୍ପଣରେ ଅସୀମାଙ୍କର ମୁହଁଟା ଖୁବ୍ ସୁନ୍ଦର ଦିଶୁଛି । ଚମକି ପଡ଼ିଲେ ଅସୀମା ସିଏ ଏତେ ସୁନ୍ଦର ଏକଥା ନିଜେ ଏଇ କେତେଦିନ ହେଲା ଭୁଲି ଯାଇଥିଲେ । ସାଗରଙ୍କ ଆଖି ନଷ୍ଟ ହେବା ଦିନଠୁ ତାଙ୍କ ଜୀବନର ସବୁ ନଷ୍ଟ ହୋଇଯାଇଛି ।

ଅସୀମା ଯେ ଯା ଭିତରେ ଦର୍ପଣ ଆଗରେ ଠିଆ ହୋଇ ନଥିଲେ ତାହା ନୁହେଁ । ମଥାରେ ସିନ୍ଦୁର ଲଗାଇବା ବେଳେ ଦର୍ପଣ ସାମ୍ନାରେ ଠିଆ ହୁଅନ୍ତି ଅସୀମା କିନ୍ତୁ ତାଙ୍କ ଦୃଷ୍ଟି ସୀମିତ ରହିଯାଏ କେବଳ କପାଳରେ । ମୁଣ୍ଡ କୁଣ୍ଡାଇବା ପାଇଁ ଦର୍ପଣ ଆଗରେ ଠିଆହୋଇ ସେ ଦେଖୁଛନ୍ତି କେବଳ ତାଙ୍କର କେଶଗୁଚ୍ଛକୁ । କିନ୍ତୁ ଏଇ ପ୍ରଥମ ଦେଖୁଛନ୍ତି ତାଙ୍କ ନିଜ ଛବିକୁ । ଏ ଦେହରେ ଏବେବି ଏତେ

Digitized by srujanika@gmail.com

ରୂପ, ଏତେ ରଙ୍ଗ ! ଠିକ୍ କଲେଜ ପଢା ଦିନର ଅସୀମା ଦର୍ପଣ ଭିତରେ ଠିଆ ହୋଇଛି ।

ଏଇ ରୂପ ପାଇଁ ସାଗର ଦିନେ ନିଜ ପରିବାରକୁ ପଛ କରି ତାଙ୍କ ହାତରେ ହାତଛନ୍ଦି ନେଇ ଆସିଥିଲେ । ଆଜି ସେଇ ରୂପପାଇଁ ସାଗର ତାଙ୍କୁ ସନ୍ଦେହ କରୁଛନ୍ତି । ତାଙ୍କ ହାତରୁ ହାତ ଖସି ଯିବାର ଭୟରେ ତାଙ୍କ ଦେହରେ ଖଇଫୁଟା ତାତି ।

ଦର୍ପଣରୁ ଆଖି ଉଠାଇ ଅସୀମା ଚାହିଁଲେ କାନ୍ଥରେ ଟଙ୍ଗାହୋଇଥିବା ସାଗରଙ୍କର ଏନ୍‌ଲାର୍ଜଡ଼ ଫଟୋକୁ । ଖୁବ୍ ସୁନ୍ଦର ଦିଶୁଛନ୍ତି ସାଗର କାନ୍ଥରେ ଥିବା ଫଟୋରେ । ଆଉ ସବୁ ଥାଇ କେବଳ ଆଖି ଦୁଇଟା ହିଁ ସାଗର କେଡ଼େ କୁତ୍ସିତ, ବିଭତ୍ସ ଦିଶୁଛନ୍ତି ! ଆଖି ତା ହେଲେ ସୌନ୍ଦର୍ଯ୍ୟର କେନ୍ଦ୍ରବିନ୍ଦୁ ।

ସେ ଦିନ ଥିଲା ରବିବାର । ଦିନ ଏଗାରଟା ବେଳକୁ ଅସୀମାଙ୍କ ଅଫିସ୍ ଗାଡ଼ି ଆସି ପହଞ୍ଚିଲା । ଗାଡ଼ିରେ ଡ୍ରାଇଭର ସାଙ୍ଗରେ ଆସିଛି ଅଫିସ ପିଅନ ଅରକ୍ଷିତ ।

ଅରକ୍ଷିତ କହିଲା– ଅସୀମା ଦିଦି । ଡାଇରେକ୍ଟର ଗାଡ଼ି ପଠେଇଛନ୍ତି ଅଫିସ ଚାଲ । କାଲି କ'ଣ ମନ୍ତ୍ରୀଙ୍କ ପାଖରେ ମିଟିଂ ଅଛି, କଣ ସବୁ କାମ ହେବ । ବଡ଼‌-ବାବୁ ଆଉ ଷ୍ଟେନୋବାବୁ ଗଲେଣି ।

ଅସୀମା ଆଶ୍ଚର୍ଯ୍ୟ ହୋଇ କହିଲେ– ସାର୍‌ତ କାଲି କିଛି କହୁନଥିଲେ, ଚିଠି ପିଠି କିଛି ବି ଆସିନଥିଲା । ଆଜି ଏମିତି ହଠାତ୍... ...

: ମୁଁ ଏତେକଥା ଜାଣିନେଇଁ । ଡ଼ାଇରେକ୍ଟର ଡକେଇଛନ୍ତି ତମେ ଚାଲ ।

ଅସୀମା କହିଲେ– ତମେ ଟିକେ ଅପେକ୍ଷା କର ଅରକ୍ଷିତ । ମୁଁ ଶାଢି ବଦଳାଇ ଆସୁଛି ।

ସାଗର ଗର୍ଜି ଉଠିଲେ– ତମେ ଯାଇପାରିବ ନାହିଁ ଅସୀମା ।

ଅସୀମା ସାଗରଙ୍କୁ ବୁଝାଇବାକୁ ଚେଷ୍ଟା କଲେ– ଡ଼ାଇରେକ୍ଟର ଗାଡ଼ି ପଠେଇଛନ୍ତି ମୁଁ ନଗଲେ କଥାଟା ଭଲ ହେବନାହିଁ । ତାଛଡା ମୁଁ ନଗଲେ ମୋ ଫାଇଲ ପତ୍ର ସେମାନେ ପାଇବେ ନାହିଁ ।

: ଫାଇଲ ପତ୍ର ତୁମେ କ'ଣ ଘରକୁ ନେଇ ଆସିଛ ? ସବୁ ସେଇଠି ଅଛି ତୁମ ପାଇଁ କିଛି ଅଟକି ରହିବ ନାହିଁ । କିନ୍ତୁ ତମ ପରି ଜଣେ ସୁନ୍ଦରୀ ତରୁଣୀ ନଗଲେ ଛୁଟି ଦିନରେ କାମ ପ୍ରତି ଆକର୍ଷଣ ଆସିବ ନାହିଁ ।

Digitized by srujanika@gmail.com

ଅସୀମା ଆହତ ହେଲେ । ସାଗରଙ୍କ ମୁହଁକୁ ଚାହିଁଲେ । ଆଖି ହଗର ତାଙ୍କ ମୁହଁଟା ଯେତିକି କୁହିତ ଦିଶୁଥିଲା ତାଠୁ ଅଧିକ ଭୟଙ୍କର ଦିଶୁଥିଲା ତାଙ୍କ ଅନ୍ତରର ଆବର୍ଜନାର ଛବିଟା ତାଙ୍କ ମୁହଁ ଉପରେ ।

ଅସୀମା କହିଲେ— ତୁମେ ଏ ସବୁ କଣ କହୁଛ ?

: ତୁମେ ଚୁପ ରୁହ ଅସୀମା । ମୁଁ ଅର୍କେଷ୍ଟ୍ରକୁ ଯାହା କହିଲି ସିଏ କହିଦେବ । ତେଣିକି ଯାହା ହେବ ମୁଁ ବୁଝିବି ।

: ତୁମେ ଆଉ ବୁଝିବ କ'ଣ ? ଏ ଡାଇରେକ୍ଟରଙ୍କ ଘରି ଘଗି । ଥରେ ଯାହା ଉପରେ ଗୁଞ୍ଜ ରଖିବେ ତାକୁ ତଳିତଳାନ୍ତ କରିଦେବେ । ମତେ ଯିବାକୁ ହେବ ।

: ଏ ସବୁ ବାଜେ କଥା ମୁଁ ଶୁଣିବାକୁ ପ୍ରସ୍ତୁତ ନୁହେଁ । ଆଜି ରବିବାର । ତୁମେ ଆଜି ଅଫିସ ନଗଲେ ଡ୍ରାଇରେକ୍ଟର କ'ଣ କରିବେ ମୁଁ ଦେଖିବି । ଏତେ ଲୋକ ଅଫିସ ଯାଉଛନ୍ତି, ତମେ ନଗଲେ କ'ଣ ସେମାନେ ତମ କାମ ଚଳେଇ ନେବେ ନାହିଁ ?

: କାହାପାଇଁ କାମ ଅଟକି ଯାଏ ନାହିଁ । କିନ୍ତୁ ଯିଏ ନଯାଏ ତା କାମ ଅଟକି ଯାଏ । ତା ଉପରେ ସମସ୍ତେ ଦାଉ ସାଧନ୍ତି ।

: ହଁ ଅସୀମା ମୁଁ ବୁଝୁଛି, ତମେ ତାଙ୍କ ପ୍ରେରଣାର ଉତ୍ସ । ତୁମକୁ ନଦେଖିଲେ ତାଙ୍କ କଲମ ଚାଲିବ ନାହିଁ । ଛୁଟି ଦିନରେ ଜଣେ ସୁନ୍ଦରୀ ତରୁଣୀ ପରିବେଶକୁ ମନୋରମ କରେ, ଉଷ୍ମକରେ ।

: ତୁମେ ବାହାର ଲୋକଙ୍କ ଆଗରେ ଏସବୁ କଣ କହିଯାଉଛ ?

: ଢେର ହେଲାଣି ଅସୀମା । ବାରମ୍ବାର ଡେରିରେ ଅଫିସରୁ ଫେରିବା, ଛୁଟି ଦିନରେ ଅଫିସ ଯିବା, ଯା ତା ଗାଡ଼ିରେ ବସି ଘରକୁ ଫେରିବା ... ... ମୁଁ ଆଉ ଅଧିକ ବରଦାସ୍ତ କରିପାରିବି ନାହିଁ । ତୁମେ ଆଜି ଅଫିସ ଯାଇପାରିବ ନାହିଁ ।

ଅସୀମା ଗର୍ଜି ଉଠିଲେ— ମୁଁ ଯିବି । ତୁମ ଖେୟାଲକୁ ସମ୍ମାନ ଦେଖାଇ ମୁଁ ଚାକିରିଟା ଛାଡ଼ିଦେଇ ପାରିବି ନାହିଁ । କାରଣ ଚାକିରିଟା ବର୍ତ୍ତମାନ ଆମର

Digitized by srujanika@gmail.com

ଏକମାତ୍ର ଅବଲମ୍ବନ । ଗ୍ରକିରିରେ ସାମାନ୍ୟତମ ଆଞ୍ଚ ଆସିଲେ ଆମ ସଂସାର ଓଲଟି ପଡ଼ିବ ।

: ସେ ଯାହା ହେଉ ଅସୀମା ତମେ ଆଜି ଅଫିସ ଯାଇପାରିବ ନାହିଁ । ଏମିତି ଛୁଟି ଦିନରେ ଅଫିସ ଯିବାଟା ମୋର ପସନ୍ଦ ନୁହେଁ ।

: ପସନ୍ଦ ଅପସନ୍ଦର କଥା ଏଠି ଉଠୁନାହିଁ । ଡାଇରେକ୍ଟର ଗାଡ଼ି ପଠେଇଛନ୍ତି ଅଫିସରେ ଜରୁରୀ କାମ ଅଛି । ମୋତେ ଯିବାକୁ ହେବ । ନଗଲେ ଗ୍ରକିରି ଉପରେ ଆଞ୍ଚ ଆସିବ । ତୁମ ଗ୍ରକିରି ଆଉ ଆଖୁ ବଦଳରେ ମୋତେ ଏ ଯେଉଁ ଗ୍ରକିରି ଖଣ୍ଡକ ମିଳିଛି ତା ଉପରେ ଆଞ୍ଚ ଆସିବାକୁ ମୁଁ ସୁଯୋଗ ଦେବିନାହିଁ । ବାପୁ ଶୋଇଛି । ବିସ୍କୁଟ ଅଛି, ସିଏ ଉଠିଲେ ତାକୁ ଖାଇବାକୁ ଦେବ । କାମ ସରିଲେ ମୁଁ ଫେରି ଆସିବି ।

ସାଗରଙ୍କର ଆପତ୍ତି ନମାନି ଅସୀମା ଅଫିସ ଗାଡ଼ିରେ ସେଦିନ ଅଫିସ ଗ୍ଲଲିଗଲେ । ସାଗର ଭିତର ସିଂହଟା ଗର୍ଜୁଥିଲା, ହେଣ୍ଡାଳୁଥିଲା ଯନ୍ତା ଭିତରେ । ଲୁହା ରେଲିଂ ସବୁକୁ ଦାନ୍ତରେ ଘଡ଼ ଘଡ଼ କରି ଗ୍ରେବାଉ ଥିଲା ।

ଅବଶ୍ୟ ସେଦିନ ସଂଧ୍ୟା ପୂର୍ବରୁ ଅଫିସ କିପରେ ଘରକୁ ଫେରିଥିଲେ ଅସୀମା । କିନ୍ତୁ ଘର ଭିତରେ ସାଗରଙ୍କର ଭୟଙ୍କର ମୂର୍ତ୍ତିକୁ ଦେଖି ଭୟ ପାଇପାଇ ଥିଲେ ସିଏ ।

ରାତିରେ ସାଗର ଖାଇଲେ ନାହିଁ କି ଅସୀମାକୁ କିଛି କହିଲେ ନାହିଁ । ଗଣ, ନିୟମ, ଅନୁନୟ ବିନୟ ସବୁ ବୃଥା ହେଲା । ନ ଖାଇ, ନ ଶୋଇ ଖମ୍ଭପରି ବସି ରହିଲେ ରାତିସାରା ।

ପରଦିନ ସକାଳକୁ ସାଗରଙ୍କ ଭିତର ଝଡ଼ଟା ଥମି ଥମି ଆସୁଥିଲା । ସେ ଖାଇଲେ କିନ୍ତୁ ମୁହଁଟା ଅଲଗା ଦିଶୁଥିଲା । ତା ପରଦିନ ଆଉଟିକେ ସହଜ ଜଣାଗଲେ ସାଗର । ଅକ୍ଷାଂଶ ଦ୍ରାଘିମା ପରି କେଇଟା ରେଖା ତାଙ୍କ ମୁହଁରେ ସେମିତି ଟାଣିହୋଇ ରହିଲା । ବହୁ କଷ୍ଟରେ ପଦେ ଅଧେ କଥାବାର୍ତ୍ତା ଅସୀମା ସହିତ ଆଉ ବାପୁ ସହିତ ଟିକେ କୃତ୍ରିମ ହସଖୁସି । ବାସ ସେତିକି । ମନେହେଲା

Digitized by srujanika@gmail.com

ଏ ବରଷା

ସତେ ଯେମିତି ନିଜଭିତରେ ନିଜକୁ ପକେଇ ମାଡ଼ିବସିଛନ୍ତି ସାଗର । ଘୁରିଆଡୁ ଘପିଧରିଛନ୍ତି ସେ । ପଦାକୁ ଟିକେହେଲେ ଚିତ୍କାର ଶବ୍ଦାଟପି କାହାରି କାନରେ ପଡୁନାହିଁ । କେବଳ ତାଙ୍କ ଛାତିଟା ବେଳେବେଳେ ଥରିଉଠୁଛି ଯେମିତି ତାଙ୍କ ଭିତରେ ଥାଇ କିଏ ପଦପ୍ରହାର କରୁଛି । ଉଠ ପଡ଼ ହେଉଛି ।

ଘରିରେ ଶୋଇଛନ୍ତି ଅସୀମା । ତାଙ୍କର ଗୋଟେ କଡ଼କୁ ବାପୁ ନିଘୋଡ଼ ନିଦରେ ଶୋଇଛି । ଅସୀମାଙ୍କ ବେକଠାରୁ ମୁହଁ ପର୍ଯ୍ୟନ୍ତ ହାତପରି କ'ଣ ଗୋଟେ ଖୁବ୍ ହାଲୁକା ଭାବରେ ବୁଲିଗଲା । ଟାଣ ନିଦ ଭିତରେ କିଛି ଜାଣିପାରିଲେ ନାହିଁ ଅସୀମା । କଡ଼ଲେଉଟାଇ ବାପୁ ଆଡ଼କୁ ପିଠିକରି ଶୋଇଲେ ।

ହଠାତ୍ ଯନ୍ତ୍ରଣାରେ ଚିତ୍କାର କରିଉଠିଲେ ଅସୀମା । ତାଙ୍କ ବାଆଁ ଗାଲରେ ଯେମିତି କିଏ ତରଳ ନିଆଁ କରଚୁଲିଏ ଅଜାଡ଼ି ଦେଇଛି । ତାଙ୍କ ମୁହଁଟା ଜଳିଯାଉଛି ।

ସାଗର ଅସୀମାଙ୍କୁ କୁଣ୍ଢାଇଧରି କହିଲେ– ସବୁ ଠିକ ହୋଇଯିବ ଅସୀମା । ତୁମେ ବ୍ୟସ୍ତ ହୁଅନା । ଆଉ ଘଣ୍ଟେ ଦୁଇଘଣ୍ଟା ହୁଏତ ତୁମ ମୁହଁଟା ଏମିତି ପୋଡ଼ିବ । ସକାଳ ହେବାକୁ ଆଉ ବେଶୀ ଡେ଼ରିନାହିଁ, ଧୈର୍ଯ୍ୟଧର ।

ଅସୀମା ଯନ୍ତ୍ରଣାରେ ଚିତ୍କାର କରୁ କରୁ କହିଲେ– ଆଃ ମୋ ମୁହଁଟା ଏମିତି ଛଳିଗଲପରି ପୋଡୁଛି କାହିଁକି ? ଓଃ ଏ ଯନ୍ତ୍ରଣା ମୁଁ ଆଉ ସହିପାରୁ ନାହିଁ ।

ଅବିଚଳିତ କଣ୍ଠରେ ସାଗର କହିଲେ– ମୁଁ ତୁମ ମୁହଁରେ ନାଇଟ୍ରିକ ଏସିଡ଼ ଢାଳିଛି ଅସୀମା ।

ଅସୀମା ଗର୍ଜି ଉଠିଲେ– ତୁମେ ଏତେ ତଳକୁ ଯାଇପାରିଲ ? ତୁମେ ଏତେ ମିନ ? ତମ ଦେହ କେମିତି ସହିଲା ନିଜ ସ୍ତ୍ରୀ ମୁହଁରେ ଏସିଡ୍ ଢାଳିବାକୁ ? କେମିତି ଚଳିଲା ତୁମ ହାତ ମୋ ମୁହଁରେ ନିଆଁ ଜୁଡ଼େଇ ବିକଳାଙ୍ଗ କରିବାକୁ ?

ମୋ ପାଇଁ ତମେ ଚିର ସୁନ୍ଦର ଅସୀମା । ତୁମର ଏ ବିକଳାଙ୍ଗ ମୁହଁ ଦେଖିବାକୁ ମୋପାଖରେ ଆଖି ନାହିଁ । ବରଂ ମୁଁ ଏସିଡ ନଢାଳିଥିଲେ ମୋ ପାଖରେ ଥିବା ତୁମର ସୁନ୍ଦର ମୁହଁର ଛବିରେ ନିଆଁ ଲଗିଯାଇ ଥାଆନ୍ତା । ତୁମର ସେ ଛବିରେ ଏଇ କେଇଦିନ ହେଲା ନିଆଁ ଧରିଆସୁଥିଲା । ଏସିଡ଼ ଢାଳି ସେ ନିଆଁକୁ ମୁଁ ଲିଭେଇ ପାରିଛି । ଆଉ ଏଣିକି ତୁମକୁ ପାଇବା ପାଇଁ ଏ ଅନ୍ଧ ସହିତ ପ୍ରତିଯୋଗିତା କରିବାକୁ କେହି ଆଗ୍ରହି ହେବେ ନାହିଁ ।

ଅସୀମା ବିକଳ ହୋଇ କାନ୍ଦୁଥିଲେ । ଶ୍ରାବଣର ବାଦଲପରି ବର୍ଷିଯାଉଥିଲେ । ଏ ବରଷା ଯେମିତି ଆଉ ଥମିବାର ନୁହେଁ ।

●

Digitized by srujanika@gmail.com

ସଂପର୍କର ଚିନିଗାର

ସୀମାଦ୍ରି ବାବୁ ସେଦିନ ଅଫିସରୁ ଫେରୁ ଫେରୁ ରାତି ଆଠଟା ହୋଇଗଲା । ସାଇକେଲଟା ସିଡ଼ିଘରେ ଥୋଇ ପରିବା ବ୍ୟାଗ୍ ଦୁଇଟାକୁ ଦୁଇ ହାତରେ ଟେକି ଆଣିଲେ ଘରକୁ ।

ହେମାଙ୍ଗୀ ଚିତ୍କାର କରି ଏକରକମର ସୀମାଦ୍ରିଙ୍କୁ ଖେଙ୍କି ଉଠିଲେ– ତମେ ଏକୁଟିଆ ଚାକିରି କରୁଚନା ଆଉ କିଏ ଚାକିରି କରିଛି ? ସବୁଦିନ ଫେରୁ ଫେରୁ ରାତି ଆଠ, ନଅ ।

ପୁଅ ଝିଅ ଦିହିଁକି ଦିହେଁ କଲେଜ ଯାଉଚନ୍ତି, ଏ ଯାଏ ଫେରି ନାହାନ୍ତି । ତମରି ଯୋଗୁ ସମସ୍ତେ ବେଶାସନିଆ ହେଇଗଲେଣି । ତମେ ତ ଫେରିବ ଏତେବେଳେ ସେମାନଙ୍କୁ ଶାସନ କରିବ କିଏ ? ମୋ କଥାକୁ ସେମାନେ କ'ଣ ଖାତିର୍ କରୁଚନ୍ତି ।

ସୀମାଦ୍ରି କିଛି ନ କହି ପ୍ୟାଣ୍ଟ ସାର୍ଟ ବଦଳାଇ ଲୁଙ୍ଗି ପିନ୍ଧିଲେ । ହେମାଙ୍ଗୀ ସ୍ୱାମୀଙ୍କ ପାଖକୁ ଯାଇ କହିଲେ– ତୁମକୁ କ'ଣ ଶୁଭୁନାହିଁ ନା କ'ଣ ? ତୁମ ଗୁଣବନ୍ତ ପୁଅ ଯୁଆଡେ ଚାଲେ ଚଳ, ତା ପାଇଁ ଚିନ୍ତା ନାହିଁ । ବୁଲି ବୁଲି ଖାଇବାବେଳ ହେଲେ ସିଏ ନିଶ୍ଚେ ଆସିବ । ହେଲେ ସିତା ଏ ଯାଏ କୁଆଡ଼େ ଗଲା ? ବଢିଲା ଝିଅଟା, ବେଳକାଳ ଯାହା ହେଲାଣି ମତେ ଭାରି ଡର ମାଡୁଚି ।

ସୀମାଦ୍ରି କିଛି ନ କହି ଗୋଡହାତ ଧୋଇବା ପାଇଁ ଗାଧୁଆ ଘରେ ପଶିଲେ । ହେମାଙ୍ଗି ତାଙ୍କ ପଛେ ପଛେ ଯାଇ ଗାଧୁଆ ଘର ଆଗରେ ଠିଆହୋଇ ସୀମାଦ୍ରିଙ୍କୁ ଶୁଣେଇ ଶୁଣେଇ କହିଲେ– ମଲା, କେମିତିଆ ମଣିଷ ମ ତମେ ? ମୋ କଥା କଣ' ତୁମକୁ ଶୁଭୁନେଇ ? ଝିଅଟା ତା' ସାଙ୍ଗସାଥୀ ଘରେ କୋଉଠି ଅଟକି ଯାଇଥିବ, ଟିକେ ପଚାରି ବୁଝିଲେ ତୁଅନ୍ତା ନେଇଁ ?

ସୀମାଦ୍ରି ତଥାପି କିଛି ନକହି ଲୁଙ୍ଗି ବଦଳାଇ ଧୋତି ପିନ୍ଧି ପ୍ରାର୍ଥନା କରିବାକୁ ବସିଲେ ।

Digitized by srujanika@gmail.com

ହେମାଙ୍ଗୀ ଏଥର ଆଉ ସହିପାରିଲେ ନାହିଁ । ସକ୍ ସକ୍ ହୋଇ କାନ୍ଦି ପକାଇଲେ । କାନ୍ଦ କାନ୍ଦ ହୋଇ କହିଲେ–ମତେ ତମେ କ'ଣ ବୋଲି ପାଇଛ କି ? ସେତିକି ବେଳୁ ମୁଁ ତମ ପଛେ ପଛେ ଗୋଡ଼େଇଛି ମୋ କଥାକୁ ଖାତର ନାହିଁ କି ଜବାବ ନାହିଁ । କଣପେଇଁ ଏତେ ହତାଦର ? ମୁଁ କ'ଣ ତମ ଆଖିକି ମଣିଷମିତି ଦିଶୁନେଇଁ ?

ହେମାଙ୍ଗି ଏତକ କହିବା ଭିତରେ ଦେଖିଲେ ସୀମାଦ୍ରି ଆଖିବୁଜି ପ୍ରାର୍ଥନାରେ ବସିଲେଣି । ଦିନେ କାହେଁ ସିଏ ପ୍ରାର୍ଥନା କରନ୍ତି ନାହିଁ, ଆଜି ନୂଆକରି ପ୍ରାର୍ଥନା ପୁଣି ଆଖିବୁଜି ଧ୍ୟାନରତ ।

ହେମାଙ୍ଗି ଗର୍ଜନ କରି କରି ଥକିଲେ ତଥାପି ସୀମାଦ୍ରି ଧ୍ୟାନରେ ବସିଚନ୍ତି । ପରିବା ବ୍ୟାଗ୍ ନେଇ ରୋଷେଇ ଘରେ ପଶିଲେ ହେମାଙ୍ଗୀ । ପରିବା କାଟି ତର୍କାରୀ ବସେଇ ଦେଲେ ।

ତଳେ ଗୋଟେ କାର୍ ରହିବାର ଶବ୍ଦ ଶୁଭିଲା । ବାଲ୍‌କୋନିକୁ ଧାଇଁଗଲେ ହେମାଙ୍ଗୀ । ଗାଡ଼ିରୁ ଓହ୍ଲାଇଲା ସ୍ମିତା । ଗୋଟେ ହାତରେ ବହିପତ୍ର ଧରିଛି ଆର ହାତରେ ଗାଡ଼ିରେ ବସିଥିବା ଯୁବକଟିକୁ ଟା... ଟା... କଲା ।

ହେମାଙ୍ଗୀ ରାଗରେ ଦାନ୍ତ କାମୁଡ଼ି ଦେଲେ । କମ୍ ସାହସ ନୁହେଁତ ଏ ଟୋକାର !

ସ୍ମିତା ଘରକୁ ପଶି ଆସୁ ଆସୁ କହିଲା ବୋଉ ! ମୋ ସାଙ୍ଗ ମୌସୁମୀର ଆଜି ଜନ୍ମଦିନ । ସେଇଠି ଟିକେଡ଼େରି ହୋଇଗଲା । ତା, ଭାଇ ସୌମେନ୍ଦୁ ଗାଡ଼ିରେ ଆଣି ଛାଡ଼ିଦେଇ ଗଲେ ।

ହେମାଙ୍ଗୀ ଗର୍ଜନକରି ଉଠିଲେ- ଏତେ ବଡ଼ ଝିଅଟାଏ ହେଲୁଣି ତୋର ବୁଦ୍ଧି ଅକଲ ଟିକେ ହେଲନାହିଁ ? ଏତେ ରାତିରେ ବାହାର ଟୋକାଙ୍କ ସାଙ୍ଗରେ ଘରକୁ ଫେରିଲେ ସାଇ, ପଡ଼ିଶା, କ'ଣ ଭାବିବେ ?

ସ୍ମିତା ମୁଣ୍ଡ ତଳକୁ କରି କିଛି ସମୟ ଠିଆହେଲା । ତାପରେ ଶାଢ଼ି ବଦଳାଇବାକୁ ଗଲା ।

ତା ପଛେ ପଛେ ଆସି ପହଞ୍ଚିଲା ପୁଅ ଶୁଭ୍ରାଂଶୁ । ସିଏ ବୋଧହୁଏ ସିନେମା ଦେଖି ଫେରିଛି ।

Digitized by srujanika@gmail.com

ହେମାଙ୍ଗୀ ପୁଅକୁ କିଛି ଆକଟ କରି କହିବାକୁ ଭୟ କରୁଛନ୍ତି । ତାକୁ କେବଳ ବଡ଼ ବଡ଼ ଆଖି କାଢି ଗ୍ଜହିଁଲେ । ସିଏ ସିଧା ପଶିଗଲା ସାମାଦ୍ରି ଧ୍ୟାନରେ ବସିଥିବା ବଖରକୁ । ଅଦ୍ଭୁତ ଦୃଶ୍ୟଟିଏ ଦେଖିବାପରି ବୁଲି ବୁଲି ସିଏ ସାମାଦ୍ରିଙ୍କୁ ଗ୍ଜହିଁଲା ।

ମାଆ, ପୁଅ, ଝିଅ ତିନିହେଁ ସାମାଦ୍ରିଙ୍କ ଚ୍ଜରିପଟେ ଘେରି ଠିଆହେଲେ । ରାତି ଦଶଟା ବାଜିଲାଣି ତଥାପି ଧ୍ୟାନରେ ବସିଛନ୍ତି ସାମାଦ୍ରି ।

ହେମାଙ୍ଗୀ ଆଉ ସମ୍ଭାଳି ନପାରି ସାମାଦ୍ରିଙ୍କ ଡ଼ାହାଣ ହାତକୁ ଧରି ଝୁଙ୍କେଇଦେଇ କହିଲେ– କ'ଣ ସେତିକିବେଳୁ ବସି ତପସ୍ୟା କରୁଚ ରାତି ଅଧ ହେଲାଣି ? ରୋଷେଇ ସରିଲାଣି । ତପ ଭଙ୍ଗ, ଖାଇବ ଆସ ।

ସାମାଦ୍ରି ଆଖିଖୋଲି ଗ୍ଜହିଁଲେ । ନୂଆ ମଣିଷମାନଙ୍କ ମୁହଁ ଦେଖିବା ପରି ପୁଅ, ଝିଅ ଆଉ ସ୍ତ୍ରୀଙ୍କ ମୁହଁକୁ କଟମଟକି ଅନେଇଲେ ।

ହେମାଙ୍ଗୀ ତାଙ୍କ ପାଖରେ ବସିପଡ଼ି ତାଙ୍କୁ ହଲାଇଦେଇ କହିଲେ– ତମ ମୁଣ୍ଡ କଣ ଠିକ୍ ନାହିଁ ? ଏମିତି ବାଇ ବାଇକି ଗ୍ଜହିଁଚ କଣ ? କଥା କହୁନ ? ଦେହ କଣ ହଉଚିକି ?

ତଥାପି ସାମାଦ୍ରି ନୀରବ । ଶୁଭ୍ରାଂଶୁ ମୁହଁ ଖୋଲିଲା– ବୋଉ ! ମତେ ଲାଗୁଛି ବାପାଙ୍କର ମୁଣ୍ଡ ଖରାପ ହୋଇଗଲାଣି । ତୁ ଉଠିଲୁ ମୁଁ ତାଙ୍କୁ ଦେଖେ ।

ଶୁଭ୍ରାଂଶୁ ସାମାଦ୍ରିଙ୍କ ମୁହଁକୁ କଟମଟକି ଅନାଇଁ ରହିଲା । ମନେ ମନେ ଅଙ୍କ କଷିଲା ପରି ବାପାଙ୍କ ମୁହଁରୁ ପାଗଳାମିର ଲକ୍ଷଣଗୁଡ଼ାକ ହିସାବ କରିବାକୁ ଲାଗିଲା ।

ସ୍ମିତା ବାପାଙ୍କ ପିଠି ଆଉଁସୁ ଆଉଁସୁ ପଚ୍ଜରିଲି– ବାପା ! ତମ ଦେହ କ'ଣ ଟିକେ ଖରାପ ଲାଗୁଛି ? ମୁଣ୍ଡ ବୁଲାଉଛି କି ? ମୋ ମୁହଁକୁ ଗ୍ଜହିଁଲ, ମତେ ଚିହ୍ନି ପାରୁଛଟି ? ମୁଁ ତମ ଝିଅ ସ୍ମିତା ।

ହେମାଙ୍ଗୀ ବଡ ପାଟିରେ କାନ୍ଦି ପକେଇଲେ– ଇଏ ତମର କଣ ହେଲା ? ହେ ମାଆ, ମୁଁ କ'ଣ କରିବି ? ଏଇଲେ ମତେତ କିଛି ବୁଦ୍ଧି ଦିଶୁନେଇଁ ।

Digitized by srujanika@gmail.com

ଆରେ ଶୁଭ ତୁ ଟିକେ ତଳଘରୁ ରଥ ମଉସାଙ୍କୁ ଡ଼ାକି ଆଣ ଟି । ସିଏ ଦେଖନ୍ତୁ କଣ ହେଇଚି ।

ସାମାଦ୍ରି ଏଥର ମୁହଁ ଖୋଲିଲେ– କାହାରିକୁ ଡ଼ାକିବା ଦରକାର ନାହିଁ । ମୋର କିଛି ହୋଇନାହିଁ ।

ହେମାଙ୍ଗୀ ଅଣ୍ଟାରେ ଲୁଗା ଗୁଡ଼ାଇ କହିଲେ– ଆଉ କ'ଣ ତମେ ପେଖନା ବାହାର କରୁଥିଲ ? ଏତେବେଳଯାଏ ଇଏ କି ନବରଙ୍ଗ ଲଗିଥିଲ ?

ସାମାଦ୍ରି ଆଉ କିଛି ନକହି ଉଠିଆସି ଖଟ ଉପରେ ବସିଲେ । ଟାଉଏଲ୍‌ରେ ମୁହଁ ପୋଛିଲେ ।

ଶୁଭ୍ରାଂଶୁ ପଚାରିଲା–ବାପା, ତମର ଆଜି କ'ଣ ହେଇଚି ?

ହେମାଙ୍ଗୀ ଧମକ ଦେଇପରି ପଚାରିଲେ– ତମ ପାଟିରେ କ'ଣ ମଣ୍ଡା ପଶିଚି ? ଏମିତି ଚୁପ ରହିଲ କାହିଁକି ? ପିଲାମାନେ କ'ଣ ପଚାରୁଚନ୍ତି ଜବାବ ଦଉନା ?

ସାମାଦ୍ରି ତାଙ୍କ ସ୍ତ୍ରୀ ହେମାଙ୍ଗୀ, ପୁଅ ଶୁଭ୍ରାଂଶୁ ଆଉ ଝିଅ ସୁଚିତାର ମୁହଁ ଉପରେ ଥରେ ଆଖି ବୁଲାଇ ଆଣିସାରି କାନ୍ଥ କଡ଼କୁ ମୁହଁ ବୁଲାଇ ବସିଲେ । ହେମାଙ୍ଗୀ କାନ୍ଦ କାନ୍ଦ ସ୍ୱରରେ କହିଲେ– ତମେ ଯେତେ ମନାକଲେ ମୁଁ ମାନିବି ନାହିଁ । ନିଶ୍ଚେ ତମର ମୁଣ୍ଡ ଫୁଣ୍ଡ କଣ ହେଇଚି । ନହେଲେ ତମେ ଏମିତି ପାଗଳଙ୍କପରି ହୁଅନ୍ତ କାହିଁକି ?

ସାମାଦ୍ରି ଗମ୍ଭୀର କଣ୍ଠରେ କହିଲେ– ମୋ ମୁଣ୍ଡ ଠିକ୍ ଅଛି । ମୋ ପାଇଁ ତମେ କେହି ବ୍ୟସ୍ତହେବା ଦରକାର ନାହିଁ । ଏଣିକି ସମସ୍ତେ ନିଜ ନିଜ କଥା ବୁଝ । ଆଜିଠୁ ମୁଁ ଆଉ କାହାର ଦାୟିତ୍ୱ ନେଇ ପାରିବି ନାହିଁ ।

–କାହାକୁ ତମେ ଏମିତି ମୁଣ୍ଡେଇଥିଲ ? ତମେ ମୁଣ୍ଡ ହଲେଇ ଦେଲେ ତଳେ ପଡ଼ି କିଏ ଚୁନ୍ ଚୁନା ହେଇଯିବ ?

–ମୁଁ କାହାକୁ ମୁଣ୍ଡେଇ ନଥିଲି ? ଠିକ୍ ଅଛି । ମୁଁ ସ୍ଥିର କରିସାରିଛି......

–କଣ ସ୍ଥିର କରିଛ ?

Digitized by srujanika@gmail.com

—ମୁଁ କାଲିଠୁ ସନ୍ନ୍ୟାସୀ ହୋଇଯିବି ।

ସୀମାଦ୍ରିଙ୍କର ଏକଥା ଶୁଣି ହେମାଙ୍ଗୀ, ଶୁଭ୍ରାଂଶୁ, ଆଉ ସ୍ମିତା ତିନିହେଁ ଫେଁ ଫେଁ ହୋଇ ହସି ଉଠିଲେ ।

ଶୁଭ୍ରାଂଶୁ ଦରହସା ମୁହଁରେ କହିଲା— ବାପା ! ଗୌତମ ସନ୍ନ୍ୟାସୀ ହେଲାବେଳେ ତାଙ୍କୁ ଠିକ୍ କେତେ ବୟସ ହୋଇଥିଲା ମୁଁ ଜାଣି ନଥିଲେ ବି ତୁମପରି ସେ ପଞ୍ଚାଶ ବର୍ଷର ବୁଢା ହୋଇନଥିଲେ । ଚାକିରି କରିବାପାଇଁ ଯେମିତି ବୟସ ଦରକାର ସନ୍ନ୍ୟାସୀ ହେବାପାଇ ସେମିତି ବୟସ ଥିବା ଦରକାର । ଏଇ ପଚିଶ, ତିରିଶ କି ପଇଁତିରିଶ ବର୍ଷ ଭିତରେ ହୋଇଥିବା ଦରକାର । ବୁଢ଼ା ବୟସରେ ନୂଆ ଗୋଟେ ପ୍ରଫେସନ୍ ଆରମ୍ଭ କଲେ Future prospect ରହିବ ନାହିଁ । ଆଉ ପନ୍ଦର କୋଡ଼ିଏ ବର୍ଷ ଆଗରୁ ହେଲେ ଯାଇଥାଆନ୍ତ ?

ହେମାଙ୍ଗୀ କହିଲେ— ଏ ଧମକଗୁଡାକ ତମେ ଆଉ କାହାକୁ ଦବ । କାଲି କାହିଁକି ? ଆଜିରେ ଯାଉନା ? କିଏ ତମକୁ ଅଟକଉଚି ?

ସୀମାଦ୍ରି କହିଲେ— ତମେ ଭବୁଚ ମୁଁ ପରିହାସରେ କହୁଚି ବୋଲି ? ପୁଅ ଝିଅ ସମସ୍ତଙ୍କ ଆଗରେ ମୁଁ କଣ ତୁମ ସାଙ୍ଗରେ କେଉଁଦିନ ଥଟ୍ଟା ପରିହାସ ହୋଇଥିଲି ? ମୁଁ ଏଘରୁ କାଲି ଯିବିବୋଲି ସ୍ଥିର କରିଛି । ଅଫିସରେ ମୋର ଇସ୍ତଫା ପତ୍ର ଦେଇ ଆସିଛି । ଯଦି ତୁମେ ଚାହିଁବ ମୁଁ ଏଇ ସାଙ୍ଗେ ସାଙ୍ଗେ ଚାଲିଯିବି । କାଲିପର୍ଯ୍ୟନ୍ତ ରହିବାକୁ ବି ମୋର ଇଚ୍ଛା ନାହିଁ ।

ହେମାଙ୍ଗୀ ପୁଅ, ଝିଅଙ୍କ ମୁହଁକୁ ଅନେଇଲେ । ସ୍ୱାମୀଙ୍କ ମୁହଁକୁ ବି ଅନେଇଲେ । ସମସ୍ତଙ୍କ ମୁହଁରେ ମେଘ ଉଠେଇ ଆସୁଛି । ଅଳ୍ପ ସମୟ ଭିତରେ ବର୍ଷି ଯିବ । ହଠାତ୍ ସୀମାଦ୍ରିଙ୍କ ଗୋଡକୁ ଜାବୁଡ଼ି ଧରି କାନ୍ଦି ଉଠିଲେ ହେମାଙ୍ଗୀ ।

ସୀମାଦ୍ରି ବୁଝାଇଲେ— ଦେଖ ହେମାଙ୍ଗୀ ! ବାପା ମାଆଙ୍କର ଅଜ୍ଞାଧୀନ ପୁତ୍ର ହିସାବରେ ମୋ କର୍ତ୍ତବ୍ୟ ମୁଁ କରିସାରିଛି । ସେମାନଙ୍କ କଥା ମାନି ମୁଁ ପାଠ ପଢ଼ିଲି, ସେମାନେ ବାଛିଥିବା କନ୍ୟାକୁ ବିବାହ କଲି ଆଉ ସେମାନଙ୍କ ହାତରେ ନାତି, ନାତୁଣୀ ଦେଲି । ଶେଷ ବାଗରେ ସେମାନଙ୍କ ସେବା କଲି ।

Digitized by srujanika@gmail.com

ଶେଷରେ ତାଙ୍କର ଶେଷକୃତ୍ୟ କଲି । ତମର ଗଧଟିଏ ହୋଇ ତମ ପରିବାରର ସବୁ ବୋଝ ବୋହିଲି । ମୋର ସମସ୍ତ ରୋଜଗାର ତମହାତକୁ ଟେକି ଦେଇଛି । ତମ ପିଲାଛୁଆଙ୍କୁ ପାଠ ପଢ଼େଇଲି । ଭାବିଥିଲି ଏମାନେ ପାରିଗଲେ ମୋ ପିଠିର ବୋଝ ଟିକେ ହାଲୁକା ହେବ । କିନ୍ତୁ ପିଲାବେଳେ ଏମାନେ ମୋ ପିଠିରେ ଖେଳକୁଦ କରୁଥିଲେ, ବଡ଼ହୋଇ ବି ଖେଳକୁଦ କଲେ । ତମ ଓଜନ ସହିତ ଏ ପୁଅ, ଝିଅଙ୍କ ଓଜନ ଦିନକୁ ଦିନ ବଢ଼ିଗଲିଛି । ଏ ବୁଢ଼ା ଗଧର ପିଠି ଆଉ କେତେଦିନ ସହିବ ? ମୁଁ କାଲିଠୁ ସବୁ ବୋଝ ତଳକୁ ଫିଙ୍ଗିଦେଇ ସନ୍ନ୍ୟାସୀ ହୋଇଯିବି । ଏଇଟା ମୋର ଶେଷ ନିଷ୍ପତ୍ତି । ମୁଁ କାହାରି କଥା ଶୁଣିବି ନାହିଁ । ମୋ ଆଗରେ କେହି ଠିଆହେଲେ ବି ଅଟକିବି ନାହିଁ ।

ଶୁଭ୍ରାଂଶୁ ତାଚ୍ଛଲ୍ୟ କରି କହିଲା—ତମେ ତାହେଲେ ପୁଅ, ଝିଅଙ୍କ ବୋଝ ସମ୍ଭାଳି ନ ପାରି ଖସି ପଳେଇବାକୁ ସ୍ଥିର କରିଛ ? ଖାଲି କ'ଣ ପୁଅ, ଝିଅଙ୍କୁ ପାଠ ପଢ଼େଇ ଦେଲେ ତୁମର ଦାୟିତ୍ୱ ତୁଟିଗଲା ? ବାପାମାନେ କଣ ପୁଅକୁ ଚାକିରି କରେଇ ଦଉନାହାନ୍ତି । କୋଉ ବାପ ତାର ଝିଅକୁ ବାହା ନ କରି ସନ୍ନ୍ୟାସୀ ହୋଇ ଯାଉଛି ?

ସ୍ୱାମୀଜି ଅବିଚଳିତ କଣ୍ଠରେ କହିଲେ—ତୁ ଗୋଟେ ପୁଅ ତିନି ତିନି ଥରରେ ମେଟ୍ରିକ୍ ପାସ୍ କଲୁ । ବି. ଏ. ପାସ୍ କରିବାପାଇଁ ଚାରିବର୍ଷ ସ୍ଥାନରେ ତତେ ଲାଗିଲା ସାତବର୍ଷ । ତତେ କିଏ ଚାକିରି ଦେବ ? କାହା ଗୋଡ଼ ଯାଇ ମୁଁ ଧରିବି ମୋର ମେଧାବୀ ପୁଅଟିକୁ ଚାକିରି ଦେବାକୁ ? ଝିଅ ବାହାଘର ପାଇଁ ମୁଁ ବି କମ୍ ଚେଷ୍ଟା କରିନାହିଁ । କିନ୍ତୁ ଏ ଝିଅ ଖଣ୍ଡକ କମ୍ ନୁହେଁ । ଆମେ ଯେତିକିର ସେତିକିର କଥା କହିବା । ଡାକ୍ତର, ଇଞ୍ଜିନିୟର୍ ବର ମୁଁ କେଉଁଠୁ ଆଣିବି ? ସେମିତିଆ ବର କିଣିବା ପାଇଁ ମୋ ହାତରେ ବଳ ନାହିଁ ।

—ସିଏ ଯାହା ହେଉ ଆମକୁ କୂଳରେ ଲଗାଇବା କ'ଣ ତୁମର କର୍ତ୍ତବ୍ୟ ନୁହେଁ ? ଏମିତି ଅଧା ନଈରେ ଛାଡ଼ି ତମେ ଚାଲିଗଲେ ଲୋକେ କ'ଣ ତୁମକୁ ବାହାବା ଦେବେ ?

Digitized by srujanika@gmail.com

–ମୁଁ ଗଧ ପରି ବୋଝ ବୋହି ଗଲିଲେ ବାହାବା ମିଳିବ ନାହିଁ କି ବୋଝ ଫୋପାଡ଼ି ଦେଲେ ବି ବାହାବା ମିଳିବ ନାହିଁ ।

ହେମାଂଗୀ କାନ୍ଦ କାନ୍ଦ ହୋଇ କହିଲେ– ଏ ଘର, ଦ୍ୱାର, ପିଲାଛୁଆ ସବୁ କଣ ଏକୁଟିଆ ମୋର ? ମୋର କ'ଣ ବଳ ଅଛି ନା ଉପାୟ ଅଛି ଯେ ମୁଁ ଏମାନଙ୍କୁ ଚଳେଇବି ? ଝିଅଟାକୁ ହେଲେ ବିଦାକରିଦେଇଥାଆନ୍ତ, ପୁଅଟା ଯାହା କରୁଛି କରୁ ।

ଶୁଭ୍ରାଂଶୁ କହିଲା–ବାପା ! ଗୌତମ ଜଣେ ବୃଦ୍ଧ, ଜଣେ ରୋଗୀ ଆଉ ଗୋଟେ ଶବକୁ ଦେଖି ସନ୍ନ୍ୟାସୀ ହେବାକୁ ସ୍ଥିର କରିଥିଲେ । ତୁମେ ସେମିତି କଣ ଦେଖି ସନ୍ନ୍ୟାସୀ ହେବାପାଇଁ ମନ ବଳିଲା ? ସ୍ତ୍ରୀ, ପୁତ୍ର ଆଉ କନ୍ୟାଙ୍କୁ ଦେଖି ବୋଧହୁଏ ସନ୍ନ୍ୟାସୀ ହେବାକୁ ଯାଉଛ ।

ସୀମାଦ୍ରି ସେଦିନ ଆଉ କାହାରି କୌଣସି ପ୍ରଶ୍ନର ଜବାବ୍ ଦେଲେ ନାହିଁ । ସେ ରାତିରେ କିଛି ନଖାଇ ଚୁପ୍ ଚାପ୍ ଶୋଇ ପଡ଼ିଲେ ।

ତା' ପରଦିନ କଥାଟା ପବନରେ ଖେଳେଇ ହେଇଗଲା ରାଜଧାନୀ ସାରା । ସୀମାଦ୍ରିଙ୍କ ସାଙ୍ଗ ସାଥୀ, ଅଫିସ୍ ଲୋକ ପଡ଼ିଶାଲୋକ ସମସ୍ତେ ତାଙ୍କ ଘରିପଟେ ରୁଣ୍ଡ ହେଲେ । ସେତେବେଳକୁ ସୀମାଦ୍ରି ଗେରୁଆ ଲୁଗା ଓ ଗେରୁଆ ପଞ୍ଝାବି ପିନ୍ଧି ପ୍ରସ୍ତୁତ ହୋଇ ସାରିଥିଲେ ଅନିର୍ଦ୍ଦିଷ୍ଟ ପଥର ଯାତ୍ରା ପାଇଁ ।

ସୀମାଦ୍ରିଙ୍କ ଉପରେ ଅନେକ ପ୍ରଶ୍ନ, ଅନେକ ଉପଦେଶ, ଅନେକ ପରାମର୍ଶ ଆଉ ଅନେକ ତାତ୍ପର୍ଯ୍ୟର ନାରାଚମାନ ବୃଷ୍ଟିଭେଇ ହୋଇ ପଡ଼ିଲା । ଲୋମ ଲୋମକେ ନାରାଚ ବିଦ୍ଧିହୋଇ ତାଙ୍କ ଦେହସାରା ଝିଙ୍କ କାଠିପରି ଠିଆ ହୋଇଥିଲା । ତଥାପି ସୀମାଦ୍ରି ଅବିଚଳିତ କଣ୍ଠରେ କହିଲେ– ମୁଁ କିଛି ନୂଆ କଥା କରୁନାହିଁ । ଜୀବନର ଚତୁର୍ଥ ଅବସ୍ଥାରେ ବାନପ୍ରସ୍ଥ ଯିବାପାଇଁ ଆମର ପୁରାଣ, ଶାସ୍ତ୍ର ସବୁଥିରେ ପରାମର୍ଶ ଦିଆଯାଇଛି । ସେଇ ପରାମର୍ଶ ଅନୁସାରେ ମୁଁ କାମ କରୁଛି । ମୋତେ ମୋ କାମ କରିବାକୁ ଦିଅନ୍ତୁ । ବରଂ ଆପଣମାନେ ଆମର ଅତୀତରେ ପରଂପରା, ପୁରାଣ, ଶାସ୍ତ୍ରର ଉପଦେଶ ଅନୁସାରେ କାମ କରିବାରେ ସହାୟକ ହେବା କଥା । ମୋତେ ଏ ବେଶରେ ଦେଖି ଆପଣମାନେ ଆଶ୍ଚର୍ଯ୍ୟ ହେବାର କିଛି କାରଣ ନାହିଁ ବରଂ ଆପଣମାନଙ୍କର ଏଭଳି ମନବୃତ୍ତି ଦେଖି ମୁଁ ଆଶ୍ଚର୍ଯ୍ୟ ହେଉଛି ।

Digitized by srujanika@gmail.com

ରଘୁବାବୁ ସୀମାଦ୍ରିଙ୍କର ଅତ୍ୟନ୍ତ ଅନ୍ତରଙ୍ଗ ବନ୍ଧୁ । ହଉଯେ ଏକ ସମୟରେ ଚାକିରି ଆରମ୍ଭ କରିଥିଲେ, ଏକ ସମୟରେ ସେକ୍‌ସନ୍ ଅଫିସର ପଦକୁ ପ୍ରମୋସନ୍ ବି ପାଇଥିଲେ । ସଚିବାଳୟର ଗୋଟିଏ ବିଭାଗରେ ଦୁହେଁ ମୂଳରୁ ଥିଲେ । ସୀମାଦ୍ରିଙ୍କ ନିକଟକୁ ଯାଇ ଅପେକ୍ଷାକୃତ ନିମ୍ନ ଗଳାରେ ରଘୁବାବୁ କହିଲେ– ତୁ ଚାକିରି ଛାଡ଼ିଦେଲେ ଏ ସରକାରୀ ଘରଟା ତ ଛାଡ଼ିଯିବ । ତୋ ପିଲାଛୁଆ ରହିବେ କେଉଁଠି ? ତୋ ପୁଅ ତ ଚାକିରି କରିନାହିଁ, ସେମାନେ ଚଳିବେ କେମିତି ? ସନ୍ନ୍ୟାସୀ ହେବା ପୂର୍ବରୁ ଏକଥା କିଛି ଭାବିଛୁ ?

ସୀମାଦ୍ରି ହସ ହସ ମୁହଁରେ ଉତ୍ତର ଦେଲେ– ସନ୍ନ୍ୟାସୀର ଏ ସବୁ ଚିନ୍ତା ନ ଥାଏ ବୋଲି ତ ସିଏ ସନ୍ନ୍ୟାସୀ ।

ହେମାଙ୍ଗୀ, ସ୍ମିତା ଆଉ ଶୁଭ୍ରାଂଶୁ ସମସ୍ତେ କାନ୍ଦୁଥିଲେ । ଘର ସାମନା ଉଲେକ୍‌ଟ୍ରି ଖୁଣ୍ଟରେ ଠୋ ଠୋ କରି ମୁଣ୍ଡ ପିଟୁଥିଲେ ହେମାଙ୍ଗୀ ।

ସାଇ ପଡ଼ିଶା, ବନ୍ଧୁ ବାନ୍ଧବ, ସାଙ୍ଗ ସାଥୀ ସମସ୍ତେ ସୀମାଦ୍ରି ବାବୁଙ୍କ ପଛ ପଛେ କିଛି ବାଟ ଗଲେ । ସୀମାଦ୍ରି ବାବୁ ମୋଡ଼ ବୁଲି ଅଦୃଶ୍ୟ ହେବା ପରେ ସମସ୍ତେ ଫେରି ଆସିଲେ ।

ଅଫିସ୍ ଲୋକମାନେ ହେମାଙ୍ଗୀଙ୍କୁ ଏ ଦୁର୍ଦ୍ଦିନରେ ସହାୟକ ହେଲେ । ସୀମାଦ୍ରିଙ୍କର ସାମୟିକ ମୁଣ୍ଡ ଗୋଳମାଳ ଅଛି ବୋଲି ହେମାଙ୍ଗୀଙ୍କଠାରୁ ଗୋଟିଏ ଦରଖାସ୍ତ ଲେଖାଇ ନେଲେ । ଇସ୍ତଫା ପତ୍ର ଗୃହୀତ ନ ହୋଇ ସେମିତି ପଡ଼ି ରହିଲା । ସୀମାଦ୍ରିଙ୍କର ସ୍ୱାଭାବିକ ଅବସ୍ଥା ଫେରି ଆସିଲେ ସେ ପୁଣି ଚାକିରି କରିପାରିବେ । ସେକ୍ରେଟାରୀଙ୍କୁ ଅନୁରୋଧ କରି ଶୁଭ୍ରାଂଶୁ ପାଇଁ ଖଣ୍ଡେ ଚାକିରି ସେଇ ଅଫିସରେ ଯୋଗାଇ ଦେଲେ, ସୀମାଦ୍ରିଙ୍କ ଅଫିସ୍‌ର ସହକର୍ମୀ ବନ୍ଧୁମାନେ । ସରକାରୀ ଘରଟା ବି ବର୍ତ୍ତମାନ ପାଇଁ ରହିଗଲା ।

ସବୁ ଯାଇଥିବା ବେଳେ ଏତକ ପାଇ ଘର ପୋଡ଼ିରୁ କୁଟାଖଣ୍ଡେ ପାଇଲା ପରି ମୁଠାଇ ଧରିଲେ ହେମାଙ୍ଗୀ ।

ସୀମାଦ୍ରିଙ୍କ ଜି. ପି. ଏଫ୍. ରୁ କିଛି ଟଙ୍କା ଉଠାଇ ଘରର ଖର୍ଚ୍ଚ ତୁଲାଇବାକୁ ଚେଷ୍ଟାକରି ବିଫଳ ହେଲେ ହେମାଙ୍ଗୀ । ସୀମାଦ୍ରିଙ୍କ ବିନା ସ୍ୱାକ୍ଷରରେ ଗୋଟିଏ

Digitized by srujanika@gmail.com

ଟଙ୍କା ସେଠାରୁ ଉଠାଇ ହେବନାହିଁ । ସୀମାଦ୍ରିବାବୁ ତ ସହଜରେ ସ୍ୱାକ୍ଷର କରିବେ ନାହିଁ । ତା ଛଡା ସିଏ ପାଗଳ ବୋଲି ଅଫିସ୍‌କୁ ଲେଖାଯାଇଛି । ପାଗଳର ସ୍ୱାକ୍ଷରର କୌଣସି ମୂଲ୍ୟ ନାହିଁ ।

ଶୁଭ୍ରାଂଶୁ ଏମ୍. ଏ. ପଢ଼ା ବନ୍ଦକରି ଗ୍ରହିରିକୁ ଯାଉଛି । ସନ୍ଧ୍ୟାବେଳେ କୋଉ ଔଷଧ ଦୋକାନରେ କାମ କରିବ ବୋଲି କାହା ସାଙ୍ଗରେ କଥା ବାର୍ତ୍ତା କରିଛି । ସିତାର କଲେଜ ପଢା ବନ୍ଦ୍ । ଉଷା ସିଲେଇ ମେସିନ୍ ଶିଖିବାକୁ ଯିବ ବୋଲି ସିତା ପଡ଼ିଶାଘର ରେଣୁକୁ ପଗ୍ଚରୁଥିଲା ।

ସବୁ ଜିନିଷ ଅଳ୍ପ ଖର୍ଚ୍ଚ କରିବାପାଇଁ ହେମାଙ୍ଗୀ, ସିତା ଆଉ ଶୁଭ୍ରାଂଶୁ ତିନିକି ତିନିହେଁ ଆକଟ କରୁଛନ୍ତି । ସୀମାଦ୍ରି ଯିବା ଦିନଠୁ ଦୁର୍ଦ୍ଦିନକୁ ମୁକାବିଲା କରିବାକୁ ସମସ୍ତେ ନିଜ ଭିତରେ ନିଜକୁ ପ୍ରସ୍ତୁତ କରି ସାରିଛନ୍ତି । ଜଣେ ଲୋକର ବୋଝ ମୁଣ୍ଡେଇବାକୁ ଏବେ ତିନି ଜଣ ମୁଣ୍ଡ ପତେଇଛନ୍ତି । ତଥାପି ବୋଝ ମାଡ଼ିବସୁଛି, ବେକ ଭଙ୍ଗିପଡୁଛି, ଅଣ୍ଟା ନଡ଼ବଡ଼ ହେଉଛି । ବାଟ ଗ୍ଲିବା କଷ୍ଟ ହେଉଛି । ଆଗରେ ଖାଲି ଅନ୍ଧାର ଆଉ ଅନ୍ଧାର କୁଢ । ଆଖି ବୁଜିଲେ ଅନ୍ଧାର, ଆଖି ଖୋଲିଲେ ଅନ୍ଧାର ।

ସୀମାଦ୍ରିବାବୁ କୁଆଡେ ଗଲେ, କେଉଁଠି ରହିଲେ କିଛି ଖବର ପାଇଲେ ନାହିଁ ହେମାଙ୍ଗୀ । ପ୍ରତିଦିନ ଡାକ ପିଅନ ଆସିବା ବେଳହେଲେ ବାଲକୋନୀରେ ଠିଆ ହୋଇ ଅନେଇଁ ରହନ୍ତି ହେମାଙ୍ଗୀ । ଡ଼ାକ ପିଅନ କଲୋନୀକୁ ଆସି ଫେରିଗଲା ପର୍ଯ୍ୟନ୍ତ ଅପେକ୍ଷା କରନ୍ତି ।

ଦୀର୍ଘ ନିଃଶ୍ୱାସଟିଏ ପକାଇ ନିଜକୁ ଟେକି ଆଣିଲା ବେଳେ ନିଜେ ନିଜେ ବର ବର ହୋଇ କୁହନ୍ତି– ନାଁ, ଚିଠି ଖଣ୍ଡେକୁ ବି ଆମେ ଯୋଗ୍ୟ ନୁହଁ । ତମେ ଯୋଉଠି ରହୁଛ ରୁହ । ଆମେ ଜାଣିଲେ କ'ଣ ଏମିତି ଅସୁବିଧା ହୁଅନ୍ତା ତମର ? ଆମେ ଅସୁବିଧାରେ ଅଛୁ ସେଥିପାଇଁ ମନ ଯେତିକି ଦୁଃଖ ନୁହେଁ, ତମେ କୋଉଠି କେମିତି ରହିଛ, କ'ଣ କରୁଛ ସେତକ ନଜାଣି ମନଟା ବେଶୀ ଛଟପଟ ହେଉଛି ।

ପଡ଼ିଶାଘରୁ ସ୍ତ୍ରୀ ଲୋକମାନେ ଆସି ହେମାଙ୍ଗୀକୁ ସାନ୍ତ୍ୱନା ଦିଅନ୍ତି–ଭରା ସଂସାର ଛାଡ଼ି କେହି ଯାଇପାରିନାହିଁ । ସୀମାଦ୍ରି ବାବୁ ଯୁଆଡ଼େ ଯାଇଥାନ୍ତୁ ନିଶ୍ଚେ

Digitized by srujanika@gmail.com

ଫେରି ଆସିବେ । ମନଟା ଟିକେ ଚହଲି ଯାଇଚି । ତମେ ଦେଖିବ ଘର ଆଗ ପିଲାଛୁଆଙ୍କ ମୁହଁ ତାଙ୍କୁ ଟାଣିବ । ସିଏ ଟାଣିହୋଇ ଆସିବେ ।

ହେମାଙ୍ଗୀଙ୍କ ମନ ଏସବୁ ସାନ୍ତ୍ଵନା କଥାରେ ମୋଟେ ବୁଝୁ ନାହିଁ । ନିଜ ମଣିଷକୁ ଏତେଦିନ ଧରି ଏତେ ନିକଟରୁ ସିଏ ଦେଖିଛନ୍ତି, ଚିହ୍ନିଛନ୍ତି । ତାଙ୍କଠୁ ପଡ଼ିଶା ସାଲୋକମାନେ ତାଙ୍କ ବିଷୟରେ କ'ଣ ଅଧିକ ଜାଣନ୍ତି ? ସେ ଏକବୁଝା ମଣିଷ । ଯାହା ବୁଝିଥିବେ ସେଇଆ ।

ସାଇକେଲ୍‌ଟାକୁ ଏକ ପ୍ରକାର ପକାଇ ଦେଇ ବୋଉ ! ବୋଉ ! ଡାକ ପକାଇ ପଶିଆସିଲା ଶୁଭ୍ରାଂଶୁ । ସେତେବେଳେ ହେମାଙ୍ଗୀ ଶେଷେଇ ଘରେ ଥିଲେ । ବଡ଼ ପାଟିରେ ଚିତ୍କାର କଲାପରି ଶୁଭ୍ରାଂଶୁ କହିଲା– ବାପା କପିଳାସରେ ଅଛନ୍ତି । ଆମ ଅଫିସ୍‌ର ମୁରଲୀ ବାବୁ ନିଜେ ଦେଖିଆସିଛନ୍ତି । ଖୁବ୍ ନିଷ୍ଠାପର ଭାବରେ ସେଠି ବାପା ଚଳୁଛନ୍ତି । ଦିନରେ ମୋଟେ ଗୋଟିଏ ଥର ଅରୁଆ ଭାତ ଖାଉଛନ୍ତି । ରାତିକି କେବଳ ଫଳମୂଳ ।

ହେମାଙ୍ଗୀଙ୍କ ଦୁଇ ଆଖିରୁ ଦୁଇଧାର ଲୁହ ତାଙ୍କ ଗାଲ ଉପରେ ଦୌଡ଼ି ଗଲେ । ହେମାଙ୍ଗୀ ତାଙ୍କ ଗାଲ ଉପରୁ ଲୁହର ପାଦଚିହ୍ନଗୁଡ଼ାକ ଲୁଗା କାନିରେ ପୋଛି ସଫା କରିଦେଲେ ।

କାନ୍ଥର ଗାରକୁ ଗଣିଲେ ହେମାଙ୍ଗୀ । ଠିକ୍ ମାସେ ଅଠେଇଶଦିନ ହେବ ସୀମାଦ୍ରି ଗଲେଣି । ସୀମାଦ୍ରିଙ୍କ ସନ୍ୟାସୀ ମୂର୍ତ୍ତିଟା ବାରମ୍ବାର ତାଙ୍କ ଆଖି ଆଗକୁ ଆସିଯାଉଛି ।

ଶୁଭ୍ରାଂଶୁ ପ୍ରସ୍ତାବ ଦେଲା–ବୋଉ, ମୁଁ କାଲି ଯାଇଁକି ବାପାଙ୍କୁ ଦେଖିଆସିବି । କ'ଣ କରୁଚନ୍ତି । କେମିତି ଚଳୁଚନ୍ତି ସେଠି ।

ହେମାଙ୍ଗୀ କାନ୍ଦ କାନ୍ଦ ଆଖିରେ ଚାହିଁଲେ ପୁଅକୁ । ଦୃଷ୍ଟି ଫେରାଇ ନେଇ ପୁଣିଥରେ କାନ୍ଦି ଉଠିଲେ ।

ସ୍ମିତା ଆସି ପହଞ୍ଚି ସବୁକଥା ଶୁଣି, ଖୁସିରେ ନାଚିଗଲା । ସିଏ ବି ଭାଇ ସହିତ ବାପାଙ୍କୁ ଦେଖିବାକୁ ଯିଦ୍ ଧରିଲା । ହେମାଙ୍ଗୀ କହିଲେ–ଠିକ୍ ଅଛି । ତୁମ ବାପା ଲଗାଇଥିବା କଦଳୀ ଗଛଟାରେ କଦଳୀ ପାକଳ ହୋଇ ଗଲାଣି । ଉପର ଫେଣାଟା ଗଛରେ ପାଚିଲାଣି । ତା ତଳ ଫେଣାଟା ଦରପାକଲା ଅଛି । ସେ

Digitized by srujanika@gmail.com

ଦିଫେଣା କଦଳୀ କୋଗଖଇ କିଲେ ଆଉ ନଡ଼ିଆ ଦିଟା ନେଇ ତୁମେ ଦୁହେଁ କାଲି କପିଳାସ ଯାଅ । ବାପାଙ୍କୁ କଦଳୀ ଦେବ । ସିଏ ଗତିରେ ଫଳ ଖାଉଛନ୍ତି । କୋଗଖଇ ଆଉ ନଡ଼ିଆ କପିଳାସ ଠାକୁରଙ୍କ ପାଖରେ ଭୋଗ କରିବ । ବାପାଙ୍କୁ ଦେଖି ଆସିବ ।

ସ୍ମିତା ଆଉ ଶୁଭ୍ରାଂଶୁ ତାଙ୍କ ସାଙ୍ଗରେ ହେମାଙ୍ଗୀଙ୍କୁ ଜୋର କରିନେଇ ଗଲେ । ଦିନ ପ୍ରାୟ ଏଗାରଟା ବେଳକୁ ସେମାନେ କପିଳାସ ମନ୍ଦିର ପାଖରେ ପହଞ୍ଚିଲେ । ମୁରଲୀ ବାବୁ କହିଥିବା ଅନୁସାରେ ମନ୍ଦିରର ବାଆଁ ପଟକୁ ଆହୁରି ଉପରକୁ ଉଠିଲେ ସେମାନେ । ମନ୍ଦିରଠୁ ପ୍ରାୟ ଶହେ ମିଟର ବାଟ ଯିବାପରେ ଗୋଟିଏ ଆଶ୍ରମ ପଡ଼ିଲା । ସେଇ ଆଶ୍ରମରେ ସୀମାଦ୍ରି ସନ୍ନ୍ୟାସୀ ଭବରେ ରହୁଛନ୍ତି ।

ଆଶ୍ରମର ପରିବେଶ ଖୁବ୍ ଚମତ୍କାର । କଦଳୀ, ନଡ଼ିଆ, ଆମ୍ବ, ପଣସର ବଗିଚା ଗୋଟେ କଡ଼କୁ; ଆଉ ଗୋଟେ କଡ଼କୁ ନାନା ପ୍ରକାର ଫୁଲର ସୁନ୍ଦର ବଗିଚା । ସରୁ ଝରଣାଟିଏ ଦୁଇ ବଗିଚା ମଝିରେ ବହି ଚାଲିଛି । ଫୁଲ ବଗିଚା ମଝିରେ କୁଡ଼ିଆଟିଏ ।

ହେମାଙ୍ଗୀ ଆଙ୍ଗୁଠି ଦେଖାଇ କହିଲେ—ସେଇଠିମ ସେଇ ମଲ୍ଲିଫୁଲ ଗଛ ଚାରିପଟେ ତମ ବାପା ମନ୍ଦା ଖୋଳୁଛନ୍ତି ।

ଶୁଭ୍ରାଂଶୁ କହିଲା ହଁ, ହଁ, ହାତରେ ଗୋଟେ ଖୁରୁପି ଧରିଛନ୍ତି ।

ହେମାଙ୍ଗୀ ସ୍ମିତା ଆଉ ଶୁଭ୍ରାଂଶୁ, ସୀମାଦ୍ରିଙ୍କ ଆଡ଼କୁ ଆଗେଇଲେ । ତାଙ୍କ ପାଖରେ ସେମାନେ ପହଞ୍ଚି ସାରିଥିଲେ ମଧ୍ୟ ସୀମାଦ୍ରି ଏକ ଲୟରେ ଗଛ ଚାରିପଟେ ମନ୍ଦା ତିଆରି କରିଚାଲିଛନ୍ତି । ତାଙ୍କର ଆଉ କୁଆଡ଼କୁ ଲକ୍ଷ୍ୟ ନାହିଁ ।

ଶୁଭ୍ରାଂଶୁ ଡାକିଲା—ବାପା ! ବାପା ! ଦେଖିଲ ଆମେ କିଏ ସବୁ ଆସିଛୁ ?

ସୀମାଦ୍ରି ଶୁଭ୍ରାଂଶୁର କଣ୍ଠସ୍ୱର ଜାଣିପାରି ଠିଆ ହେଲେ । ଗୋଟିଏ ଦୁଇଟି ମିନିଟ୍ ଠିଆହୋଇ ଆଶ୍ରମ ଛାଡ଼ି ପର୍ବତର ଉପର ଆଡ଼କୁ ଚାଲିବାକୁ ଲାଗିଲେ ।

ଶୁଭ୍ରାଂଶୁ ଆଉ ସ୍ମିତା ବଡପାଟିରେ ପଛରୁ ଡାକ ପକାଇଲେ— ବାପା ! ବାପା ! ଦେଖ ବୋଉ ଆସିଛି । ଆମେ ତୁମକୁ ଫେରାଇ ନେବାକୁ ଆସି ନାହୁଁ । କେବଳ ଟିକେ ଦେଖାକରି ଚାଲିଯିବୁ । ବାପା ! ବାପା !

Digitized by srujanika@gmail.com

ସାମାଦ୍ରି ଅଟକିଲେ ନାହିଁ କି ଥରୁଟିଏ ହେଲେ ଫେରି ଚାହିଁଲେ ନାହିଁ ।

ହେମାଙ୍ଗୀଙ୍କ ଆଖିରୁ ଧାର ଧାର ଲୁହ ବହିଗଲା । କୋହ ଉପରେ କୋହ ଆସି ତାଙ୍କୁ ଥରାଇ ଦେଲା । କ୍ରୋଧରେ ତାଙ୍କ ମୁହଁଟା ଫାଟି ଫାଟି ପଡୁଥିଲା । ଚଡା ଗଳାରେ କହିଲେ–ଥାଉ, ତାଙ୍କୁ ପଛରୁ ଡାକନା । ସିଏ ଆମ ମୁହଁ ଆଉ ଚାହିଁବେ ନାହିଁ, ନ ଚାହାଁନ୍ତୁ । ଆମେ ବି ତାଙ୍କ ମୁହଁ ଚାହିଁବା ଆଉ ଦରକାର ନାହିଁ । ଡେର ହେଲା, ଚାଲ ଫେରିଯିବା ।

ସେଠି ଗୋଟେ ମୁହୂର୍ତ୍ତ ନ ରହିବାକୁ ହେମାଙ୍ଗୀ ଜିଦ୍ ଧରିଲେ । ପୁଅ, ଝିଅ ଦୁହିଁଙ୍କୁ ଟାଣି ଆଣିଲେ ସେଠାରୁ ।

ହେମାଙ୍ଗୀ ଫେରି ଆସୁଥିଲେ ମନ୍ଦିର ବେଢାକୁ । ସାମାଦ୍ରି ଆଶ୍ରମଠୁ କିଛି ଦୂରରେ ଗୋଟେ ଘଞ୍ଚ ବୁଦାଭିତରୁ ସେମାନଙ୍କୁ ଲକ୍ଷ୍ୟ କରୁଥିଲେ । ତାଙ୍କ ଭିତରଟା ଅସ୍ଥିର ଲାଗୁଥିଲା । ଦୂରରୁ ଦେଖୁଥିଲେ ପିଲାମାନଙ୍କୁ । ଶୁଭ୍ରାଂଶୁ ଆଉ ସ୍ମିତା ଦୁହିଁଙ୍କର ମୁହଁ ଉପରୁ ତାଙ୍କ ଆଖି ଖସୁ ନଥିଲା । ଅପମାନରେ ହେମାଙ୍ଗୀଙ୍କ ମୁହଁଟା ଲାଲ ପଡ଼ିଯାଇଥିଲା ।

ହେମାଙ୍ଗୀ ପୁଅ, ଝିଅଙ୍କୁ ଧରି ମନ୍ଦିର ଭିତରେ ପଶିଲେ । ସାମାଦ୍ରି ବୁଦା ଉହାଡରୁ ଆସି ମନ୍ଦିର ବେଢାରେ ଠିଆ ହେଲେ । ତାଙ୍କ ପାଦ ଦୁଇଟା ମନ୍ଦିର ଆଡ଼କୁ ଟାଣିହୋଇ ଚାଲିଲା । ସାମାଦ୍ରି ଚେଷ୍ଟାକରି ବି ଅଟକାଇ ପାରିଲେ ନାହିଁ ।

ମନ୍ଦିରରୁ ପୂଜାସାରି ହେମାଙ୍ଗୀ ପଦାକୁ ଆସିଲେ । ମୁଖଶାଳାର ଖୁଣ୍ଟ ଆଡୁଆଳରେ ଠିଆହେଲେ ସାମାଦ୍ରି । ହେମାଙ୍ଗୀ ସେଇ ଖୁଣ୍ଟକୁ ଡେରି ହୋଇ ଠିଆ ହୋଇ ସ୍ମିତା ଆଉ ଶୁଭ୍ରାଂଶୁକୁ ଅପେକ୍ଷା କଲେ । ସେ ଦୁହେଁ ମନ୍ଦିର ଭିତରୁ ଫେରି ନାହାନ୍ତି । ସେଇ ଖୁଣ୍ଟର ଠିକ୍ ବିପରୀତ ପାଖରେ ଖୁଣ୍ଟକୁ ପିଠିକରି ଠିଆ ହୋଇଥିଲେ ସାମାଦ୍ରି । ତାଙ୍କ ଦେହରେ ପୁଲକ । ନାକରୁ ଫଁ ଫଁ ନିଃଶ୍ୱାସ ବାହାରୁଛି । ନିଃଶ୍ୱାସକୁ ଚାପିବାକୁ ଚେଷ୍ଟାକଲେ ସାମାଦ୍ରି । ଛାତି ଧଡ଼ପଡ ହେଲା । ଥରୁଥିଲେ ନିଜ ଭିତରେ ନିଜେ ।

ପବନରେ ହେମାଙ୍ଗୀଙ୍କ ପଣତ କାନିଟା ଉଡ଼ି ଆସିଲା ତାଙ୍କ ଆଡ଼କୁ । ତାଙ୍କ ମୁହଁରେ ଗୁଡ଼େଇ ହୋଇଗଲା । ଅତି ପରିଚିତ ଗୋଟେ ଦେହର ବାସନା

Digitized by srujanika@gmail.com

ତାଙ୍କଭିତରେ ଚହଟି ଗଲା । ସାରା ଦେହ ଉଲ୍ଲସି ଉଠିଲା । ଥରିଲା ଥରିଲା ହାତରେ ଲୁଗାଟାକୁ ମୁହଁରୁ ଆଡେଇ ଦେଲେ ସୀମାଦ୍ରି ।

ହଠାତ୍ ଶୁଭ୍ରାଂଶୁର ପାଟି ଶୁଭିଲା– ବୋଉ, ତୁ ଏଠି ! ଆମେ ତତେ ମନ୍ଦିର ଭିତରେ ଖୋଜୁଛୁ ।

ହେମାଙ୍ଗୀ କହିଲେ-ମୁଁ ସେ ଭିଡ଼ ଭିତରେ ବେଶୀ ସମୟ ରହିପାରିଲି ନାହିଁ । ମୁଁ ତମକୁ ଏଇଠି ଅନେଇକି ଠିଆ ହୋଇଛି । ଚାଲ, ଏଥର ଘରକୁ ଫେରିଯିବା ।

ଖୁଣ୍ଟ ଆରପଟରେ ସୀମାଦ୍ରି, ଖୁଣ୍ଟ ଏପଟରେ ତାଙ୍କ ପରିବାର ।

ସ୍ମିତା ପ୍ରସ୍ତାବ ଦେଲା– ବୋଉ ! ଆମେ ତ ବାପାଙ୍କ ପାଇଁ କଦଳୀ ଆଣିଥିଲେ । ସିଏ ଆମ ସହିତ କଥାବାର୍ତ୍ତା ନ କଲେ ନାହିଁ, ଆମେ ତାଙ୍କ ଆଶ୍ରମରେ କଦଳୀତକ ଦେଇ ଚାଲିଯିବା । କଣ କହୁଚୁ ?

ହେମାଙ୍ଗୀ କହିଲେ– ମୁଁ କ'ଣ ମନା କଲି ଦେବାକୁ ? କଦଳୀଟା ତାଙ୍କ ହାତ ଲଗା ଗଛର ଫଳ । ମତେ ନ ଅନେଇଲେ ନାହିଁ, ମୁଁ ପରଝିଅ । ପୁଅ, ଝିଅ ବିଟାତ ପର ନୁହନ୍ତି । ତାଙ୍କରି ଫଳ । ସେମାନଙ୍କ ମୁହଁକୁ ବି ଚାହିଁଲେ ନାହିଁ । ଆମେ ସବୁ କ'ଣ ଏମିତି ଦୋଷ କରିଥିଲୁ ? ଜୀବନର ପଚାଶ ବର୍ଷ ଗୋଟେ ବାଟରେ ଚାଲି ହଠାତ୍ ସେ ବାଟଟା ଭୁଲ୍ ବୋଲି କହି ସେ ବାଟ ଛାଡ଼ି ଆଉ ଗୋଟେ ବାଟ ଧରିବା କୋଉ ଅକଲର କାମ ?

ସୀମାଦ୍ରିଙ୍କ ସମଗ୍ର ଶରୀର ଦୋହଲି ଉଠିଲା ଏ ଶରଘାତରେ ।

କହି ଚାଲିଲେ ହେମାଙ୍ଗୀ– ତାଙ୍କ ସାଙ୍ଗରେ ସେଇ ବାଟରେ ସେ ଆଉ ଯେଉଁମାନଙ୍କ ହାତଧରି ବାଟ କଢେଇ ଆଣିଥିଲେ ସେମାନଙ୍କ ଅବସ୍ଥା କ'ଣ ହେବ ? ସେମାନଙ୍କୁ ଅନାଥ କରି ଅବାଟରେ ବସାଇଦେଇ ଚାଲି ଆସିବା କୋଉ ପୁରୁଷ ପଣିଆ ହେଲା ?

କୋହ ସମ୍ଭାଳି ନପାରି ହେମାଙ୍ଗୀ କାନ୍ଦି ପକାଇଲେ । ସୀମାଦ୍ରିଙ୍କ ଭିତରଟା ଭାଙ୍ଗି ଚୁନ୍ ଚୁନା ହୋଇଯାଉଥିଲା ।

ସ୍ମିତା କହିଲା– ତୁ ଏମିତି କାନ୍ଦନା ବୋଉ । ମନ୍ଦିରଟାରେ କାନ୍ଦିଲେ ଅନ୍ୟମାନେ କ'ଣ ଭାବିବେ କହିଲୁ ? ଆଉ କୋଉଠିକି ଯିବା ଦରକାର ନାହିଁ । ଚାଲ୍ ଆମେ ଘରକୁ ଫେରିଯିବା ।

Digitized by srujanika@gmail.com

ଶୁଭ୍ରାଂଶୁ ବି ଘରକୁ ଫେରିବା ଉପରେ ଜୋର୍ ଦେଲା । ହେମାଙ୍ଗୀଙ୍କୁ ମୁଖଶାଳା ଭିତରୁ ବାହାରକୁ ନେଇଗଲେ ସେମାନେ । ହେମାଙ୍ଗୀଙ୍କ କୋହ କାହାରି ଆକଟ ମାନୁ ନାହିଁ । ବଚଫ ମୁଣ୍ଡା ତରଳିବାକୁ ଆରମ୍ଭ କରିଛି ।

ହେମାଙ୍ଗୀ ଆଉ ପଛକୁ ନ ଗ୍ରହି ଅାଖିରୁ ଲୁହ ପୋଛି ପୋଛି ପ୍ରତି ପାହାଚ ମୁଣ୍ଡରେ ଗଗରେ ଗୋଇଠା ମାରି ମାରି ଓହ୍ଲେଇ ଗ୍ଲିଛନ୍ତି । ତାଙ୍କ ପଛେ ପଛେ ଶୁଭ୍ରାଂଶୁ ଓ ସ୍ମିତା ।

ସାମାଦ୍ରିଙ୍କ ଭିତରେ ଝଡ଼ । ତାଙ୍କ ଭିତରେ ସ୍ନେହଶୀଳ ବାପଟିଏ । ବିଛେଦ-ବିଧୁର ସ୍ୱାମୀଟିଏ ମୁଣ୍ଡ ପିଟୁଛି, ଭିଡ଼ିମୋଡ଼ି ହୋଇ ବାଟ ଖୋଜୁଛି ଯାଇବାକୁ । ଅମୁହାଁ ହୋଇ, ଆଁକଗ୍ର ମାକଗ୍ର ହୋଇ ଏକଡ଼ ସେକଡ ମୁଣ୍ଡିଆ ମାରୁଛି ବାଟ ପାଇଁ । ବାଟ ଓଗାଳି ଠିଆ ହୋଇଛି ସନ୍ୟାସୀ । ଯୁଦ୍ଧ ଗ୍ଲିଛି ସ୍ନେହଶୀଳ ବାପା, ବିଛେଦ-ବିଧୁର ସ୍ୱାମୀ ସହିତ ସଂଯମୀ କଠୋର ସନ୍ୟାସୀର ।

ପ୍ରକୃତିସ୍ଥ ହେଲେ ସାମାଦ୍ରି । ମୁଖଶାଳାରୁ ପଦାକୁ ଆସିଲେ । ଏକ ଜାଗରେ ଅନାଇଁ ରହିଲେ ପାହାଚ ପାହାଚ ଓହ୍ଲାଇ ଗ୍ଲିଥିବା ତାଙ୍କର ପରିବାରକୁ । ତାଙ୍କ ଆଖି ଫେରୁନାହିଁ ସେଠୁ । ଧୀରେ ଧୀରେ ତାଙ୍କ ସ୍ତ୍ରୀ ପିଲମାନେ ଛୋଟରୁ ଛୋଟ ଦିଶୁଥିଲେ । ସାମାଦ୍ରି ସମ୍ମୋହିତ ହୋଇ ଠିଆହୋଇ ଦେଖୁଥିଲେ । ହେମାଙ୍ଗୀ, ଶୁଭ୍ରାଂଶୁ ଓ ସ୍ମିତା ତଳକୁ ତଳକୁ ଓହ୍ଲେଇ ତିନୋଟି ଖେଳନା କଣେଇ ପରି ସାନ ସାନ ହୋଇଗଲେ । ତଥାପି ଆଖି ଲଗେଇ ଗ୍ଲିଥିଲେ ସାମାଦ୍ରି ।

କ୍ରମେ ତିନୋଟି ବିନ୍ଦୁରେ ପରିଣତ ହୋଇଗଲେ ସେ ତିନି ଜଣ । ସାମାଦ୍ରିଙ୍କ ଭିତରେ ହେମାଙ୍ଗୀ, ଶୁଭ୍ରାଂଶୁ ଓ ସ୍ମିତାଙ୍କ ତିନୋଟି ବିନ୍ଦୁ କ୍ରମେ କ୍ରମେ ବଡ଼ରୁ ବଡ଼ ହୋଇ ପ୍ରସରି ଯାଉଥିଲେ ଦ୍ରୁତଗତିରେ । ତିନିଟା ପୃଥିବୀ ପରି ବଡ଼ ବଡ ଆସନ ପ୍ରସାରି ବସିଯାଉଥିଲେ ତାଙ୍କ ମନକୁ ଆବୋରି । ଆଖି ଆଗରେ ଉଙ୍କି ଉଠୁଥିଲା ସମ୍ପର୍କର ତିନିଗାର ।

ସେଇଠି ଯେମିତି ନିଶ୍ଚଳ ପଥର ମୂର୍ତ୍ତିଟିଏ ପରି ଠିଆ ହୋଇଥିଲେ ସାମାଦ୍ରି । ତାଙ୍କ ଦୁଇ ଆଖିରୁ ଦୁଇଧାର ଲୁହ ବହିଯାଇ ଗାଲ ଉପରେ ଶୁଖିଯାଇଥିଲା ।

●

Digitized by srujanika@gmail.com

ଆସନ ବଦଳ

"ହେଇ ମନ୍ତ୍ରୀ ଆସୁଛନ୍ତି ।" କେହି ଜଣେ କର୍ମୀ ସମସ୍ତଙ୍କୁ ହୁସିଆର କରିଦେଲେ । କ୍ଷଣକେ ସମସ୍ତେ ସଜାଗ ହୋଇଗଲେ । ସଂକୀର୍ତ୍ତନଦଳ ତାଙ୍କର ସଂକୀର୍ତ୍ତନ ଆରମ୍ଭ କରିଦେଲେ । ଶଙ୍ଖୁଆ ଶଙ୍ଖ ଫୁଙ୍କିଲେ । କିନ୍ତୁ ମନ୍ତ୍ରୀଙ୍କ ମଟର ଦେଖାଗଲା ନାହିଁ । କେବଳ ମଟର ଆସିବାର ଶବ୍ଦଟିଏ କିଛି ସମୟ ଶୁଭି ନୀରବି ଗଲା । ସମସ୍ତେ ବିରଡ଼ି ପରି କଟମଟ ଚାହିଁଛନ୍ତି ମନ୍ତ୍ରୀଙ୍କ ଆସିବା ବାଟକୁ । ସିଧା ରାସ୍ତା । ଦିଗ୍‌ବଳୟ ପର୍ଯ୍ୟନ୍ତ ଦୃଷ୍ଟି ଲମ୍ବି ଯାଉଛି । କିନ୍ତୁ ମନ୍ତ୍ରୀଙ୍କ ମଟର କାହିଁ ?

ସବୁ ଚୁପ୍ ହୋଇଗଲା । ନା ମନ୍ତ୍ରୀ ଆସିନାହାଁନ୍ତି । ମନ୍ତ୍ରୀଙ୍କ ଆସିବା ବେଳ ହୋଇଗଲାଣି ତ, ମଟର ଶବ୍ଦ ଗୁଡ଼ାକ ମନକୁ ମନ କାନପାଖରେ ଶୁଣା ଯାଉଛି ।

ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲେଖା ଯାଇଥିବା ମାନପତ୍ର ହାଇସ୍କୁଲର ପ୍ରଧାନଶିକ୍ଷକ ଲେଖିଛନ୍ତି । ପଞ୍ଚାୟତ ସମିତିର ଚେୟାରମ୍ୟାନ କାର୍ଯ୍ୟ ବ୍ୟସ୍ତତା ଯୋଗୁ ମାନପତ୍ରଟି ଦେଖି ପାରି ନଥିଲେ । ସେଇଠି ଠିଆ ଠିଆ ମାନପତ୍ରଟି ଉପରେ ଆଖି ବୁଲାଇ ଆଣିଲେ । ଅଞ୍ଚଳର ସମସ୍ୟା ଗୁଡ଼ିକ ଠିକ୍ ରୂପେ ମାନପତ୍ରରେ ସ୍ଥାନ ପାଇଛି କି ନାହିଁ, ପକେଟରୁ ଚିପା କାଗଜ ଖଣ୍ଡକ ବାହାର କରି ମିଳେଇ ପକାଇଲେ ।

ସବୁଠୁ ଉତ୍‌କଣ୍ଠିତ ଥିଲେ ହରିପୁର ଗାଆଁର ରାଜନୈତିକ କର୍ମୀ ବୈଲୋଚନ ସାମଲ । ବାରମ୍ବାର ଘଣ୍ଟାକୁ ଚାହିଁ, ନିଜ ଧୋତି ପଞ୍ଜାବୀକୁ ସଜାଡ଼ି ନେଉଥିଲେ । ମଲ୍ଲିଫୁଲ ପରି ସଫା ଧଳା ପୋଷାକରେ ବୈଲୋଚନଙ୍କ ଗୋରା ଚକଚକ ସୁନ୍ଦର ଚେହେରାଟି ଅତି ସୁନ୍ଦର ଦିଶୁଥିଲା ।

ମନ୍ତ୍ରୀଙ୍କ ଆସିବା ସମୟ ଗଡ଼ିବାକୁ ବସିଲା । ମନ୍ତ୍ରୀ ଆଉ ଆସି ନପାରନ୍ତି ଏମିତି ଗୋଟିଏ ଧାରଣା ସମସ୍ତଙ୍କ ମନରେ ଆସନ ପକାଇବାକୁ ଯାଉଛି, ଏତିକି-ବେଳେ ବ୍ଲକ ଅଫିସରୁ ଜଣେ ମଟରସାଇକେଲ୍‌ରେ ଆସି ପହଞ୍ଚି କହିଲା–ମନ୍ତ୍ରୀଙ୍କ

Digitized by srujanika@gmail.com

ଗାଡ଼ି ରାସ୍ତାରେ ଖରାପ ହୋଇଥିଲା, ତେଣୁ ବିଳମ୍ବ ହେଲା । ମନ୍ତ୍ରୀ ବର୍ତ୍ତମାନ ବ୍ଲକ ଅଫିସରେ ଅଛନ୍ତି । ଆଉ ପନ୍ଦର ମିନିଟ ଭିତରେ ଆସି ପହଞ୍ଚିବେ ।

ଲିଭି ଲିଭି ଆସୁଥିବା ନିଆଁଟା ପୁଣି ଜଳିବାକୁ ଆରମ୍ଭ କଲା । ପୁଣି ସମସ୍ତେ ସଚେତ ହୋଇ ଉଠିଲେ । ସମସ୍ତେ ଓଟପରି ବେକ ଟେକି ଟେକି ବ୍ଲକ ଅଫିସ ଆଡ଼କୁ ଚାହିଁଲେ ।

ମନ୍ତ୍ରୀଙ୍କ କାର ଆସୁଥିବା ଖଣ୍ଡେ ଦୂରରୁ ଦେଖାଗଲା । ତା ପଛକୁ ପଛ ଧାଡ଼ିଏ ଗାଡ଼ି । ହଠାତ୍ ଲୋକମାନଙ୍କ ଭିତରେ ଶିହରଣ ଖେଳିଗଲା । ସେମାନଙ୍କ ଭିତରଟା ଚହଲିଗଲା । ସଂକୀର୍ତ୍ତନଦଳ ସଂକୀର୍ତ୍ତନ ଆରମ୍ଭ କରିଦେଲେ । ଶଙ୍ଖୁଆମାନେ ଉଚ୍ଚ ସ୍ୱରରେ ଶଙ୍ଖ ଫୁଙ୍କିଲେ । ଚେୟାରମ୍ୟାନ, ସରପଞ୍ଚ ଓ ତ୍ରୈଲୋଚନ ବାବୁ ସମସ୍ତଙ୍କ ଆଗକୁ ଚାଲିଗଲେ । ଉପସ୍ଥିତ ଅନ୍ୟ ଲୋକମାନେ ହରିବୋଲ, ହୁଳହୁଳି, ଜୟଧ୍ୱନିରେ ଆକାଶ ଥରାଇ ଦେଲେ ।

ରାସ୍ତାର ଦୁଇପଟରେ ହଜାର ହଜାର ଉତ୍କଣ୍ଠିତ ମଣିଷ । ମଝିରେ ଖୁବ୍ ଅପ୍ରଶସ୍ତ ରାସ୍ତା, ଠିକ୍ ଜଣେ ଯିବାପରି ।

ଚେୟାରମ୍ୟାନ, ସରପଞ୍ଚ, ତ୍ରୈଲୋଚନବାବୁ, କଲେକ୍ଟର, ଏସ୍.ଡ଼ି.ଓ. ବି.ଡ଼ି.ଓ., ଜିଲ୍ଲା କୃଷି ଅଫିସର, 'ଜିଲ୍ଲା ସ୍ୱାସ୍ଥ୍ୟଅଫିସର ଇତ୍ୟାଦିଙ୍କ ଗହଣରେ ମନ୍ତ୍ରୀ ଆଗେଇଲେ ସଭାମଞ୍ଚ ଆଡ଼କୁ । ହରିପୁର ଗାଆଁରେ ନୂଆ ତିଆରି ହୋଇଥିବା ଡ଼ାକ୍ତରଖାନା ଉଦ୍‌ଘାଟନ କରିବେ ମନ୍ତ୍ରୀ ।

ସଭାମଞ୍ଚଠାରୁ କିଛି ଦୂରରେ ଠିଆହେଲେ ମନ୍ତ୍ରୀ । ତାଙ୍କ ମୁହଁଟା ଖୁବ୍ ଗମ୍ଭୀର ଦିଶୁଥିଲା । କାହାରି ସହିତ କଥାବାର୍ତ୍ତା ନାହିଁ । ଖୁବ୍ ଚିନ୍ତିତ ଆଖି ନେଇ ଚାରିଦିଗକୁ ଚାହୁଁଥିଲେ ସେ ।

ପ୍ରଶ୍ନିଳ ଆଖିରେ କଲେକ୍ଟର ଚାହିଁଲେ ଏସ୍.ଡ଼ି.ଓ.ଙ୍କୁ ଆଉ ବି.ଡ଼ି.ଓ.ଙ୍କୁ । ଚେୟାରମ୍ୟାନ ସରପଞ୍ଚଙ୍କ ସାଙ୍ଗରେ ଫୁସ୍‌ଫାସ୍ ହେଲେ । ଅନ୍ୟାନ୍ୟ ଅଫିସରମାନେ ଝଡ଼ର ଆଶଙ୍କା କରି ନିଜ ନିଜ ଭିତରେ ଛୋଟ ଛୋଟ କୁଣ୍ଡଳି ଗଢି ପରସ୍ପରକୁ ପଚାରିଲେ—ମନ୍ତ୍ରୀ କାହିଁକି ବିଗିଡ଼ିଛନ୍ତି ? କ'ଣ ଅସୁବିଧା ହେଲା ? ସବୁତ ଠିକ୍ ଅଛି ।

Digitized by srujanika@gmail.com

କାହାରି ସାହସ କୁଳେଇଲା ନାହିଁ ମନ୍ତ୍ରୀଙ୍କ ସାମ୍ନନାକୁ ଯିବାପାଇଁ । ସମସ୍ତେ ପରସ୍ପରର ମୁହଁକୁ ଗ୍ୱହିଁଲେ ।

କିଛିଟା ସାହାସ ସଞ୍ଚୟ କରି କଲେକ୍ଟର ମନ୍ତ୍ରୀଙ୍କ ନିକଟସ୍ଥ ହେଲେ । କଥାଟା କେମିତି ଆରମ୍ଭ କରିବେ ବହୁତ ଭାବି ଚିନ୍ତି କହିଲେ– ସାର୍ କିଛି ଅସୁବିଧା ହେଲାକି ?

ମନ୍ତ୍ରୀ ନିରୁତ୍ତର । ଖୁବ୍ ଦୂରରେ କୌଣସି ଏକ ବିନ୍ଦୁରେ ମନ୍ତ୍ରୀଙ୍କ ଆଖି ଦୁଇଟା ଲାଖି ଯାଇଛି । ସେଠୁ ଆଉ ଫେରୁନାହିଁ । କଲେକ୍ଟରଙ୍କ ଉପସ୍ଥିତି ମନ୍ତ୍ରୀଙ୍କୁ ବୋଧହୁଏ ଜଣାପଡ଼ି ନାହିଁ ।

ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବାପାଇଁ କଲେକ୍ଟର ସେହି କଥାକୁ ଆଉ ଥରେ ଦୋହରାଇଲେ । ତଥାପି ମନ୍ତ୍ରୀଙ୍କ ଦୃଷ୍ଟି ସେ ଦୂର ବିନ୍ଦୁରୁ ଫେରିଲା ନାହିଁ ।

ସଭରେ ଉପସ୍ଥିତ ଥିବା ଲୋକମାଙ୍କର କୋଳାହଳ ଧୀରେ ଧୀରେ କମିଗଲା । ସଂକୀର୍ତ୍ତନ ବନ୍ଦ ହୋଇଗଲା । ମନ୍ତ୍ରୀଙ୍କ ଏଇ ଅଭାବନୀୟ ଭାବାବିଷ୍ଟ ମୂର୍ତ୍ତିକୁ ସମସ୍ତେ ବିସ୍ମୟ ବିସ୍ଫାରିତ ନେତ୍ରରେ ଗ୍ୱହିଁ ରହିଲେ ।

କଲେକ୍ଟର ସମସ୍ତ ଅଫିସରଙ୍କ ମଝିରେ ଠିଆ ଠିଆ ପରାମର୍ଶ କରୁଥିଲେ । ଏଇ ମନ୍ତ୍ରୀ ଆଠ ଦିନ ତଳେ ନୂଆ ଭାବରେ ମନ୍ତ୍ରୀମଣ୍ଡଳରେ ସ୍ଥାନ ପାଇଛନ୍ତି । ତାଙ୍କ ବିଷୟରେ କାହାରିକୁ କିଛି ଜଣାନାହିଁ । ମନ୍ତ୍ରୀ ଏମିତି ନିର୍ବାକ ଭାବରେ ଠିଆହେଲେ କାହିଁକି ? ପନ୍ଦର ବର୍ଷର ତାଙ୍କ ଗ୍ୱକିରି କାଳ ମଧ୍ୟରେ ଏମିତି ଏକ ଅଦ୍ଭୁତ ପରିସ୍ଥିତିର ସମ୍ମୁଖୀନ ହୋଇ ନଥିଲେ ସେ ।

ତ୍ରୈଲୋଚନବାବୁ ପୁରୁଖା ରାଜନୈତିକ କର୍ମୀ । ଆଉ ଉପାୟ ନ ପାଇ କଲେକ୍ଟର ତାଙ୍କ ସହିତ ପରାମର୍ଶ କଲେ । ତ୍ରୈଲୋଚନବାବୁ କିଛି ସମୟ ଭାବିଲା ପରେ ତାଙ୍କ ମୁଣ୍ଡକୁ ଗୋଟିଏ ବୁଦ୍ଧି ଜୁଟିଲା । ଫୁଲହାର ଧରି ଠିଆ ହୋଇଥିବା ଝିଅ ଦୁଇଟିଙ୍କ ହାତରୁ ଫୁଲହାର ନେଇ ମନ୍ତ୍ରୀଙ୍କ ଗଳାରେ ଲମ୍ବାଇ ଦେଲେ ତ୍ରୈଲୋଚନବାବୁ । ମନ୍ତ୍ରୀ ଚମକି ପଡ଼ି ତ୍ରୈଲୋଚନ ବାବୁଙ୍କ ହାତକୁ ଧରି କହିଲେ– ଏସବୁ କ'ଣ ହେଉଛି । ହରିବୋଲ, ହୁଳହୁଳି, ଶଙ୍ଖଧ୍ୱନି, ଜୟଧ୍ୱନି, ଫୁଲମାଳ ଏସବୁ ମୋ ଉଦ୍ଦେଶ୍ୟରେ କାହିଁକି ଆୟୋଜନ କରାଯାଇଛି । ଏ ରାଜକୀୟ

Digitized by srujanika@gmail.com

ଅଭ୍ୟର୍ଥନା ଦେଖି ମୁଁ ଲଜ୍ଜିତ । ଇତିହାସ ବର୍ଣ୍ଣିତ ରଜା, ମହାରଜାଙ୍କ ସମ୍ବର୍ଦ୍ଧନା ଢାଞ୍ଚାରେ ମୋତେ ସମ୍ବର୍ଦ୍ଧନା ଦିଆଯାଇ ମୋତେ ସିଂହାସନରେ ଅଧିଷ୍ଠିତ କରିବା ପାଇଁ ମଞ୍ଚ ପ୍ରସ୍ତୁତ ହୋଇଛି । ମୁଁ କ'ଣ ରଜାନା ସମ୍ରାଟ ? ଏବେ ବି କଣ ରଜ ଶାସନ ଚାଲିଛି ବୋଲି ଆପଣମାନେ ଲୋକମାନଙ୍କ ମନରେ ଧାରଣା ସୃଷ୍ଟି କରୁଛନ୍ତି ।

ବୈଲୋଚନବାବୁ କଥାଟାକୁ ହାଲୁକା ଭାବରେ ଉଡ଼େଇ ଦେବାକୁ ଯାଇ କହିଲେ– ଆପଣ ରଜା ନହେଲେ କ'ଣ ହେଲା, ମନ୍ତ୍ରୀତ ? ଆଗେ ରଜାମାନେ ରଜ ଶାସନ କରୁଥିଲେ । କିନ୍ତୁ ଯୁଗ ବଦଳି ଗଲା; ଏବେ ମନ୍ତ୍ରୀମାନେ ଶାସନ କରୁଛନ୍ତି । ଆପଣମାନେ ହେଲେ ଭଗବାନଙ୍କର ଗୋଟିଏ ଗୋଟିଏ ଅବତାର । ଚଳନ୍ତି ଠାକୁର । ଆପଣଙ୍କୁ ପୂଜା ନକରି ଆଉ କ'ଣ କାଠ, ପଥରକୁ ପୂଜା କରିବୁ ? କାଠ ପଥର କ'ଣ ଆମ କଥା ଶୁଣିବେ ? ଏ ଅଞ୍ଚଳର ଅଭାବ ଅସୁବିଧା ଦୂର କରିବେ ?

ବହୁତ ଲୋକ ଏକାବେଳକେ ପାଟିକରି ଉଠିଲେ– ଆପଣ ଆମର ଦେବତା । ଆମେ ଆପଣଙ୍କୁ ପୂଜା କରିବୁ, ଗୁହାରି ଜଣାଇବୁ ।

ବୈଲୋଚନବାବୁଙ୍କ ଇଙ୍ଗିତରେ ଦୁଇଜଣ ସତୁରି ବର୍ଷର ବୁଢ଼ା ମନ୍ତ୍ରୀଙ୍କ ଦୁଇ ଗୋଡ଼କୁ କୁଣ୍ଢାଇ ତଳେ ବସିପଡ଼ିଲେ । ଆଖିରୁ ଲୁହ ଗଡ଼ାଇ ବଡ଼ପାଟିରେ ଚିତ୍କାର କରି ଉଠିଲେ– ଆପଣ ଆମର ମାଆ, ବାପ । ଆମର ଯଦି କିଛି ଭୁଲ ଥାଏ କ୍ଷମା କରନ୍ତୁ ଆଜ୍ଞା ।

ଖୁବ୍ ଧୀର ଭାବରେ ସେ ଦୁଇ ଜଣଙ୍କୁ ମନ୍ତ୍ରୀ ତଳୁ ଉଠାଇ ଠିଆକଲେ । ମଞ୍ଚ ଚାରିପାଖ ଛାଡ଼ି ଲୋକମାନେ ମନ୍ତ୍ରୀଙ୍କୁ ଚାରିଦିଗରୁ ଘେରି ଠିଆ ହୋଇ ଥାଆନ୍ତି । ସମସ୍ତଙ୍କ ମୁହଁ ଆଉ ଆଖିରେ ମେଞ୍ଚା ମେଞ୍ଚା ବିସ୍ମୟର ଦାଗ ।

ମନ୍ତ୍ରୀ ପୁଣି ଥରେ ଲୋକମାନଙ୍କୁ ବୁଝାଇବାକୁ ଉଦ୍ୟମ କଲେ– ମୁଁ ଆପଣଙ୍କର ରଜା, ମନ୍ତ୍ରୀ କି ଠାକୁର ନୁହଁ, ସେବକ । ମୋତେ ସେଇ ସେବକର ଆସନ ଦିଅନ୍ତୁ । ଆପଣମାନଙ୍କର ସେବାକରିବାର ସୁଯୋଗ ଦିଅନ୍ତୁ ।

Digitized by srujanika@gmail.com

ବୈରୋଚନବାବୁ, ଚେୟାରମ୍ୟାନ ଓ ସରପଞ୍ଚଙ୍କ ନେତୃତ୍ୱରେ ଲୋକମାନେ ମନ୍ତ୍ରୀଙ୍କୁ ଉପରକୁ ଉପରକୁ ଆହୁରି ଉପରକୁ ଟେକି ଚାଲିଲେ । କୌଣସି କାରଣରୁ ରୁଷିଥିବା ମଣିଷକୁ ବିଭିନ୍ନ ଭାବରେ ପ୍ରଶଂସା କରି ତାର ଅଭିମାନ ଭଙ୍ଗ କରିବାକୁ ଚେଷ୍ଟା କରିବା ପରି ସେମାନେ ମନ୍ତ୍ରୀଙ୍କୁ କହିଚାଲିଲେ– ଆପଣ ଆମର ମାଆବାପ, ଆମର ଦେବତା, ଚଳନ୍ତି ଠାକୁର ।

ମନ୍ତ୍ରୀଙ୍କ ସାଙ୍ଗରେ ଆସିଥିବା କଲେକ୍ଟର ଆଉ ଜିଲ୍ଲାସ୍ତରର ଅନ୍ୟାନ୍ୟ ଅଫିସରମାନେ ଏ ପ୍ରହସନ ଦେଖି ଠିଆ ହୋଇଥିବା ସ୍ଥାନରେ କାଠ କଣ୍ଢେଇ ପାଲଟି ଗଲେ । ଚାହିଁଚନ୍ତି ଆଖିରେ ପଲକ ପଡୁନାହିଁ । ଶୁଣୁଛନ୍ତି କିଛି ବୁଝିପାରୁ ନାହାଁନ୍ତି ।

ମାନପତ୍ର, ଫୁଲମାଳ, ସ୍ୱାଗତ ସଙ୍ଗୀତ ମନ୍ତ୍ରୀ ଏସବୁ କିଛି ଗ୍ରହଣ କଲେ ନାହିଁ । ଲୋକ ଗହଳି ଭିତରୁ ଜଣେ ଅତି ନିରିହ ବୃଦ୍ଧଲୋକର ହାତଧରି ମନ୍ତ୍ରୀ ନେଇ ଆସିଲେ ଡ଼ାକ୍ତର ଖାନା ପାଖକୁ । ବୃଦ୍ଧଟି ଲାଜ, ଭୟ ଆଉ ସଙ୍କୋଚରେ ଖଇପରି ସଂକୁଚିତ ହୋଇ ଯାଉଥିଲା । ମନ୍ତ୍ରୀ କହିବା ଅନୁସାରେ ସେଇ ବୃଦ୍ଧ ଥରିଲା ଥରିଲା ହାତରେ ରିବନକାଟି ଡାକ୍ତରଖାନା ଉଦ୍‌ଘାଟନ କଲା । ମନ୍ତ୍ରୀ ନିଜେ ହାତ ତାଳି ଦେଲେ ।

ସଭା ହେଲା ନାହିଁ କି ମନ୍ତ୍ରୀ କିଛି ଭାଷଣ ଦେଲେ ନାହିଁ । ଲୋକମାନଙ୍କ ଭିତରେ ବୁଲି ବୁଲି ସେମାନଙ୍କର ଅଭାବ ଅସୁବିଧା ବିଷୟରେ ପଚାରି କାଗଜରେ ଲେଖି ନେଲେ । ଆଉ କହିଲେ– ମନ୍ତ୍ରୀମାନଙ୍କୁ ଆପଣମାନେ ଏପର୍ଯ୍ୟନ୍ତ ସାଧାରଣ ମଣିଷମାନଙ୍କଠୁ ବଡ଼ ମନେକରି ଆସିଛନ୍ତି । ଏମିତି ସେମାନେ ଏ ସାଧାରଣ ମଣିଷମାନଙ୍କର ପ୍ରଭୁ ବୋଲି ଭାବୁଛନ୍ତି । କାନ୍ଦୁସ ହୋଇ ସେମାନଙ୍କୁ ହାତଯୋଡ଼ି, ସେମାନଙ୍କ ପଛରେ ଗୋଡ଼ାଇ, ଫୁଲମାଳ ଦେଇ ଜୟଜୟ କାର କରି ଏଇ ଧାରଣା କୁ ଆପଣମାନେ ଦିନକୁଦିନ ଟାଣ କରୁଛନ୍ତି । ଏଟା ଗଣତନ୍ତ୍ର ପାଇଁ ମୋଟେ ଶୁଭଙ୍କର ନୁହେଁ ।

ମୋର ଆପଣମାନଙ୍କୁ ବିନମ୍ର ନିବେଦନ, ଆପଣମାନେ ଏ ମନବୃତ୍ତି ବଦଳାନ୍ତୁ । ଏମିତି ପରିସ୍ଥିତି ସୃଷ୍ଟି କରନ୍ତୁ ଯେମିତି ମନ୍ତ୍ରୀମାନେ ଆପଣମାନଙ୍କୁ

Digitized by srujanika@gmail.com

ସେମାନଙ୍କର ମାଲିକ ବୋଲି ମାନିବେ । ଜଣେ ସାଧାରଣ ମଣିଷକୁ ଦେଖିଲେ ଆସନ ଛାଡ଼ି ଠିଆହୋଇ ସମ୍ମାନ ଦେଖାଇବେ ।

ମନ୍ତ୍ରୀମାନେ ଆପଣମାନଙ୍କୁ ଖୁସି କରିବାକୁ ଚେଷ୍ଟା କରନ୍ତୁ । ଆପଣମାନେ ସେମାନଙ୍କୁ ଖୁସିକରିବାର ମନବୃତ୍ତି ପରିହାର କରନ୍ତୁ । ଆପଣଙ୍କ ମନରେଥିବା ପ୍ରଭୁ ଆସନରୁ ସେମାନ କୁଓହାଇ ଆଣି ସାଧାରଣ ସେବକ ଆସନରେ ବସାଇ ଦିଅନ୍ତୁ । ଦେଖିବେ ଏଇ ଆସନ ବଦଳ ସାଙ୍ଗେ ସାଙ୍ଗେ ଶାସନ ବି ବଦଳି ଯିବ ।

ମନ୍ତ୍ରୀଙ୍କ ଭୋଜନ ପାଇଁ ଆୟୋଜନ ହୋଇଥିଲା । ମନ୍ତ୍ରୀ ସେ ସବୁକିଛି ନଖାଇ ରାଜଧାନୀରେ କ୍ୟାବିନେଟ ମିଟିଂ ଅଛି ବୋଲି କହି ସଙ୍ଗେ ସଙ୍ଗେ ଫେରି ଗଲେ । ମନ୍ତ୍ରୀଙ୍କ ସଙ୍ଗେ ସଙ୍ଗେ କଲେକ୍ଟର, ଏସ୍.ଡ଼ି.ଓ. ଆଉ ସବୁ ଅଫିସର କିଛି ନଖାଇ ଫେରିଗଲେ ।

●

Digitized by srujanika@gmail.com

ଏଇ ଲେଖକଙ୍କ ଅନ୍ୟାନ୍ୟ ସୃଷ୍ଟି

କ୍ଷୁଦ୍ରଗଳ୍ପ :

- ଧୂଳିଝଡ଼
- ଅନେକ ମୁହଁ
- ଷାଚ୍ୟ
- ମୁହଁସଜ

**ନାଟକ ଓ
ଏକାଙ୍କିକା :**

- ଦୁଇଦିଗନ୍ତ
- ଛିନ୍ନପତ୍ର

ଶିଶୁଗଳ୍ପ :

- ପଶୁରାଇଜର କଥା
  (ରାଜ୍ୟସରକାରଙ୍କ ଦ୍ୱାରା ପୁରସ୍କୃତ)
- ମାଙ୍କଡର ଧରମ ଗୁଅ
- ପିଲାଙ୍କ ଗପଝୁଡ଼ି

ଶିଶୁ କବିତା :

- ଶିଶୁକଥା କବିତା
- ଅକଲ ମକଲ ଟକଲ ଟିଆଁ

Digitized by srujanika@gmail.com